Vol.-I, Issue No. -6
16-30 May, 2022
online portal : odishasanket.com
Mail ID :odishasanket@gmail.com
Price : Rs. 5.00, Page- 8

# ଓଡ଼ିଶା ସଙ୍କେତ
The Odisha Sanket

ସମାଜ ପାଇଁ ଭିନ୍ନ ଏକ ପରିକଳ୍ପନା
R.N.I. Title Code- ODIODI08118


ବିଫଳ ଛାତ୍ରୀ, ସଫଳ ଅଭିନେତ୍ରୀ

## ଓଲଟା ଚଷମା

# ଆଦର୍ଶବାଦ ଅପେକ୍ଷା ପରିବାରବାଦ ଅଧିକ ଗୁରୁତ୍ୱପୂର୍ଣ୍ଣ କି ?

ଭୁବନେଶ୍ୱର: କଂଗ୍ରେସରେ ଏବେବି ଶୀର୍ଷ ନେତୃତ୍ୱ ସ୍ତରରେ ଅସ୍ଥିରତା ଜାରି ରହିଛି। ଜି-୨୩ ଅସନ୍ତୁଷ୍ଟ ଗୋଷ୍ଠୀର ଅନ୍ୟତମ ନେତା କପିଲ ଶିବଲ କଂଗ୍ରେସ ଛାଡ଼ି ସମାଜବାଦୀ ପାର୍ଟି ସହାୟତାରେ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜ୍ୟସଭା ଯାଉଛନ୍ତି। କଂଗ୍ରେସର ଜାତୀୟ ସଭାପତି ନିର୍ବାଚନ ନସରିବା ପର୍ଯ୍ୟନ୍ତ ଜି-୨୩ ଗ୍ରୁପ୍‌ର କାର୍ଯ୍ୟବିଧି ଉପରେ ସମସ୍ତଙ୍କ ନଜର ରହିବ। ଏଠି ଦ୍ୱନ୍ଦ୍ୱହେଲା ପାରିବାରିକ ଗାନ୍ଧି ପରିବାରରେ କଂଗ୍ରେସ ନେତୃତ୍ୱ ରହିବା ଠିକ୍ ନା ଅଣଗାନ୍ଧି ପରିବାର ହାତରେ ନେତୃତ୍ୱ ରହିବା ଠିକ୍? ନା ନେତୃତ୍ୱ ଅପେକ୍ଷା ଦଳୀୟ ଆଦର୍ଶ ଅଧିକ ଗୁରୁତ୍ୱପୂର୍ଣ୍ଣ? ହିଟଲର ପାରିବାରିକ ସୂତ୍ରରେ ନେତୃତ୍ୱ ପାଇନଥିଲେ। କିନ୍ତୁ ସେ ଏକ ଧ୍ୱଂସକାରୀ ଆଦର୍ଶବାଦୀ ଯୋଗୁ ମଣିଷ ସମାଜର ଅଭୂତପୂର୍ବ କ୍ଷତି କରିଥିଲେ। ଅପରପକ୍ଷରେ ସ୍ୱର୍ଗତ ଇନ୍ଦିରାଗାନ୍ଧୀ ଓ ସ୍ୱର୍ଗତ ରାଜୀବ ଗାନ୍ଧୀ ପାରିପାରିକ ସୂତ୍ରରୁ ନେତୃତ୍ୱ ପାଇଥିଲେ ବି ଦେଶପାଇଁ ଜୀବନ ଦେଇଥିଲେ ଏବଂ କେତେକ ବୈପ୍ଲବିକ ଯୋଜନା ଦେଶରେ ପ୍ରଣୟନ କରିଥିଲେ। ଯଥା- ବ୍ୟାଙ୍କ ଜାତୀୟକରଣ, ସ୍ୱତନ୍ତ୍ର ଗରିବ ଦୂରୀକରଣ କାର୍ଯ୍ୟକ୍ରମ, ୧୮ବର୍ଷରେ ନାଗରିକତ୍ୱ ପ୍ରଦାନ, ପଂଚାୟତିରାଜକୁ ସ୍ୱତନ୍ତ୍ର ସାମ୍ବିଧାନିକ ମାନ୍ୟତା ପ୍ରଦାନ ଇତ୍ୟାଦି। ତେଣୁ ପାରିବାରିକବାଦ ଆଗ ନା ଆଦର୍ଶବାଦ ଆଗ? ଲୋକଙ୍କ ହିତ ଦୃଷ୍ଟିରୁ ରାଜନୈତିକ ଦଳମାନଙ୍କ ପାଇଁ କେଉଁଟା ଆଗ ତାହା ଆଲୋଚନାର ବିଷୟ।

ଦେଶରେ ରାଜନୈତିକ ଦୃଷ୍ଟିରୁ ମୁଖ୍ୟ ବିରୋଧୀ ଦଳ କୁହାଯାଉଥିବା ଯାହାକି ଦେଶ ସ୍ୱାଧୀନତାରେ ପ୍ରମୁଖ ଭୂମିକା ଗ୍ରହଣ କରି ସ୍ୱାଧୀନତା ପରେ ଅର୍ଦ୍ଧଶତାବ୍ଦୀ ଧରି ଦେଶର ଶାସନ ପରିଚାଳନା କରିଛି ସେହି ଦଳର ଗତ ସାତ ବର୍ଷ ଭିତରେ କ୍ରମାନ୍ୱୟ ଶକ୍ତି କ୍ଷୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜାତୀୟ ବିକଳ୍ପ ନେଇ ବିଭିନ୍ନ ପ୍ରକାର ପ୍ରଶ୍ନ ଓ ଆଲୋଚନା ଚାଲିବା ସ୍ୱାଭାବିକ। ସେହି କାରଣରୁ ଗତ ୫ଟି ରାଜ୍ୟ ବିଧାନସଭା ନିର୍ବାଚନ ପରେ ପରେ କଂଗ୍ରେସ ଦଳକୁ ପୁର୍ନଜୀବିତ କରିବା ପାଇଁ ଦଳ ଭିତରୁ ଓ ବାହାରୁ ନେତୃତ୍ୱ ଉପରେ ଚାପ ସୃଷ୍ଟିହେବା ସ୍ୱାଭାବିକ। ବାସ୍ତବରେ ଦଳର ନେତୃତ୍ୱକୁ ନେଇ ଗତ କେତେବର୍ଷ ଭିତରେ ଦଳର କାର୍ଯ୍ୟକଳାପ ଓ ସାଂଗଠିକ ବ୍ୟବସ୍ଥାକୁ ଦେଖି ଦଳ ଭିତରୁ ଗୋଟିଏ ଗୋଷ୍ଠୀ ବରାବର କଂଗ୍ରେସରେ ନୂଆ ଓ ସଠିକ୍ ନେତୃତ୍ୱ ସହ ସାଂଗଠନିକ ଅଦଳବଦଳ ପାଇଁ ଚାପ ପକାଇ ଆସୁଥିଲେ। ଏହା କେହି ଅସ୍ୱୀକାର କରିପାରିବେ ନାହିଁ ଯେ, ବର୍ତ୍ତମାନର କଂଗ୍ରେସ ନେତୃତ୍ୱ ମୁଖ୍ୟତଃ ଗାନ୍ଧୀ ପରିବାରକୁ କେନ୍ଦ୍ରକରି ଚାଲିଛି। ସୋନିଆ ଗାନ୍ଧୀ ୧୯୯୮ରୁ ଏପର୍ଯ୍ୟନ୍ତ କଂଗ୍ରେସ ସଭାପତି ଅଛନ୍ତି। ମଝିରେ ରାହୁଳ ଗାନ୍ଧୀ ସେହି ଦାୟିତ୍ୱରେ ଥିଲେ। ସୋନିଆ ଗାନ୍ଧୀଙ୍କ ନେତୃତ୍ୱ କାଳରେ କଂଗ୍ରେସ ବାଜପେୟୀଙ୍କ ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଂଟକୁ ପରାସ୍ତ କରି କଂଗ୍ରେସ ନେତୃତ୍ୱାଧୀନ ମେଂଟ (ୟୁପିଏ)ରେ ୧୦ବର୍ଷ କ୍ଷମତା ଉପଭୋଗ କରିଛି। ବାସ୍ତବିକ ଏହି କାରଣ ପାଇଁ କଂଗ୍ରେସ ଦଳରେ ପ୍ରାୟ ସମସ୍ତେ ସୋନିଆ ଗାନ୍ଧୀଙ୍କ ନେତୃତ୍ୱ ପ୍ରତି ଅଙ୍ଗୁଳି ଉଠାଇବାକୁ ସହଜରେ ସାହସ କରନ୍ତି ନାହିଁ। କିନ୍ତୁ ୨୦୧୯ରେ ଯେତେବେଳେ ରାହୁଳ ଦଳର ସଭାପତି ପଦରେ ଥିଲେ ସେତେବେଳେ ତାଙ୍କୁ ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ଭାବରେ ଉପସ୍ଥାପିତ କରାଯାଇଥିଲା ଓ ନିର୍ବାଚନରେ କଂଗ୍ରେସ ଦଳ ପ୍ରାୟ ୧୯କୋଟିରୁ ଉର୍ଦ୍ଧ୍ୱ ଭୋଟ୍ ପାଇଥିଲେ ମଧ ଲୋକସଭାରେ ସ୍ୱୀକୃତିପ୍ରାପ୍ତ ବିରୋଧୀ ଦଳ ହେବା ପାଇଁ ଆସନ ପାଇନାହିଁ। ଖୋଦ୍ ରାହୁଳ ଗାନ୍ଧୀ ୨୦୧୯ରେ କେରଳରେ ଏକ ଆସନରୁ ନିର୍ବାଚିତ ହୋଇଥିଲେ ମଧ ପାରମ୍ପରିକ ଆସନ ଆମେଥିରୁ ପରାସ୍ତ ହୋଇଥିଲେ। ନିର୍ବାଚନ ସମୟରେ କଂଗ୍ରେସ ନେତାମାନଙ୍କର ଆଚରଣ ଓ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ହୋଇ ସେ ଇସ୍ତଫା ଦେଇଥିଲେ। କିନ୍ତୁ ଆଶ୍ଚର୍ଯ୍ୟର କଥା ଗତ ତିନିବର୍ଷ ହେଲା ସୋନିଆ ଗାନ୍ଧୀ ମଧ୍ୟବର୍ତୀକାଳୀନ ସଭାପତି ଆସନରେ ରହିଥିଲେ ମଧ ଦଳର ପ୍ରତ୍ୟେକଟି ନିଷ୍ପତି ଓ ନିର୍ଦ୍ଦେଶ ପଛରେ ରାହୁଳ ଗାନ୍ଧୀ ହିଁ ମୁଖ୍ୟ ଭୂମିକାରେ ରହିଛନ୍ତି। ସୋନିଆଙ୍କ ଅସୁସ୍ଥତା ଏହାର ଏକ କାରଣ କହିବା ଆଦୌ ଠିକ୍ ନୁହେଁ। ଅପରପକ୍ଷରେ ପ୍ରିୟଙ୍କା ଗାନ୍ଧୀ ୨୦୧୯ ନିର୍ବାଚନ ପୂର୍ବରୁ ଦଳର ସାଧାରଣ ସଂପାଦିକା ଭାବରେ କାମ କରିବା ସହିତ ଗତ ଉତରପ୍ରଦେଶ ବିଧାନସଭା ନିର୍ବାଚନରେ ସର୍ବମୟ କର୍ତା ଭାବରେ କାମ କରିଛନ୍ତି। ଏହି ତିନିଜଣଙ୍କ ବାହାରେ ଦଳର ମୁଷ୍ଟିମେୟ କିଛି ନେତା ଯେଉଁମାନେ ନିଜକୁ ଗାନ୍ଧୀ ପରିବାରର ଅନୁଗତ ଓ ବିଶ୍ୱସ୍ଥ ବୋଲି ଦାବି କରୁଛନ୍ତି ସେମାନେ କଂଗ୍ରେସ କାର୍ଯ୍ୟକାରୀ କମିଟି ଓ ପ୍ରତ୍ୟେକ ଏଆଇସିସିର ପଦପଦବୀରେ ଅଧିଷ୍ଠିତ ହୋଇରହିଛନ୍ତି। ଏହି ଅବସ୍ଥାରେ କଂଗ୍ରେସ ଦଳର ଆମୂଳଚୂଳ ସାଂଗଠନିକ ପରିବର୍ତନ ସହିତ ନିର୍ବାଚନ ଜିତିବା ପାଇଁ କାର୍ଯ୍ୟକ୍ରମ ସ୍ଥିର କରିବାକୁ ରଣନୀତିକାର ପ୍ରଶାନ୍ତ କିଶୋରଙ୍କ ସାହାଯ୍ୟ କଂଗ୍ରେସ ନେଇଥିଲା। ଏଥିରେ ପ୍ରଶାନ୍ତ କିଶୋର ତାଙ୍କର ବିଭିନ୍ନ ତଥ୍ୟଭିତିକ ଦୃଷ୍ଟିଭଙ୍ଗୀ ନେଇ କଂଗ୍ରେସ ଦଳ କିପରି ପରିବର୍ତିତ ହେବା ଉଚିତ ସେ ସଂପର୍କରେ ୬୦୦ରୁ ଉର୍ଦ୍ଧ ବିଭିନ୍ନ ସ୍ଲାଇଡ୍ସ ଜରିଆରେ କ'ଣ କରାଯିବା ଆବଶ୍ୟକ ତାହା କଂଗ୍ରେସର ଗାନ୍ଧୀ ପରିବାରର ତିନିଜଣ ସଦସ୍ୟଙ୍କ ସହିତ ବରିଷ୍ଠ କିଛି ନେତାମାନଙ୍କୁ ବୁଝାଇଥିଲେ। ଆଶା କରାଯାଉଥିଲା ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଜଣେ ରଣନୀତିକାର ଭାବରେ ନୁହଁନ୍ତି, ଜଣେ ରାଜନେତା ଭାବରେ ପ୍ରଶାନ୍ତ କିଶୋର କଂଗ୍ରେସ ସହିତ ସାମିଲ୍ ହେବେ। କିନ୍ତୁ ତାହା ହେଲାନାହିଁ। ପ୍ରଶାନ୍ତ କିଶୋର ଅଲଗା ହୋଇ ବିହାରରେ ନିଜସ୍ୱ ରାଜନୈତିକ ଅଭିଯାନ ୩ ହଜାର କିଲୋମିଟର ପଦଯାତ୍ରା ଜରିଆରେ ଗାନ୍ଧୀ ଜୟନ୍ତୀ ଦିବସରେ ଗାନ୍ଧୀଙ୍କ ପ୍ରଥମ ସତ୍ୟାଗ୍ରହ ସ୍ଥଳୀ ଚମ୍ପାରନ୍‌ରୁ ଆରମ୍ଭ କରିବେ ବୋଲି ଘୋଷଣା କରିଥିଲେ। ଏହି ଅଭିଯାନର ନାମ 'ଜନ୍ ସ୍ୱରାଜ' ହେବ ଓ ପଛରେ ପଡ଼ିଥିବା ବିହାରକୁ ସବୁକ୍ଷେତ୍ରରେ ଆଗକୁ ନେବା ଏହାର ଲକ୍ଷ୍ୟ ହେବ ବୋଲି କୁହାଯାଇଛି। ବିହାର ପ୍ରଶାନ୍ତ କିଶୋରଙ୍କର ନିଜ ରାଜ୍ୟ ହୋଇଥିବାରୁ ସେଠାରୁ ସେ



ଅଭିଯାନ ଆରମ୍ଭ କରିବା ସ୍ୱାଭାବିକ। କିନ୍ତୁ ବିହାର ରାଜନୈତିକ ରଙ୍ଗମଂଚରେ ବିଜେପି, ରାଷ୍ଟ୍ରୀୟ ଜନତା ଦଳ ଓ ନୀତିଶ କୁମାରଙ୍କ ଜନତା ଦଳ (ୟୁ) ପ୍ରମୁଖ ଭାବରେ ରହିଥିବା ସମୟରେ ବିଭିନ୍ନ ଜାତି ଆଧାରିତ ଛୋଟ ଛୋଟ ଦଳ ଓ ସିପିଏମ୍‌ଏଲ୍ ଲିବରେସନ ପରି କମ୍ୟୁନିଷ୍ଟ ଦଳ ବି ରହିଛି। ଏଥିରେ 'ଜନ୍ ସ୍ୱରାଜ' ସ୍ଲୋଗାନ ଉପରେ ପଦଯାତ୍ରା ଜରିଆରେ ଲୋକମାନଙ୍କୁ ସଂଗଠିତ କରିବା ନିମନ୍ତେ ପ୍ରଶାନ୍ତ କିଶୋରଙ୍କ ପାଖରେ କି ଅସ୍ତ୍ର ଅଛି ତାହା ଜଣାନାହିଁ। କିନ୍ତୁ ବିହାର ଭାରତୀୟ ରାଜନୀତିରେ ନୂଆ ରାସ୍ତା ଓ ନୂଆ ଆନ୍ଦୋଳନର ଅନେକ ସମୟରେ ମାର୍ଗ ନିର୍ଦ୍ଧାରଣ କରିଛି। କିନ୍ତୁ ପ୍ରଶାନ୍ତ କିଶୋରଙ୍କ ନେତୃତ୍ୱରେ ସେହିପରି ଏକ ମାର୍ଗ ମିଳିବ ବୋଲି ସହଜରେ ବିଶ୍ୱାସ କରିହେଉନି।

ପ୍ରଶାନ୍ତ କିଶୋରଙ୍କ କଂଗ୍ରେସ ଆଲୋଚନାରୁ ଅଲଗା ହେଲାପରେ ମଧ କଂଗ୍ରେସ ଦଳ ଉଦୟପୁରରେ ତିନିଦିନ ବ୍ୟାପୀ ଦଳର ପ୍ରାୟ ୪୦୦ ବରିଷ୍ଠ ନେତାମାନଙ୍କୁ ନେଇ ଚିନ୍ତନ ଶିବିରର ଆୟୋଜନ କରି ଯେଉଁସବୁ ପ୍ରସ୍ତାବ ଓ କାର୍ଯ୍ୟକ୍ରମ ଗ୍ରହଣ କରିଛନ୍ତି ତାହା ପ୍ରଶଂସନୀୟ ହେଲେ ମଧ ସେଗୁଡ଼ିକ ପ୍ରକୃତରେ କାର୍ଯ୍ୟକାରୀ ହୋଇପାରିବ ବୋଲି ସହଜରେ ବିଶ୍ୱାସ କରିହେଉନାହିଁ। ୮୦ଦଶକ ପୂର୍ବରୁ କଂଗ୍ରେସରେ ଯେଉଁ ସର୍ବୋଚ୍ଚ ସଂସଦୀୟ ବୋର୍ଡ ଥିଲା ସେହି ଅବସ୍ଥା ଚାଲୁ କରିବା ପାଇଁ କଂଗ୍ରେସର ବିଦ୍ରୋହୀ ଗୋଷ୍ଠୀ କୁହାଯାଉଥିବା ଜି-୨୩ ଯେଉଁ ପ୍ରସ୍ତାବ ଦେଇଥିଲେ ତାହାକୁ ଗ୍ରହଣ କରାଗଲା ନାହିଁ। ଅପରପକ୍ଷରେ ସଂସଦୀୟ ବୋର୍ଡ ବଦଳରେ କଂଗ୍ରେସ କାର୍ଯ୍ୟକାରୀ କମିଟିରୁ କିଛି ସଦସ୍ୟଙ୍କୁ ନେଇ ଏକ ରାଜନୈତିକ ବ୍ୟାପାର କମିଟି ଜାତୀୟ ସ୍ତରରେ ଓ ସେହିପରି ରାଜ୍ୟମାନଙ୍କରେ ଗଠନ କରାଯିବ ବୋଲି କୁହାଯାଇଛି। କିନ୍ତୁ ରାଜନୈତିକ ବ୍ୟାପାର କମିଟିର ସଂସଦୀୟ ବୋର୍ଡ ପରି ଚୂଡ଼ାନ୍ତ ନିଷ୍ପତି ନେବା ଅଧିକାର ରହିବ ନାହିଁ। କଂଗ୍ରେସରେ ଯୁବକମାନଙ୍କୁ ସୁବିଧା ଦେବା ପାଇଁ ୫୦ଭାଗ ଆସନ ଓ ପଦପଦବୀ ୫୦ବର୍ଷ ବୟସରୁ କମ୍ ଯୁବକମାନଙ୍କୁ ଦିଆଯିବ ବୋଲି କୁହାଯାଇଛି। କେବଳ ସେତିକି ନୁହେଁ, କୌଣସି ପଦପଦବୀରେ କେହି ବି ୫ବର୍ଷରୁ ଅଧିକ ରହିବେ ନାହିଁ ଓ କୌଣସି ପରିବାରରୁ ଦ୍ୱିତୀୟ ବ୍ୟକ୍ତିଙ୍କୁ ଟିକେଟ ଦେବାକୁ ହେଲେ ସଂପୃକ୍ତ ବ୍ୟକ୍ତି ଅତି କମ୍‌ରେ ୫ବର୍ଷ ଦଳରେ କାମ କରିଥିବା ଆବଶ୍ୟକ ବୋଲି ନୀତି ସ୍ଥିର କରାଯାଇଛି। କେବଳ ସେତିକି ନୁହେଁ, ଦଳକୁ ଲୋକମାନଙ୍କ ନିକଟତର ହେବା ପାଇଁ ଅଗଷ୍ଟ ୮କ୍ରାନ୍ତି ଦିବସରୁ ଦଳ ପକ୍ଷରୁ ସବୁସ୍ତରରେ ପ୍ରତ୍ୟେକ ସଂଗଠନ ୭୫ କିମି. ଯାତ୍ରା କରିବେ ଓ ଗାନ୍ଧୀ ଜୟନ୍ତୀରୁ କାଶ୍ମୀରରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ଏକ 'ଭାରତ ଯୋଡ଼' ଅଭିଯାନରେ କଂଗ୍ରେସ ଦଳ ପଦଯାତ୍ରା ଅଭିଯାନ ଆରମ୍ଭ କରିବେ ବୋଲି ଘୋଷଣା କରାଯାଇଛି। ସବୁଠାରୁ ଉଲ୍ଲେଖନୀୟ କଥାଯେ, ଚିନ୍ତନ ଶିବିରରେ ରାହୁଳ ଗାନ୍ଧୀ ବିଜେପି ଓ ଆରଏସ୍‌ଏସ୍ ବିରୋଧରେ କଂଗ୍ରେସର ଲଢ଼େଇ କେବଳ ଏକ ରାଜନୈତିକ ଲଢ଼େଇ ନୁହେଁ, ଏହା ଏକ ବିଚାରାଧାରା ଉପରେ ପ୍ରତିଷ୍ଠିତ ବୋଲି ଉଲ୍ଲେଖକରି ଆଂଚଳିକ ଦଳମାନେ ଏହି ଲଢ଼େଇ କରିପାରିବେ ନାହିଁ ବୋଲି ହଠାତ୍ ମତଦେଇଥିଲେ, ଯଦିଓ ପରେ ଦଳର ପ୍ରସ୍ତାବରେ ଦେଶର ସବୁ ଅଂଚଳରେ ସମଭାବାପନ୍ନ ଦଳମାନଙ୍କ ସହିତ କଂଗ୍ରେସ ଦଳ ମେଂଟ ଓ ଯୋଗାଯୋଗ କରିବେ ବୋଲି ନିଷ୍ପତି ନିଆଯାଇଛି। ରାହୁଳ ଗାନ୍ଧୀଙ୍କ ବିଚାରାଧାରା ସଂପୂର୍ଣ୍ଣ ଭାବରେ କଂଗ୍ରେସ ବିଚାରାଧାରା ବୋଲି କହିବା ମୁସ୍କିଲ। ରାହୁଳ ନିକଟରେ ଲଣ୍ଡନରେ ଏକ କାର୍ଯ୍ୟକ୍ରମରେ ସ୍ପଷ୍ଟ ଭାବରେ କହିଥିଲେ ଯେ, ଆରଏସ୍‌ଏସ୍ ଦେଶର ସବୁ ଅନୁଷ୍ଠାନକୁ ଦଖଲ କରିଯାଇଛି। ଏହି ଅନୁଷ୍ଠାନଗୁଡ଼ିକରୁ ଆରଏସ୍‌ଏସ୍‌କୁ ହଟାଇବା ଅତି ଜରୁରୀ। ଅସଲକଥା ହେଉଛି ବିଜେପି ହାତରେ ଦେଶର ଗଣମାଧ୍ୟମ ଓ ଗଣଯୋଗାଯୋଗ ବ୍ୟବସ୍ଥା ସଂପୂର୍ଣ୍ଣ ଭାବରେ ନିୟନ୍ତ୍ରିତ ହୋଇଯାଇଛି। ଏପରି ଅବସ୍ଥାରେ କେବଳ ଲୋକମାନଙ୍କୁ ତୃଣମୂଳସ୍ତରରେ ସଂଗଠିତ କରିପାରିଲେ ହିଁ ପରିସ୍ଥିତି ବଦଳିବ। ଏପରିକି ଦେଶର ନିର୍ବାଚନ ବ୍ୟବସ୍ଥା ପରିଚାଳନା କରୁଥିବା ନିର୍ବାଚନୀ କମିଶନ ଓ ଶାସନ ବ୍ୟବସ୍ଥାକୁ ନିୟନ୍ତ୍ରିତ କରୁଥିବା ଅନୁସନ୍ଧାନକାରୀ ସଂସ୍ଥାଗୁଡ଼ିକ ବିଜେପି ଦ୍ୱାରା ନିୟନ୍ତ୍ରିତ ହେଉଛି। ଏପରିକି କଂଗ୍ରେସ ଦଳ ଏକ କ୍ୟାଡରଭିତିକ ଦଳ ଭାବରେ ନୁହେଁ, ଲୋକମାନଙ୍କୁ ସଂଗଠିତ କରି ଲୋକମାନଙ୍କ ସ୍ୱରକୁ ପଦାକୁ ଆଣି ତାହାରି ଉପରେ ଦେଶର ରାଜନୈତିକ ଗତି ନିର୍ଦ୍ଧାରଣ କରିବା ଚାହୁଁଛନ୍ତି। ବାସ୍ତବିକ ରାହୁଳଙ୍କର ବକ୍ତବ୍ୟସବୁ ଦେଖିଲେ ଏବଂ ଯେପରି ଭାବରେ କ୍ରମାଗତ ଭାବରେ ନରେନ୍ଦ୍ର ମୋଦୀ ସରକାରଙ୍କର ବିଭିନ୍ନ ଦୁର୍ବଳତା ଉପରେ ସେ କ୍ରମାଗତ ଭାବରେ ସମାଲୋଚନା କରୁଛନ୍ତି ସେଥିରେ ସେ ଯେଉଁ ପରିମାଣରେ ପ୍ରଶଂସିତ ହେବାକଥା ତାହା ହେଉନାହିଁ। କାରଣ ସେ ନିୟନ୍ତ୍ରଣ କରୁଥିବା କଂଗ୍ରେସ ସଂଗଠନରେ ଲୋକମାନଙ୍କୁ ଆକର୍ଷଣ କରିବା ପରି କୌଣସି କାର୍ଯ୍ୟ ହେଉନାହିଁ। ଏପରିକି ସେ ଯାହା କହୁଛନ୍ତି ସେହି ଅନୁସାରେ ଦଳ କାମ କରୁନାହିଁ। ଯେଉଁଠାରେ ଦଳ ଠାରୁ ନେତୃତ୍ୱର ଦୂରତା ଏତେ ବଢ଼ିଯାଇଛି ସେଠାରେ ସେହି ନେତୃତ୍ୱ ଉପରେ ଭରସା କରି ଜନସାଧାରଣ ଏକ ବିକଳ୍ପ ଚିନ୍ତା କିପରି କରିପାରିବେ ?

କଂଗ୍ରେସ ଭିତରେ ଏବେବି ବିଜେପି ଓ ଆରଏସଏସ୍ ଚିନ୍ତାଧାରାର ବହୁନେତା ରହିଛନ୍ତି। ଏଥିରେ ସେହି ଚିନ୍ତାଧାରା ବିରୋଧରେ ଏହି ଦଳ କିପରି ଲଢ଼େଇ କରିପାରିବ ? ବରଂ ଆରଏସଏସ ଚିନ୍ତାଧାରା ବିରୋଧରେ ଲଢ଼ିବା ସହିତ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ନେହରୁଙ୍କ ଆଦର୍ଶକୁ ନେଇ ଦଳ ଯଦି ସରକାରୀ ଓ ସାଂଗଠନିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିପାରେ ତେବେ ବିକଳ୍ପ ପ୍ରତିଷ୍ଠା ସହଜ ହେବ। ତେବେ ରାହୁଳ ଗାନ୍ଧୀ ଲଗାତର ଭାବରେ ବିଜେପି ଓ ଆରଏସଏସ୍‌ର କମ୍ୟୁନାଲ ଆଦର୍ଶ ବିରୋଧରେ ନିଜର ସଂଗ୍ରାମ ଜାରି ରଖିବା କୌଣସି ଛୋଟକଥା ନୁହେଁ। କିନ୍ତୁ ଏହାକୁ ଦଳର ସମସ୍ତ କର୍ମୀଙ୍କ ପାଖରେ କିପରି ପହଁଚାଯାଇପାରିବ ତାହା ପାଇଁ ଯୋଜନା କରିବା ଦରକାର। କାରଣ ଅନେକ ବର୍ଷ ହେବ କଂଗ୍ରେସ ଏକ ଆଦର୍ଶବାଦ ଉପରେ ଅଧିକ ଗୁରୁତ୍ୱ ଦେଇନାହିଁ, ଯାହା ନେହରୁଙ୍କ ପରେ ରାହୁଳ ଗାନ୍ଧୀ ଗୁରୁତ୍ୱ ଦେଉଛନ୍ତି।

ଏହି ପରିସ୍ଥିତିରେ ଓଡ଼ିଶାରେ କଂଗ୍ରେସ ନେତୃତ୍ୱ ବରିଷ୍ଠ ନେତା ଶରତ ପଟ୍ଟନାୟକଙ୍କ ପାଖକୁ ଯାଇଛି। ଏଥର କଂଗ୍ରେସ ଓଡ଼ିଶାରେ ଯୁବବର୍ଗ, ସଂଖ୍ୟାଲଘୁ, ଓବିସି, ଏସ୍‌ସିଏସ୍‌ଟି କାର୍ଡ ନଖେଳି ପଶ୍ଚିମଓଡ଼ିଶା କାର୍ଡ ଖେଳିବା ପରି ଜଣାପଡୁଛି। ଉଦୟପୁର ଚିନ୍ତନ ଶିବିର ଅନୁସାରେ ଏବଂ ଓଡ଼ିଶାର କଂଗ୍ରେସର ଦୁର୍ବଳ ପରିସ୍ଥିତିକୁ ନେଇ ନୂଆ ସଭାପତି କିପରି ଯୋଜନା କରିବେ ତାହା ଉପରେ ସମସ୍ତଙ୍କ ନଜର ରହିଛି। ଓଡ଼ିଶା କଂଗ୍ରେସ ସର୍ବଦା ନେତୃତ୍ୱ ଉପରେ ଅଧିକ ଗୁରୁତ୍ୱ ଦେଇ ଆଦର୍ଶବାଦ ଉପରେ କମ୍ ଗୁରୁତ୍ୱ ଦେବା ଯୋଗୁ ଆଂଚଳିକ ଆଦର୍ଶବାଦରେ ଗଠିତ ବିଜୁ ଜନତା ଦଳକୁ ସମ୍ମୁଖୀନ ହୋଇପାରୁନାହିଁ। ତେଣୁ କଂଗ୍ରେସ ଅଧ୍ୟକ୍ଷ ଶରତ ପଟ୍ଟନାୟକ ଓଡ଼ିଶା କଂଗ୍ରେସ ପାଇଁ ଜାତୀୟ କଂଗ୍ରେସର ବିଚାର ସହିତ ଓଡ଼ିଶାର ଆବଶ୍ୟକତାକୁ ନେଇ ଓଡ଼ିଶା କଂଗ୍ରେସ ଏକ ସ୍ୱତନ୍ତ୍ର ଆଦର୍ଶବାଦ ସୃଷ୍ଟିକରି ସେହି ଅନୁସାରେ କ୍ୟାଡରମାନଙ୍କୁ ତାଲିମ ଦେଲେ ଦଳ ଶୀଘ୍ର ସଶକ୍ତ ହୋଇପାରିବ।

# ରାଜ୍ୟସଭା ପାଇଁ କାହାକୁ ମନୋନୀତ କରିବେ ନବୀନ ?

ଭୁବନେଶ୍ୱର : ପୌର ଓ ପଂଚାୟତ ନିର୍ବାଚନରେ ଏକପାଖିଆ ଜିତାପଟ ହାସଲ କରିବା ପରେ ଏବେ ବିଜୁ ଜନତା ଦଳର କାଟ୍‌ତି ଢ଼େର ବଢ଼ିଯାଇଛି। ଦୁଇ ପ୍ରମୁଖ ବିରୋଧୀ ବିଜେପି ଓ କଂଗ୍ରେସ କିଂକର୍ତ୍ତବ୍ୟ ବିମୂଢ଼ ଅବସ୍ଥାରେ ଥିବାବେଳେ ମଉକାର ଫାଇଦା ନେବାରେ ଲାଗିଛି ବିଜୁ ଜନତା ଦଳ। ୨୦୨୪ ପାଇଁ ଦଳ ଏବେଠାରୁ ରଣନୀତି ପ୍ରସ୍ତୁତ କରୁଥିବାବେଳେ ଏବେ ଆସିଯାଇଛି ରାଜ୍ୟସଭା ନିର୍ବାଚନ। ତେବେ ପୂର୍ବରୁ ରାଜ୍ୟସଭା ନିର୍ବାଚନ ବେଳେ ଦଳ ପାଇଁ ପ୍ରାର୍ଥୀ ଚୟନ ଭାରି ଅକଳିଆ ପରିସ୍ଥିତି ସୃଷ୍ଟି କରୁଥିଲା। ସାଂଗଠନିକ ସ୍ଥିତି, ରାଜନୀତିକ ଦୃଷ୍ଟିକୋଣ ଆଦିକୁ ବିଚାରକୁ ନେଇ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ପ୍ରାର୍ଥୀ ଚୟନ କରିବାକୁ ବାଧ ହେଉଥିଲେ। କିନ୍ତୁ ସାମ୍ପ୍ରତିକ ରାଜନୀତିକ ସ୍ଥିତିକୁ ଅନୁଶୀଳନ କଲେ ନବୀନଙ୍କୁ ଫ୍ରି-ହ୍ୟାଣ୍ଡ ମିଳିଯାଇଛି। ଅର୍ଥାତ କୌଣସି ପ୍ରକାର ବାଧବାଧକତା ତାଙ୍କ ପାଇଁ ନାହିଁ। ଏସବୁ ଭିତରେ କିଏ ରାଜ୍ୟସଭାକୁ ଯିବେ ତାହାକୁ ନେଇ ଅବଗଣନା ଆରମ୍ଭ ହୋଇଯାଇଛି।

ରାଜ୍ୟସଭା ନିର୍ବାଚନ ପାଇଁ ବିଗୁଲ ବାଜିସାରିଛି। ଯେଉଁଥିପାଇଁ ଏବେ ବିଜେଡ଼ି ଶିବିର ଚଳଚଞ୍ଚଳ ହୋଇପଡ଼ିଛି। କାହା ଉପରେ ନବୀନ ଢାଳିବେ ରାଜ୍ୟସଭା ସୁନାକଳସ, ତାହା ଉପରେ ରହିଛି ଏବେ ସମସ୍ତଙ୍କ ନଜର। ପ୍ରଥମେ ୩ ଆସନ ପାଇଁ ନିର୍ବାଚନ ବିଗୁଲ ବାଜିଥିବା ବେଳେ ପରେ ଆଉ ଏକ ଆସନ ପାଇଁ ନିର୍ବାଚନ ହେବା ନେଇ ନିର୍ବାଚନ କମିଶନ ସ୍ପଷ୍ଟ କରିସାରିଛନ୍ତି। ଜୁନ ୧୦ରେ ୩ଟି ଆସନ ପାଇଁ ଓ ଜୁନ ୧୩ରେ ଗୋଟିଏ ଆସନ ପାଇଁ ନିର୍ବାଚନ କରାଯିବ। ସୁବାସ ସିଂ ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେଇଥିବାରୁ ସେହି ସ୍ଥାନ ପାଇଁ ଉପନିର୍ବାଚନ ହେବାକୁ ଯାଉଛି। ଏସବୁକୁ ଦେଖିଲେ ଏବେ ୪ ନେତା ରାଜ୍ୟସଭାକୁ ଯିବେ । ଯଦି ଏକକାଳୀନ ୪ଟି ଆସନ ପାଇଁ ରାଜ୍ୟସଭା ନିର୍ବାଚନ ହେଉଥାନ୍ତା ତେବେ ନବୀନ ଓ ବିଜେଡ଼ି ଅକଳରେ ପଡ଼ିଯାଇଥା'ନ୍ତେ। କାହିଁକିନା ଜଣେ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ୩୦ ଜଣ ସମର୍ଥକଙ୍କ ଆବଶ୍ୟକତା ପଡ଼ିଥାନ୍ତା। ଯେତେବେଳେ କି ବିଜେଡ଼ି ପାଖରେ ୧୨୦ ସଂଖ୍ୟା ଖୋଜିବା ମୁସ୍କିଲ ହୋଇପଡ଼ିଥା'ନ୍ତା। ଆବଶ୍ୟକସ୍ଥଳେ ଘୋଡ଼ା ବେପାରର ଆଶଙ୍କା ଉପୁଜିଥାନ୍ତା । କିନ୍ତୁ ଏହି ୪ଟି ଆସନ ପାଇଁ ପ୍ରଥମେ ୩ଟି ଓ ପରେ ୧ଟି ଆସନ ନିମନ୍ତେ ନିର୍ବାଚନ ହେବାକୁ ଥିବାରୁ ବିଜେଡ଼ି ପାଇଁ କୌଣସି ଟେନ୍‌ସନ୍ ନାହିଁ। ଦଳ ପାଖରେ ଏଥିପାଇଁ ଆବଶ୍ୟକୀୟ ସଂଖ୍ୟା ରହିଛି ।

ଗୋଟିଏ ପଟେ ଦଳ ଭିତରେ କୌଣସି ରାଜନୈତିକ ବାଧବାଧକତା ନଥିବା ବେଳେ ଅପରପକ୍ଷରେ ସଂଖ୍ୟା ଦୃଷ୍ଟିକୋଣରୁ ଅନ୍ୟର ସହାୟତା ନେବା ନିମନ୍ତେ ବି ବାଧବାଧକତା ନାହିଁ। ଅତଏବ ନବୀନ ନିଜ ମନପସନ୍ଦର ନେତାଙ୍କୁ ରାଜ୍ୟସଭା ପଠାଇବାରେ ସମର୍ଥ ହୋଇପାରିବେ। ଏହି ୪ଟି ରାଜ୍ୟସଭା ଆସନ ପାଇଁ ଅନେକ ନେତା ଓ ପୂର୍ବତନ ପ୍ରଶାସକ ତଥା ବୁଦ୍ଧିଜୀବୀମାନେ ଆଖି ରଖିଛନ୍ତି । ତେବେ ବିଜେପି ଓ କଂଗ୍ରେସ ଭଳି ବିଜେଡ଼ିରେ ଏବେ ଲବି ପାଇଁ ସେଭଳି ସୁଯୋଗ ରହିନାହିଁ । ନବୀନଙ୍କ ସୁଦୃଷ୍ଟି ଯାହା ଉପରେ ପଡ଼ିବ ସେ ରାଜ୍ୟସଭା ଯିବା ନିଶ୍ଚିତ।

ରାଜ୍ୟସଭା ନିର୍ବାଚନରେ ସବୁବେଳେ ନବୀନ ଚକ୍‌ମା ଦେଇଆସିଛନ୍ତି। ଏପରିକି ଆଦୌ ଚର୍ଚ୍ଚାରେ ନଥିବା ନେତାଙ୍କୁ ମଧ ନବୀନ ରାଜ୍ୟସଭାକୁ ପଠାଇଛନ୍ତି। ତେଣୁ ନବୀନଙ୍କ ରଣନୀତି ନେଇ ପ୍ରାକ୍ ଆକଳନ କରିବା ବୋକାମୀ ହେବ ବୋଲି କହିଲେ ଭୁଲ ହେବ ନାହିଁ। ଅତୀତରେ ଅନେକ ଆକଳନ ଭୁଲ ବୋଲି ପ୍ରମାଣିତ ହୋଇସାରିଥିବାରୁ ଗଣମାଧ୍ୟମରେ ରାଜ୍ୟସଭା ଅଙ୍କ ସଂକ୍ରାନ୍ତରେ ପ୍ରକାଶିତ ଖବରକୁ ନେତାମାନେ ଆଉ ଗୁରୁତ୍ୱର ସହ ଗ୍ରହଣ କରୁନାହାନ୍ତି। ଏସବୁ ସତ୍ତ୍ୱେ ବି ଆକଳନ ହେଉଥିଲା ଏବଂ ହେବ। ସମ୍ପ୍ରତି ରାଜ୍ୟସଭା ରେସରେ କେଉଁମାନେ ଆଗରେ ରହିଛନ୍ତି ତାହା ଉପରେ ଟିକେ ନଜର ପକାଇବାର ଆବଶ୍ୟକତା ରହିଛି ।

ଏହି ରେସ୍‌ରେ ପ୍ରଥମେ ଆସିବେ ସସ୍ମିତ ପାତ୍ର। ଗଣମାଧ୍ୟମ ହେଉ ଅବା ଦଳୀୟ ଅଳିନ୍ଦରେ ସସ୍ମିତ ପାତ୍ରଙ୍କୁ ନେଇ ଜୋର୍‌ଦାର ଚର୍ଚ୍ଚା ହେଉଛି। ଦଳର ଜଣେ ଇଂଟେଲେକ୍‌ଚୁଆଲ ଯୁବ ଚେହେରା ହେଉଛନ୍ତି ସସ୍ମିତ। ତାଙ୍କର ୩ ବର୍ଷର ରାଜ୍ୟସଭା କାଳ ମଧ୍ୟରେ ସେ ଉପରାଷ୍ଟ୍ରପତି ଭେଙ୍କେୟା ନାଇଡୁଙ୍କ ଠାରୁ ମଧ ବାରବାର ପ୍ରଶଂସା ସାଉଁଟି ପାରିଛନ୍ତି । ପ୍ରଥମ ଥର ପାଇଁ ସାଂସଦ ହୋଇଥିଲେ ବି ସେ ରାଜ୍ୟସଭା ପରିଚାଳନା ଭାର ସମ୍ଭାଳି ପାରିଛନ୍ତି। ରାଜ୍ୟର ବିଭିନ୍ନ ପ୍ରସଙ୍ଗକୁ ସେ ଯୁକ୍ତିଯୁକ୍ତ ଢଙ୍ଗରେ ଉପସ୍ଥାପିତ କରିପାରିଛନ୍ତି । ତେଣୁ ତାଙ୍କୁ ଆଉ ଥରେ ସୁଯୋଗ ମିଳିବାର ଯଥେଷ୍ଟ ସମ୍ଭାବନା ରହିଛି । ଗତଥର ତାଙ୍କୁ ସୀମିତ ସମୟ ପାଇଁ ରାଜ୍ୟସଭା ସାଂସଦ ହେବାର ସୁଯୋଗ ମିଳିଥିଲା। ତେଣୁ ନବୀନ ତାଙ୍କୁ ସୁଯୋଗ ଦେବେ ବୋଲି ଚର୍ଚ୍ଚା ହେବା ସ୍ୱାଭାବିକ।

୨୦୧୯ ନିର୍ବାଚନ ପରଠାରୁ ଦଳର ମିଡ଼ିଆ ସେଲ ସମ୍ଭାଳିଛନ୍ତି ମାନସ ମଙ୍ଗରାଜ। ଗଣମାଧ୍ୟମ ବ୍ୟାପାର ସହ ଦଳର ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱକୁ ସେ ଠିକ ଭାବେ ସମ୍ଭାଳିଛନ୍ତି। ୨୦୧୯ରେ ସେ ଚିଲିକାରୁ ନିର୍ବାଚନ ଲଢ଼ିବାକୁ ଚାହିଁଥିଲେ ବି ରାଜନୈତିକ ହଲଚଲ କାରଣରୁ ସେ ବଂଚିତ ହୋଇଥିଲେ। ତଥାପି ବି ସେ ଦଳର ଜଣେ ସଚ୍ଚୋଟ ଓ ଦକ୍ଷ କର୍ମୀ ଭାବେ କାର୍ଯ୍ୟ ଜାରି ରଖିଛନ୍ତି। ସେ ଉଭୟ ସରକାରୀ ସ୍ତରରେ ଏବଂ ଦଳୀୟସ୍ତରରେ ଗଣମାଧ୍ୟମର ଦାୟିତ୍ୱ ନେବା ପରେ ମିଡ଼ିଆ ବି ତାଙ୍କୁ ପ୍ରଶଂସା କରୁଛି। ସାମ୍ବାଦିକଙ୍କ ହକ୍ ପାଇଁ ଯେତେବେଳେ ସ୍ୱର ଉଠୁଛି ସେତେବେଳେ ସେ ନିଜେ ଆଗକୁ ବାହାରି ପଦକ୍ଷେପ ନେଉଛନ୍ତି। ସେହେତୁ ମାନସ ମଙ୍ଗରାଜଙ୍କ ନାମକୁ ନେଇ ମଧ ସ୍ୱାଭାବିକ ଭାବେ ଚର୍ଚ୍ଚା ହେଉଛି।

ନବୀନ ବାବୁ ସବୁବେଳେ ମହିଳାଙ୍କୁ ଗୁରୁତ୍ୱ ଦେଇ ଆସୁଛନ୍ତି । ବିଧାନସଭା, ଲୋକସଭା ଓ ରାଜ୍ୟସଭାରେ ୩୩% ମହିଳା ପ୍ରତିନିଧି ପାଇଁ ନବୀନ ବାବୁ ଲଢ଼େଇ କରୁଛନ୍ତି। ଯେହେତୁ ସେ ମହିଳାଙ୍କ ହକ ପାଇଁ ଲଢ଼େଇ କରୁଛନ୍ତି ସେହେତୁ ରାଜ୍ୟସଭାରେ ମହିଳା ପ୍ରତିନିଧିତ୍ୱ ରହିବା ନିଶ୍ଚିତ ହୋଇଯାଇଛି। ଏବେ ୪ଟି ରାଜ୍ୟସଭା ଆସନ ମଧ୍ୟରୁ ଜଣେ କିମ୍ବା ଦୁଇଜଣ ମହିଳାଙ୍କୁ ନବୀନ ରାଜ୍ୟସଭା ପଠାଇବେ ବୋଲି ଆକଳନ କରାଯାଉଛି। ଯଦି ନବୀନ ଜଣେ ମହିଳାଙ୍କୁ ରାଜ୍ୟସଭା ପଠାନ୍ତି ତେବେ ସେହି ଦୌଡ଼ରେ ରହିବେ ସୁସ୍ମିତା ବାଗଚୀ। ଉଭୟ ସୁବ୍ରତ ବାଗଚୀ ଓ ସୁସ୍ମିତା ବାଗଚୀ ସରକାରଙ୍କ ସହ ଦୀର୍ଘଦିନ ଧରି ଜଡ଼ିତ ଥିବାବେଳେ ଅନେକ ସମାଜସେବାମୂଳକ କାର୍ଯ୍ୟ କରିଛନ୍ତି। ମେଡ଼ିକାଲ କରିଛନ୍ତି, ରିଲିଫ ପାଣ୍ଠିକୁ କୋଟି କୋଟି ଟଙ୍କା ଦାନ କରି ବି ଚର୍ଚ୍ଚା ସୃଷ୍ଟି କରିଛନ୍ତି । ତେଣୁ ମହିଳା ପ୍ରାର୍ଥୀଙ୍କ ରେସ୍‌ରେ ସୁସ୍ମିତା ଆଗରେ ରହିବା ସ୍ୱାଭାବିକ। ସେହିପରି ଅନ୍ୟ ଜଣେ ନେତ୍ରୀ ହେଉଛନ୍ତି ଶ୍ରୀମୟୀ ମିଶ୍ର। ପୂର୍ବରୁ ସେ ଭୁବନେଶ୍ୱର ମେୟର ହେବେ ବୋଲି ଚର୍ଚ୍ଚା ହେଉଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ଆକସ୍ମିକ ଭାବେ ସୁଲୋଚନା ଦାସଙ୍କୁ ପ୍ରାର୍ଥୀ କରାଯାଇଥିଲା। ଶ୍ରୀମୟୀ ବଲାଙ୍ଗୀରରୁ ଲଢ଼ିବା ପାଇଁ ଗତ ନିର୍ବାଚନ ବେଳେ ଯୋଜନା କରିଥିଲେ। ତେଣୁ ତାଙ୍କୁ ବି ଦଳ ରାଜ୍ୟସଭାକୁ ପଠାଇଲେ ଆଶ୍ଚର୍ଯ୍ୟ ହେବାର ନାହିଁ।

ଏହି ପରିପ୍ରେକ୍ଷୀରେ ପ୍ରଦୀପ ମାଝୀଙ୍କ କଥା ଆଲୋଚନା କରାଯାଇପାରେ। ସେ ବିଜେଡ଼ିରେ ମିଶିବା ପରେ ରାଜ୍ୟସଭା ଯିବେ ବୋଲି ଚର୍ଚ୍ଚା ହେଉଥିଲା । ତେଣୁ ସେ ଦୌଡ଼ରେ ଆଗରେ ବୋଲି କେତେକ ରାଜନୀତିକ ସମୀକ୍ଷକ ମତପୋଷଣ କରୁଛନ୍ତି। କିନ୍ତୁ ଯଦି ଆମେ ନବରଙ୍ଗପୁର ରାଜନୀତିକୁ ପରଖିବା ସେଠାରୁ ରମେଶ ମାଝୀ ଏବେ ସାଂସଦ ଅଛନ୍ତି। ଆଗାମୀ ନିର୍ବାଚନରେ ପ୍ରଦୀପଙ୍କୁ ସେଠାରେ ଟିକେଟ ଦେଇ ରମେଶଙ୍କୁ ଝରିଗାଁ ଆସନରୁ ପ୍ରାର୍ଥୀ କରାଯାଇପାରିବ । ଏବେ ସେଠାରେ ତାଙ୍କ ଭାଇ ବିଧାୟକ ଥିବାରୁ ଟିକେଟ ଆବଂଟନ ବେଳେ କୌଣସି ସମସ୍ୟା ଉପୁଜିବ ନାହିଁ । ଏସବୁକୁ ଯଦି ନବୀନ ବାବୁ ବିଚାରକୁ ନିଅନ୍ତି ତେବେ ପ୍ରଦୀପଙ୍କୁ ୨୦୨୪ ପାଇଁ ସଂଗଠନ କରିବାକୁ କହିପାରିବେ।

ସେହିପରି ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ ଓ ଡା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ମଧ ଦୀର୍ଘଦିନ ଧରି ଆଶାୟୀ ଅଛନ୍ତି। କିନ୍ତୁ ସାଂଗଠନିକ ଦୃଷ୍ଟିକୋଣରୁ ବିଚାର କଲେ ସେମାନଙ୍କୁ ନଦେଲେ ବି ଦଳର କିଛି କ୍ଷତି ହେବନାହିଁ। ପ୍ରସନ୍ନ ଆଚାର୍ଯ୍ୟ ପଶ୍ଚିମ ଓଡ଼ିଶାରୁ ଓ ଭାସ୍କର ରାଓ ଦକ୍ଷିଣ ଓଡ଼ିଶାର ପ୍ରତିନିଧିତ୍ୱ କରୁଥିଲେ। ନବୀନ ଯଦି ସେ ଦୃଷ୍ଟିରୁ ବିଚାର କରନ୍ତି ତେବେ ଦକ୍ଷିଣ ଓ ପଶ୍ଚିମ ଓଡ଼ିଶାରୁ ରାଜ୍ୟସଭା ସାଂସଦ ବାଛିପାରିବେ। ସେ କ୍ଷେତ୍ରରେ ପୂର୍ବତନ ପ୍ରଶାସକ ଅସିତ ତ୍ରିପାଠୀ ଓ ନଳିନୀକାନ୍ତ ପ୍ରଧାନଙ୍କ ନାମ ବିଚାରକୁ ନିଆଯାଇପାରେ। କାହିଁକିନା ପଶ୍ଚିମ ଓଡ଼ିଶା କିମ୍ବା ଦକ୍ଷିଣ ଓଡ଼ିଶାରେ ସେଭଳି ଟାଣୁଆ ନେତା ରେସରେ ନାହାନ୍ତି। ଅବଶ୍ୟ କେହି କେହି ରବି ନାରାୟଣ ନନ୍ଦଙ୍କ ନାମକୁ ନେଇ ଚର୍ଚ୍ଚା କରୁଛନ୍ତି।

ଏବେ ୪ଟି ରାଜ୍ୟସଭା ଆସନ ମଧ୍ୟରୁ ୩ଟି ଆସନ ଫୁଲଟାଇମ ଥିବାବେଳେ ଗୋଟିଏ ଆସନ ହାଫଟାଇମ ରହିଛି। ରାଜ୍ୟସଭା ନିର୍ବାଚନ ବେଳେ ଅନେକ ନାମ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ଘୂରିବୁଲେ। କେତେକ ବୁଦ୍ଧିଜୀବୀ ନିଜ କୋଟରୀ ଜରିଆରେ ନିଜ ନାମକୁ ନେଇ ଚର୍ଚ୍ଚା କରିଥା'ନ୍ତି। ଆସନ୍ତା ଦୁଇ ସପ୍ତାହ ଧରି ରାଜ୍ୟସଭାକୁ ନେଇ ଅନେକ ନାମ ଘୂରିବୁଲିବ । ତେବେ ନବୀନ କାହା ଉପରେ ଆସ୍ଥା ପ୍ରକଟ କରୁଛନ୍ତି ଏବେ ତାହା ଉପରେ ବିଜେଡ଼ି ନେତାଙ୍କ ନଜର ରହିଛି ।

# ଅରକ୍ଷିତକୁ ଦଇବ ସାହା



ଡ. ଦୁଃଖୀଶ୍ୟାମ ମିଶ୍ର

'ଅରକ୍ଷିତକୁ ଦଇବ ସାହା' - ପାଟିରୁ ବାହାରି ଗଲା ବୋଉଙ୍କର। ଛଳ ଛଳ ଆଖିରୁ ଦୁଇବୁନ୍ଦା ଲୁହ ଝରିପଡିଲା। କାଳବୈଶାଖୀର ଉଦ୍ଦଣ୍ଡତାରୁ ହଠାତ୍ ଶାନ୍ତ ହେବାପରି, ଧ୍ୱସ୍ତବିଧ୍ୱସ୍ତ ବୋଉଙ୍କର ମନ ସମ୍ଭାଳି ନେଇ, ରୁଦ୍ଧ କଣ୍ଠରେ କହିଲେ - 'କ'ଣ ପାଇଁ ବଞ୍ଚିଥାନ୍ତା ? ତାର କିଏ ଥିଲା ଦେଖାରଖା କରିବା ପାଇଁ। ଭଗବାନ ତାକୁ ନିଜ ପାଖକୁ ନେଇଗଲେନି ଯେ, ତାକୁ ତାରି ଦେଲେ ।'

ବୋଉ କଥାଟି ସିନା ବୁଝେଇବା ଉଦ୍ଦେଶ୍ୟରେ କହିଦେଲେ, ହେଲେ ନିଜ ମନର ଯନ୍ତ୍ରଣା ନିଜ ବୁକୁତଳେ ସମ୍ଭାଳି ପାରୁନଥିବାର ପ୍ରତୀତ ହେଉଥିଲା।

ଅରକ୍ଷିତ ଯେପରି ବୋଉଙ୍କ ମନରେ ଗୋଟିଏ ଗାଢ ଦାଗ, ଯାହାକୁ ସହଜରେ ଛଡେଇବା କଷ୍ଟ। ଅରକ୍ଷିତ ପାଇଁ ଦୁଇଟୋପା ଲୁହ ହୁଏତ ତା ପାଇଁ ଶ୍ରଦ୍ଧାଞ୍ଜଳି ହୋଇପାରେ, କିନ୍ତୁ ଅରକ୍ଷିତ ପାଇଁ ବୋଉଙ୍କ ବୁକୁର କୋହ ଏକ ବିସ୍ତୀର୍ଣ୍ଣ ସ୍ମୃତିର ନଦୀ ପରି । କିଛି ବୁଝିବା ଆଗରୁ ଗାଁ ମୁଣ୍ଡରୁ 'ରାମ ନାମ ସତ୍ୟ' ସ୍ୱର ଭାସିଆସିଲା । ଯେମିତି ଅସ୍ତଗାମୀ ସୂର୍ଯ୍ୟ ଅମାବାସ୍ୟାର ଅନ୍ଧାର ଘୋଟିବା ପାଇଁ ଅପସରି ଗଲେ। ଝାଞ୍ଜ ଖୋଳର ଶବ୍ଦରେ ଭାସି ଆସୁଥିଲା ଅରକ୍ଷିତ ପ୍ରତି ସମସ୍ତ ଗ୍ରାମବାସୀଙ୍କ ଆତ୍ମୀୟତା, ଶ୍ରଦ୍ଧା ଓ ସ୍ନେହ।

କିଛି ସମୟ ମଧ୍ୟରେ ଅରକ୍ଷିତର ମର ପାର୍ଥିବ ଶରୀର ପଞ୍ଚଭୂତରେ ବିଲୀନ ହୋଇଯିବ। ବୋଉ ଘର ବାଡିପଟ ରାସ୍ତା ଦେଇ ଗାଁ ମୁଣ୍ଡ ମନ୍ଦିର ଆଢୁଆଳରୁ ବାହାରି ଯାଉଥିବା ଶବଯାତ୍ରା ପାଖରେ ପହଞ୍ଚିଗଲେ। ହାତରେ ଥାଏ କିଛି ଝଡା ମଉଳା ଫୁଲ, ଫଗୁ ଓ ଦୀପ ଧୂପ । ଏହିକିଛି ଫୁଲ ଓ ଫଗୁ ଅରକ୍ଷିତର ଶବକୁ ଅରକ୍ଷିତ ନକରି ସସମ୍ମାନେ ବିଦାୟ ଦେବାରେ ତାଙ୍କ ବ୍ୟାକୁଳତା। ଶବଯାତ୍ରା ମା'ଙ୍କୁ ଦେଖି ଅଟକି ଗଲା ।

ବୋଉ ଫୁଲ, ଫଗୁ, ଦୀପ ଓ ଧୂପ ଦେଇ ଶବକୁ ବିଦାୟ ଦେଲେ - ଯେମିତି ବୋଉ ମାତୃତ୍ୱର କଷ୍ଟକୁ ଜଳାଞ୍ଜଳି ଦେଇ ଅରକ୍ଷିତର ଶେଷ ଦର୍ଶନ କଲେ, ସେମିତି ଅରକ୍ଷିତ ତା ଅତି ପ୍ରିୟ ମା'ଙ୍କ ଠାରୁ ତୋରାଣି ପାଣି ପାଇବା ପରି ଫୁଲ ଓ ଫଗୁ ଅତି ଆପଣାର ଭଳି ଆଦରି ନେଇଗଲା। ସଦ୍ୟ ନିଦ୍ରା ଯିବାପରି ମୁହଁ। ଗ୍ଲାନି ବିହୀନ ନିଦ୍ରିତ ମୁଦ୍ରାରେ ଯେପରି ଅରକ୍ଷିତ ତାର ପାର୍ଥିବ ଜଗତର କିଛି ବଳକା ମୁହୂର୍ତ୍ତକୁ ଅପେକ୍ଷା କରିବାର ଛଳ କରୁଥିଲା । ପୁନର୍ବାର 'ରାମ ନାମ ସତ୍ୟ' ସ୍ୱର ସ୍ଥାଣୁ ପରିବେଶକୁ ଶୋକାତୁର କରି ଶବଯାତ୍ରାକୁ ଆଗେଇ ନେଲା । ବୋଉ ପଣତକାନିକୁ ଆଖି ଓ ମୁହଁରେ ଚାପି ଘରମୁହାଁ ଲେଉଟି ପଡିଲେ, ମନ୍ଦିର ବାହାରେ ମୁଣ୍ଡିଆ ମାରି।

ବହୁତ ବର୍ଷ ତଳେ ଅରକ୍ଷିତଙ୍କୁ ଦେଖିଥିଲି । ଏମିତି ଚାକିରି କରିବା ପରେ ଗାଁକୁ ଛୁଟିରେ ଆସିଲେ ଅତିକମ୍ ସମୟ କେମିତି ବିତିଯାଏ, ନିଜ ପରିଜନଙ୍କୁ ଭେଟିବା ବି ସମ୍ଭବ ହୋଇପାରେନି। କିନ୍ତୁ, ବୋଉଙ୍କ ସହିତ ଦୂରଭାଷ ଦ୍ୱାରା ଗାଁ ସାହିରେ ଘଟୁଥିବା ସମସ୍ତ ଘଟଣାର ପୁଙ୍ଖାନୁପୁଙ୍ଖ ବିବରଣୀ ସହଜରେ ଉପଲବ୍ଧ ହୋଇଯାଏ। ବୋଉଙ୍କ ସହିତ ଦୂରଭାଷରେ କଥାହେବା, ନିଜ ଧୈର୍ଯ୍ୟର ସମ୍ପୂର୍ଣ୍ଣ ପରୀକ୍ଷା ।

ଅରକ୍ଷିତଙ୍କ ମୁହଁଟି ସ୍ପଷ୍ଟ ବାରିହେଉଥିଲା। ମୁଣ୍ଡରେ ଅଳ୍ପ ଧଳା ଓ କଳା ବାଳର ସମ୍ମିଶ୍ରଣ । ମୁହଁରେ ମଧ୍ୟ ଟାଆଁଶା ଟାଆଁଶା ରୁକ୍ଷ କଳା ଧଳା ମିଶା ଦାଢି । ଆଖି ଦୁଇଟି ତୀକ୍ଷ୍ଣ କିନ୍ତୁ ତାଙ୍କ ବିଶ୍ୱାସବୋଧକ ମନୋବଳ ଓ ଦମ୍ଭକୁ ପରିପ୍ରକାଶ କରୁଥାଏ । ଆଣ୍ଠୁ ଲୁଚୁନଥିବା ମଇଳା ଲୁଗା ଓ ଦେହରେ ଗୋଟେ ଖୋର୍ଦ୍ଧା ଗାମୁଛା, ଫୁଙ୍ଗୁଳା ଦେହକୁ ଆବରଣ କରିବା ପାଇଁ ସଦା ତତ୍ପର।

ଶୀତଦିନେ ତାଙ୍କ ଶରୀରଟି ପୂର୍ଣ୍ଣାଙ୍ଗ ଆଚ୍ଛାଦିତ ଥାଏ। ଗୋଟେ ମୋଟା ସୁତା ଚାଦର ପାଖ ହାଟରୁ କିଣି ଅତି ଯତ୍ନରେ ସାଇତିଥାନ୍ତି । ମୁହଁରେ ରୁକ୍ଷ ଦାଢିଗୁଡା ନିଜ ଭାଗ୍ୟର କ୍ରୁରତାକୁ ପରାଜିତ କରି ତାଙ୍କ ଦୃଢ ମନ ଓ ଦକ୍ଷ ଆତ୍ମବିଶ୍ୱାସକୁ ବାହାରକୁ ନିକ୍ଷେପ କରେ ଯେମିତି। ମାଟି ମା'ର ବକ୍ଷ ତାଙ୍କ ଖାଲି ପାଦକୁ ଆବୋରି ନିଏ। କିବା ଖରା କିବା ଶୀତ। ପାଦ ଦୁଇଟିର ପରିଧି କାଠ ଚିରିବା କରତର ଦାନ୍ତ ପରି । ଖରା, କାକର, ଶୀତ ଓ ବର୍ଷା ପାଣି ଖାଇ ବଧିରା ହୋଇଯାଇଥାଏ ବୋଧେ । ଉଦୁଉଦିଆ ଖରାରେ ଗାଁ ରାସ୍ତା ତାତିଲା ବାଲି ଉପରେ ସେ ନିର୍ଭୀକ ଭାବେ ଚାଲିଯାଏ । କମର ଖୋସଣିରେ ମୂଲ ଲାଗି ପାଇଥିବା କିଛି ଟଙ୍କା ଥିଲେ, ରୁକ୍ଷ ଦାଢି ଓ ନିଶ ଭିତରୁ ଚେନାଏ ହସ ଧସି ଆସେ । ଯଦି କିଛି ବିପରୀତ ପରିସ୍ଥିତି ଥାଏ, ମନର ଦୁର୍ବଳ ଆବେଶ କାହାକୁ ନ ଜଣେଇବା ପାଇଁ ମୁଣ୍ଡ ପୋତି ପୋତି ଚାଲିଯାଏ । କାଳେ ତା ଦୁର୍ବଳତା ଅନୁଧ୍ୟାନ କରି କିଏ ଦୟା ଦେଖେଇବ, ସେଥିପାଇଁ ନିଜ ସ୍ୱାଭିମାନ ସହିତ ହାତ ଦୁଇଟିକୁ ପିଠି ପଛରେ ଛନ୍ଦି ନତମସ୍ତକ କରି ମାଟି ମା' ର ବକ୍ଷକୁ ଚାହିଁ ଚାହିଁ ବାଟେଇଯାଏ।

ଉଦୁଉଦିଆ ରୌଦ୍ରବିଜଡିତ ଖରା ଦିନର ଦୁଇପ୍ରହର। ହଠାତ୍ ଅରକ୍ଷିତ ବାଡିଦୁଆର ପାହାଚ ପାଖେ । କ୍ଷୀଣ ସ୍ୱରରେ ଡାକ ଶୁଭିଲା, 'ସାଆନ୍ତାଣୀ'। ଆରେ, ଇଏ ତ ବୋଧେ ଅରକ୍ଷିତ। ଅବେଳାରେ କେମିତି ?

ବୋଉଙ୍କର ଦିନକର ଘର କାମ ଓ ଆମ ସମସ୍ତ ପିଲାଙ୍କର (ପାଞ୍ଚ ପୁଅ ଓ ଦୁଇ ଝିଅ) ଜଞ୍ଜାଳ, ଖାଇବା ପିଇବାକୁ ଦେଇ ଟିକେ ବିଶ୍ରାମର ବେଳ । ଖଟରୁ ତର ତର ହୋଇ ଉଠି ଧାଇଁଲେ।

'ଆରେ ଅରକ୍ଷିତ, କ'ଣ ହେଲା, କିଛି କହିବ ନା କ'ଣ ?'

- 'ନାଇଁ ନାଇଁ ମ ସାଆନ୍ତାଣୀ, ଏମିତି ଟିକେ ପଳେଇ ଆସିଲି।'

ମା' ସିଏ, ନିତ୍ୟ ଅନ୍ନପୂର୍ଣ୍ଣା । ଅରକ୍ଷିତର ଦୁଇ ଥଙ୍ଗଥଙ୍ଗ ବାକ୍ୟରୁ ବାରିନେଲେ ତା ପେଟର ବେଦନା। ଅରକ୍ଷିତ ଏତେ ସ୍ୱାଭିମାନୀ ଯେ ନିଜ ମୁହଁରେ ପେଟର ବେଦନା କହିବା ତା' ପକ୍ଷରେ କଷ୍ଟସାଧ୍ୟ । କିନ୍ତୁ, ବୋଉ ହାଣ୍ଡିଶାଳ ତେଙ୍ଗେଡାରେ ଥିବା ମାଟିହାଣ୍ଡିରୁ ବେଲେ ପଖାଳ ଓ ପିଲାଙ୍କ ଦୋଓଡା ଖାଇବା ପାଇଁ ଥିବା ଆଳୁସିଝା ଶୀଘ୍ର ଧରିଆସିଲେ । ପଥୁରୀରେ କିଛି ଲୁଣ, କଞ୍ଚା ଲଙ୍କା ଓ ପିଆଜ କାଟି ପକେଇ ଦେଲେ । ଆଳୁ ସିଝା ବ୍ୟତୀତ ଘରେ ରନ୍ଧା ତରକାରି କିଛି ନଥାଏ ।

କିଛି ଭଜାଭଜି କରିବାକୁ ମନ ଉଦ୍ୟତ ମାତ୍ରେ ପରାସ୍ତ ହୁଏ । କାଳେ ଅରକ୍ଷିତର ପେଟ ବେଦନା ବୋଉଙ୍କୁ ବାରଣ କରୁଛି । ସେପଟେ ପଖାଳ ଓ ଆଳୁ ସିଝା ଯେମିତି ହାଣ୍ଡିଶାଳରେ ଅରକ୍ଷିତଙ୍କୁ ଅପେକ୍ଷା କରି ରହିଥିଲା ।

ବାଡି ପିଣ୍ଡାରେ ଅରକ୍ଷିତ ସଙ୍କୋଚ କରେ। ବ୍ରାହ୍ମଣ ଘର ବେଲା ପଥୁରୀରେ କିପରି ଖାଇବ ? ବୋଉଙ୍କ ସ୍ନେହପୂର୍ଣ୍ଣ ଗୋଟେ ପାଟିରେ ଅରକ୍ଷିତ ଆଳୁ ଚକଟି ଲୁଣଲଙ୍କା ମନ୍ଥିଲା ବେଳକୁ, ବୋଉ କିଛି ସୋରିଷ ତେଲ ଢାଳିଦେଲେ । ଏକ ନିଃଶ୍ୱାସରେ ଅରକ୍ଷିତ ଚାରିଗୁଣ୍ଡା ପଖାଳ ଓ ଆଳୁ ଚକଟା ଆବୋରି ନେଇ ତୋରାଣି ପିଇଲା ବେଳକୁ ବୋଉ ଘରେ ଥିବା ଆମ୍ବ ଆଚାରରୁ ଟିକେ ଅରକ୍ଷିତ ପଖାଳ ବେଲା ପାଖେ ପତରରେ ରଖିଦେଲେ। ଅତି ତୃପ୍ତିରେ ତତ୍ପରତା ସହିତ ସଂପୂର୍ଣ୍ଣ ପଖାଳକୁ ଉଦରସ୍ଥ କରି ଅରକ୍ଷିତ ଦୁଇଟି ହେକୁଡି ମାରି ଦୀର୍ଘଶ୍ୱାସ ନେଲା ।

ସନ୍ତୋଷ କଣ୍ଠରେ କହିବାକୁ ଲାଗିଲା, 'କି ରୋହୋରୁଦ୍ର ଖରା ସାଆନ୍ତାଣୀ, ଆଉ ଟିକେ ଡେରୀ ହୋଇଥିଲେ ମୋ ହଂସା ଉଡିଯାଇଥାନ୍ତା। ସାଆନ୍ତାଆଣୀ ତେମେ ଆପଣ ମୋ ଜୀବନ ରଖି ଦେଲେ। ଆପଣଙ୍କ ହାତରନ୍ଧା କେତେ ସୁଆଦ, ମତେ ସବୁବେଳେ ଭଲଲାଗେ। ଆଜି ଆପଣଙ୍କ ହାତ ତୋରାଣି ମୋ ପାଇଁ ଅମରୁତ (ଅମୃତ)। ମୋ ଜୀବନ ପାଇଁ ସଞ୍ଜୀବନୀ । ଏତିକି କହିବି, ତେମେ ଆପଣ ମୋ ପାଇଁ ମା' ନକ୍ଷ୍ମି (ଲକ୍ଷ୍ମୀ) । ଏତିକି କହୁ କହୁ ବାଡି ଦୁଆର ପାଣିକୁଣ୍ଡ ପାଖେ ବେଲା ପଥୁରୀକୁ ଧୋଇ ଉଗୁଡେଇ ଦେଇ, ବାଡି ପିଣ୍ଡା ଉପରେ ଟିକେ ଗଡି ପଡିଲା । ଯେମିତି ପିଣ୍ଡଟି ତା ପାଇଁ ବିଳାସବ୍ୟସନ ପଲଙ୍କର ଗଦି ସ୍ୱରୂପ ।

ଏପଟେ ବୋଉଙ୍କ ମନ ଅତ୍ୟନ୍ତ ସନ୍ତୋଷ । ସଠିକ୍ ସମୟରେ ଅତିଥି ଦ୍ୱାରସ୍ଥ ହୋଇ କ୍ଷୁଧା ମେଣ୍ଟାଇ ଥିବାରୁ। ଅରକ୍ଷିତ ଆଉ କିଛି ସମୟ ବିଳମ୍ବ କରିଥିଲେ, କାଳେ କିଛି ଅଘଟଣ ଘଟିଥାନ୍ତା ? ଯାହା ହେଉ ଠିକ୍ ସମୟରେ ଆସି ପହଞ୍ଚିଯାଇଛି, ନହେଲେ କେଉଁଠି ମୁଣ୍ଡବୁଲେଇ ପଡିଥାନ୍ତା । ସ୍ୱାଭିମାନୀଟା ତ, ପେଟରେ ପେଟେ ଭୋକ, କିନ୍ତୁ କାହାକୁ କିଛି କହିବନି। ଆଉ ଟିକେ ଆଗରୁ ଆସିନଥାନ୍ତା, ଗଣ୍ଡେ ଗରମ ଖାଇଥାନ୍ତା ତରକାରୀ ଡାଲି ସାଙ୍ଗେ ।

କିଛି ଦିନ ଅନ୍ତେ, ପୂର୍ବାହ୍ଣ ସମୟ । ଦାଣ୍ଡ ପଟରୁ ଅରକ୍ଷିତର ଡାକ ଶୁଭିଲା - 'ସାଆନ୍ତାଣୀ' । ବୋଉ ତଳ ସାଲା ଚୁଲିମୁଣ୍ଡରୁ ଦାଣ୍ଡଘର ଭିତର ଦୁଆର ପାଖ ହେଲାବେଳକୁ ଅରକ୍ଷିତ ନାହିଁ । ଦୁଇ ଗଛ ବଡ ଖଡା ଦାଣ୍ଡ ଘରେ ପକେଇଦେଇ ତର ତରରେ ପଳେଇଲାଣି, କାଳେ ବୋଉ କ'ଣ କହିବେ ବୋଲି। ବୋଉ ଉଚ୍ଚ ସ୍ୱରରେ ଗରଗର ହେଲେ, 'ଦେଖିଲ ଯେ ଲୋକଟିକୁ, କାହାର ଋଣୀ ହେବନି ପରା। ସେଦିନ ଗୁଣ୍ଡେ ପଖାଳ ପାଣି ଖାଇଚି କି ନାହିଁ, ଆଜି ଋଣ ଶୁଝିଦେଲା। ବୋଧେ କାହା ବିଲରେ କାମ କରୁଥିଲା । ଭଲ ଖଡା ଦେଖିଛି, କିଛି ମୂଲ ବଦଳରେ ଖଡା ଆଣି ପକେଇ ଦେଇ ଗଲା। ସ୍ୱାଭିମାନୀ ଟା ପରା !'

ଗାଁ ବ୍ରାହ୍ମଣ ଶାସନ ପାଖ ବାରିକ ସାହି । ସେଠି ଠାକୁରଙ୍କ ଡିହ ଜମି ଉପରେ ଝାଟି ମାଟିର ବଖରେ ଘର ଅରକ୍ଷିତର । ନିଜ ହାତରେ ବାଉଁଶ କାମଡା ମାଟି ଛାଟି ଘର ଖଣ୍ଡିଏ କରିଥିଲା । ଘର ଭିତରେ ଖଣ୍ଡେ ପୁରୁଣା କନ୍ଥା, ଗୋଟେ ସରକାରୀ ସହାୟତାର କମ୍ବଳ, ମାଣ୍ଡି କାନ୍ଥକୁ ଆଉଜିଆ ହୋଇଥାଏ । ଗୋଟିଏ ବେଣା ମସିଣା ଗୁଡିଆ ହୋଇ କାନ୍ଥକୋଣକୁ ଡେରା ହୋଇଥାଏ । ନଡା ମୁଚୁଳା ବାଲିଉପରେ ମାଠିଆ ଟି ପାଣି ଧରି ଦିନତମାମ୍ ଅରକ୍ଷିତକୁ ଅପେକ୍ଷା କରିଥାଏ । ଘର ପଛ ପଟକୁ ଇଟା ଝିଙ୍କାର ମାଟିଚୁଲି ଟିଏ । ଚେପା ଟୋଲା ରସ ଡେକ୍‌ଚି, ଲୁହା କଡେଇ ଓ ଦୁଇ ଖଣ୍ଡ ରସ ଥାଳି ଗିନା ପଡିଥାଏ । ଗୋଟେ ଓଳି ଭାତ ତରକାରୀ କଲେ ଅନ୍ୟ ଓଳି ଚୁଲି ଶାନ୍ତିରେ ଶୋଇରହେ। ଅରକ୍ଷିତ କୁଆ ନ ବୋବାଉଣୁ, ନିତ୍ୟକର୍ମ ସାରି, ପଖାଳ ହାଣ୍ଡିରୁ ବେଲେ ପଖାଳ ଲୁଣ, ଲଙ୍କା ଓ ପିଆଜ ଲଗେଇ ଗର୍ଭସ୍ଥ କରି ମୂଳକୁ ବାହାରି ପଡେ ।

ସେ ଚାଳ ଛପର ସୁଆଁସିଆ ଭାବେ ସିଦ୍ଧହସ୍ତ। ଏମିତି ତ ସେ ସବୁ କାମରେ ନିପୁଣ । ଖରାଦିନ ସାରା କଳା ଜୁଡୁବୁଡୁ ହୋଇ ଅଢେଇ ପ୍ରହର ପର୍ଯ୍ୟନ୍ତ ବ୍ରାହ୍ମଣ ଶାସନ ଠାରୁ ଆରମ୍ଭ କରି ସମସ୍ତ ଶାହିର ଚାଳ ଛପରରେ ବ୍ୟସ୍ତ।

ସାଥି ସୁଆଁସିଆ ଆସି ପହଞ୍ଚିଲା ବେଳକୁ ଅରକ୍ଷିତ ଭୋର୍ ଭୋର୍ ରୁ ଆସି ଦୁଇବଖରା ଓଲାରି ଦେଇଥାଏ। ଯେମିତି କାମରେ ନିପୁଣ ସେମିତି ପରିଶ୍ରମୀ ଓ ନିଷ୍ପାପର। ବିନା ପରିଶ୍ରମରେ ଗୋଟେ ଅଣା କି ପାହୁଲା ଧରିବ ନାହିଁ। ଘର ଛପର ହେଉ ଅବା ବିଲ ବାଡି କାମ, ସବୁଥିରେ ପାରଙ୍ଗମ । ଟିକେ ଖୁଣି ହେବନି ତା କାମକୁ। କର୍ମଠ । ସେ ପାଇଁ ତାର ଆଦର ଓ ପେଟ ଉପାସ ରହେନି। ଦ୍ୱିପହର ଖାଇବା ମୂଲ ଜାଗାରେ ହୋଇଗଲେ, ରାତି ଖାଇବା ଯାହା ତାହା ବିନା ରୋଷେଇରେ ଚଳେଇନିଏ। ଯଦି ଦିନର ଖାଇବା କାମ ଜାଗାରେ ନଥାଏ, ପାଖ ଜଳଖିଆ ଦୋକାନରୁ ଜଳଖିଆ ଖାଇ, ରାତିର ଖାଇବା ରୋଷେଇ କରେ।

ଅରକ୍ଷିତ ଅବିବାହିତ । ବାହା କେମିତି ହୋଇଥାନ୍ତା ? କିଏ ବୁଝିଥାନ୍ତା ତା ବାହାଘର ? କେଉଁଠି ଜନ୍ମ ହୋଇଥିଲା, କିଏ ତା ବାପା ମାଆ, କିଛି କହେନି କେବେ କାହାକୁ । ଆଠ ନଅ ବର୍ଷ ହୋଇଥିବ ବୋଧେ । ଲୋକେ କୁହନ୍ତି ଗୋଟେ ଦିନ ଗାଁ ପାଖ ରେଳ ଷ୍ଟେସନ୍ ରୁ ଓହ୍ଲାଇ ଚାରିଆଡେ ବୁଲୁବୁଲୁ ଆଦରି ନେଇଛି ଏହି ଗାଁକୁ। ଆସିବା ଦିନଠୁ ନିଜର ଭଲ ସ୍ୱଭାବ ପାଇଁ କେହି ତାକୁ ସନ୍ଦେହ କରିନାହାନ୍ତି। ସେ ବି ଛୋଟ ପିଲାଟି ବେଳୁ ଆଜି ପର୍ଯ୍ୟନ୍ତ ତାକୁ ୬୬ ବର୍ଷ ହେବ, କାହା ଉପରେ ନିର୍ଭର କରିନାହିଁ। ପିଲାବେଳେ ଠାକୁରଙ୍କ ମଣ୍ଡପ ଉପରେ ରାତ୍ରିଯାପନ କରେ ଓ ଦିନରେ ଅକ୍ଳାନ୍ତ ପରିଶ୍ରମ କରେ । କେହି ଡାକିଲେ ଘରକୁ ପିଲାଟି ବେଳୁ ମନା କରିଦିଏ । ସକାଳୁ ଉଠି ନିତ୍ୟକର୍ମ ସାରି ଠାକୁରଙ୍କ ମନ୍ଦିର ଚାରିପାଖ ଓଳାଇ ପରିଷ୍କାର କରିଦିଏ । ସେଦିନଠୁ ମନ୍ଦିରର ସମସ୍ତ କାର୍ଯ୍ୟରେ ଯେମିତି ଅରକ୍ଷିତ ବନ୍ଧା । ତା ବିନା ମନ୍ଦିରର କୌଣସି ପର୍ବ ପର୍ବାଣି ଅସମ୍ପୂର୍ଣ୍ଣ ଲାଗେ । ବୟସ ବଢିବା ସଙ୍ଗେ ଗାଁର ସମସ୍ତ ଲୋକ ତାକୁ ଆପଣେଇ ନେଉଥିଲେ। ସ୍ୱଭାବ ଓ କର୍ମରେ ସେ ବି ସମସ୍ତଙ୍କୁ ଆପଣାର କରିନେଉଥିଲା । ଛୋଟଠାରୁ ବଡ ମାନଙ୍କ ପର୍ଯ୍ୟନ୍ତ, ସମସ୍ତଙ୍କ ପାଇଁ ଅରକ୍ଷିତ ଗୋଟିଏ ଚିର ପରିଚିତ ଆପଣାର ବ୍ୟକ୍ତି ।

ଗାଁର ସମସ୍ତ ଭୋଜି ଭାତରେ ଅରକ୍ଷିତର ଅକୁଣ୍ଠ ଶ୍ରମ ଅବଦାନ । ଏମିତିକି ବେଳେ ବେଳେ ମନେହୁଏ ଗାଁର ସମସ୍ତ କାର୍ଯ୍ୟ ଅରକ୍ଷିତର । ତା ମୁଣ୍ଡରେ ମୁଣ୍ଡେ ଚିନ୍ତା କେମିତି ସାଆନ୍ତଙ୍କ କାମ ସୁରୁଖୁରୁରେ ହେବ ।

ଗାଁର ବୟସ୍କ ଲୋକଙ୍କ ପାଟିରେ ଗୋଟିଏ ନାମ ଅରକ୍ଷିତ...ଅରକ୍ଷିତ..!

ବହୁତ ସମୟରେ ଅରକ୍ଷିତର ବାହାଘର ପାଇଁ ବୟସ୍କ ଲୋକମାନେ ଅରକ୍ଷିତକୁ ବାଧ କରିଛନ୍ତି । କିନ୍ତୁ, ଅରକ୍ଷିତ ବୟସ ଥିବା ବେଳେ ଅତି ନିପୁଣତାର ସହିତ କାହାକୁ ମନ ଊଣା ନକରେଇ ସେ ବନ୍ଧନଠାରୁ ଦୂରରେ ରହିବା ପାଇଁ ସଫଳ ହୋଇଛି । ବୋଧହୁଏ ସେ ତା ବାପା ମାଆଙ୍କ ସମ୍ପର୍କର ଅନୁଭୂତିରୁ ଅବା ନିଜ ଆର୍ଥିକ ପରିସ୍ଥିତିରୁ ଅତିଷ୍ଠ ହୋଇ ଏପରି କିଛି ପଣ ନେଇଥିବାର ପାଞ୍ଚି ହୁଏ ।

ସେ ଯାହାବି ହେଉ ଗରିବ ହେଲେ ବି ତାର ଦୂରଦୃଷ୍ଟି ବହୁତ ।

ଦିନରେ ଅକ୍ଳାନ୍ତ ପରିଶ୍ରମ କରି ମାଟି ବାଲି ଝାଳନାଳ ହୋଇ ଫେରିଲା ବେଳେ ତା ଝାଟିମାଟି ଘର ଦୁଆର ବାରଣ୍ଡାରେ ଥକ୍କା ମାରି ବସିଯାଏ । ଆହା କରି ପାଣି ମୁନ୍ଦେ ବଢାଇ ଦେବାକୁ କେହି ନଥାନ୍ତି ତା ପାଖରେ । ତଥାପି ସେ ଜୀବନ ସଙ୍ଘର୍ଷରେ ହାରେନାହିଁ। ଦାଣ୍ଡ ଦୁଆର ବାଉଁଶ ଅଲଗୁଣିରୁ ଗାମୁଛାଟିକୁ ଟାଣି ଆଣି ନିଜ ମନତଳର ବେଦନାକୁ ପୋଛିଦିଏ ସିନା, କେବେ କାହା ଆଗରେ ନିଜ ମନ ଊଣା ଦେଖିବାର ସୁଯୋଗ ଦିଏନି ।

ସନ୍ଧ୍ୟା ନଇଁ ଆସିଲେ ସାହିର କିଛି ବୟସ୍କ ଓ ସମସାମୟିକ ଅବା ଉପର ତଳ ବୟସର, ତା କୁଡିଆରେ ପହଞ୍ଚନ୍ତି । କୁଡିଆରେ ଖଣ୍ଡେ ପଖଉଜ ଓହଳି ଥାଏ । ଅରକ୍ଷିତ ତା ଅଙ୍ଗୁଳିର ଚମତ୍କାର ଚାଳନାରେ ଏପରି ଲାଳିତ୍ୟ ଝରାଏ । କଳହଂସକେଦାର, ଚୋଖି ଓ ଚମ୍ପୂର କେତେକ ପଙ୍କ୍ତି ଆପେ ଆପେ ବାତାବରଣକୁ ମୁଖରିତ କରେ । ତାହାର ତାଳ ଓ ଲୟରେ ଯେମିତି ଅରକ୍ଷିତ ଶରୀରର ସମସ୍ତ ପୀଡା ଉଭେଇଯାଏ । କିନ୍ତୁ, ରାତ୍ରିର ଏକାନ୍ତ ପ୍ରହରର ଶୂନ୍ୟଚାଳ ସହିତ ନିବିଡତା ତା ମନକୁ ଦୋହଲାଇ ଦିଏ। ଆଖିକୁ ରାତିସାରା ନିଦ ନ ଆସୁ, ଦେହରେ ଖଇଫୁଟା ତାତି ଥାଉ, ଅରକ୍ଷିତ ଉପରକୁ ମୁହଁ କରି ବେଣା ମସିଣାରେ ପଡିଥାଏ, ଯେପରି ତା ନିର୍ନିମେଷରେ ଚାଳ ତଳୁ ପ୍ରଭୁ ଜଗନ୍ନାଥଙ୍କ ଛଡା ତୁଳସୀ ଖସି ପଡୁଛି ଓ ସେ ତାକୁ ପାଇ ପୁଣି ତାଜା ହୋଇ ଉଠୁଛି, ସକାଳୁ ସକାଳୁ ମୂଳ ଲାଗି ଯିବା ପାଇଁ। (କ୍ରମଶଃ)

ବୀରପୁରୁଷୋତ୍ତମପୁର, ପୁରୀ
୯୪୨୨୩୧୪୧୯୧

# 'ତୁମପରି ଛୋଟ ପିଲାଟିଏ'



ପ୍ରଣତି ପାତ୍ର

"ଶିକ୍ଷା ଆମକୁ ଏହି ମାନସିକତା ଆଡ଼କୁ ଅଗ୍ରସର କରାଇବା ଉଚିତ। ଅନ୍ୟର ପୀଡ଼ା ଦେଖି ଆମ ଭିତରେ ଯଦି ଅଳ୍ପ ସମ୍ବେଦନଶୀଳତା ଜାଗ୍ରତ ନହୋଇପାରିଲା ସେ ଶିକ୍ଷାର ଲାଭ କ'ଣ? ତେବେ ଯାଇ ସମାଜର ସ୍ୱାର୍ଥ ଆଗରେ ବ୍ୟକ୍ତିର ବ୍ୟକ୍ତିଗତ ସ୍ୱାର୍ଥ ତୁଚ୍ଛ ମନେହେବ।

ଆମ ସମାଜ ପିଲାମାନଙ୍କ ଠାରୁ ଅନେକ କିଛି ଆଶା କରିଥାଏ। ପିଲାମାନେ ବଡ଼ ହେଲେ ଦେଶର ଭବିଷ୍ୟତ ନିର୍ମାଣ କରିବେ ଏବଂ ନାଗରିକମାନେ ସୁଖସ୍ୱାଚ୍ଛନ୍ଦ୍ୟରେ ବସବାସ କରିବେ। ଆଜିର ପିଲା କିଛି ବର୍ଷ ପରେ ବୟସ୍କ ପାଲଟିଯିବ। କୁହାଯାଏ, ପିଲାଟି କଞ୍ଚା ମାଟି ପରି। ଏହାକୁ ଯେମିତି ଓ ଯେଉଁ ପରି ଚାହିଁବେ ଗଢ଼ିହେବ। ଶିକ୍ଷାଦ୍ୱାରା ପିଲାମାନଙ୍କ ଜୀବନକୁ ଏକ ଦିଗ ମିଳିଥାଏ। ବ୍ୟବସ୍ଥିତ ଶିକ୍ଷାର ଅନ୍ୟ କୌଣସି ବିକଳ୍ପ ଏବେ ସୁଦ୍ଧା ସର୍ବାନୁଦିତ ହୋଇପାରିନାହିଁ। ତେବେ ଶିକ୍ଷାରେ ଅକ୍ଷର ଜ୍ଞାନ, ଗଣିତ, ବିଜ୍ଞାନ ବ୍ୟତୀତ ମୂଲ୍ୟବୋଧଭିତ୍ତିକ ଶିକ୍ଷା ମଧ୍ୟ ଅତି ଆବଶ୍ୟକ।

ପିଲାଟି କାହିଁକି ପାଠ ପଢ଼ିବ? ଆଜିକାଲିର ତଥାକଥିତ ବିଚାରାଧାରା ହେଉଛି ପାଠ ପଢ଼ିଲେ ଭଲ ଚାକିରିଟିଏ କରିପାରିବ। କିନ୍ତୁ ଶିକ୍ଷାର ବୃହତ୍ତର ଲକ୍ଷ୍ୟ ହେଉଛି ପିଲାଟି ଶିକ୍ଷା ଲାଭ କରି ସମାଜ ଗଠନ ପ୍ରକ୍ରିୟାରେ ସହଯୋଗ କରିବ ଏବଂ ତା' ଭିତରେ ସେବା ମନୋବୃତ୍ତି ଜାଗ୍ରତ ହେବ।

ଭାରତର ଜନସଂଖ୍ୟା ଦେଖି ଅନେକ ପରିହାସ କରିଥାନ୍ତି। କିନ୍ତୁ ଅନ୍ୟ ଗୋଟିଏ ମତବାଦ ମଧ୍ୟ ରହିଛି ଯେ ମାନବ ସମ୍ବଳ ହେଉଛି ଭାରତର ସବୁଠାରୁ ବଡ଼ ଶକ୍ତି। ଯଦି ଦେଶରେ ଜନ୍ମଗ୍ରହଣ କରୁଥିବା ସମସ୍ତ ପିଲାଙ୍କୁ ଉଚିତ ମାନବିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ମିଳେ ତେବେ ଦେଶରେ ଦେଖାଦେଉଥିବା ସମସ୍ତ ସମସ୍ୟାର ସମାଧାନ ପନ୍ଥା ମିଳିଯିବ। ଏଥିନିମନ୍ତେ ପ୍ରତ୍ୟେକ ଶିଶୁଙ୍କୁ ଏକ ସମ୍ଭାବନା ଭାବେ ଦେଖିବାକୁ ପଡ଼ିବ।

ଆମ ସମାଜରେ 'ତୁଳସୀ ଦୁଇ ପତ୍ରରୁ ବାସେ', 'ବିଛୁଆତି ଦୁଇ ପତ୍ରରୁ କୁଣ୍ଡେଇ ହୁଏ' କହି ପିଲାମାନଙ୍କୁ ଭଲ ଓ ମନ୍ଦ ବୋଲି ଚିତ୍ରଣ କରାଯାଏ। ହେଲେ ଯିଏ ତୁଳସୀ ପତ୍ର ତା'ର ସଂରକ୍ଷଣ ଓ ଲାଳନପାଳନରେ କେଉଁ ପରି ବ୍ୟବସ୍ଥା କରାଯାଇଛି ? ସେହିପରି ଯଦି ଗୋଟିଏ ପିଲା ଛୋଟ ବେଳରୁ ବିଛୁଆତି ବା ନକରାତ୍ମକ ବ୍ୟକ୍ତିତ୍ୱଧାରୀ ହୋଇଥାଏ, ତେବେ ତାକୁ ଉଚିତ ମାର୍ଗରେ ପରିଚାଳିତ କରିବା ପାଇଁ ଆମ ଶିକ୍ଷା ବ୍ୟବସ୍ଥାରେ କ'ଣ ଯୋଜନା ରହିଛି ?

ଏହି ପ୍ରସଙ୍ଗରେ ବିଖ୍ୟାତ ଓଡ଼ିଆ କବି ଜଗନ୍ନାଥ ମହାନ୍ତିଙ୍କ 'ତୁମ ପରି ଛୋଟ ପିଲାଟିଏ' କବିତାଟି ମନେପଡ଼େ। ଶ୍ରୀଯୁକ୍ତ ମହାନ୍ତିଙ୍କ ଏହି କବିତା ପିଲାବେଳେ ଆମେ ସମସ୍ତେ ପଢ଼ିଛୁ। ଏଥିରେ ସେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ମହାନତା ବିଷୟରେ ଏକ ସୁନ୍ଦର ଦୃଷ୍ଟାନ୍ତ ଦେଇଛନ୍ତି। ଏହି ତୁଳନାତ୍ମକ ଢ଼ଙ୍ଗରେ ଲିଖିତ କବିତାରେ କବି ସମସ୍ତ ପିଲାଙ୍କ ଭିତରେ ମାନବ ସେବାର ଏକ ସମ୍ଭାବନାକୁ ଦେଖିଛନ୍ତି।

ଶିଶୁ ମଧୁସୂଦନ ଯେତେବେଳେ ଗାଁ ବିଦ୍ୟାଳୟରେ ପଢୁଥିଲେ, ଦିନେ ବର୍ଷା ଝଡ଼ି ପରବର୍ତ୍ତୀ ସମୟରେ ସ୍କୁଲ ଯିବା ରାସ୍ତାର ଖରାପ ଅବସ୍ଥା ଯୋଗୁଁ ତାଙ୍କ ଗୋଡ଼ ଖସି ଯାଇଥିଲା ଏବଂ ସେ ମୁହଁ ମାଡ଼ି ତଳେ ପଡ଼ିଯାଇଥିଲେ। ବିଦ୍ୟାଳୟରେ ତାଙ୍କ ଗୁରୁଜୀ ଶିଶୁ ମଧୁସୂଦନଙ୍କୁ କାଦୁଅ ସରସର ଅବସ୍ଥା ଦେଖି ଏହାର କାରଣ ବିଷୟରେ ପଚାରିଲେ। ସେତେବେଳେ ଶିଶୁଟି ଉତ୍ତର ଦେଇଥିଲେ ଯେ ଜଲ୍‌ଦି ଆସୁ ଆସୁ କାଦୁଅରେ ତାଙ୍କର ଗୋଡ଼ ଖସିଗଲା।

କବିତାର ପରବର୍ତ୍ତୀ ପଦଗୁଡ଼ିକ ସମାଜ ପ୍ରତି ଗୋଟିଏ ଶିକ୍ଷଣୀୟ ବାର୍ତ୍ତା ବହନ କରେ।

'ହେଲା ଦଶହରା ଛୁଟି ବେଳ
ପିଲାଟି ସଭିଙ୍କୁ କଲା ମେଳ
ମାଟି ଗୋଡ଼ି ବାଲି ପକାଇ ସଭିଏଁ
ଗାଆଁ ମାଟି କଲେ ସମତୁଲ।
ଏହା ଦେଖି ଲୋକେ ହେଲେ କାବା
ଡକାଇଲେ ଗୁରୁ ଚାଟ ସଭା
କହିଲେ ଏଭଳି ଭଲକାମ କଲେ
ନିଶ୍ଚେ ଆମେ ଦିନେ ବଡ଼ ହେବା।'


ଅତି ସରଳ ଭାଷାରେ ଶ୍ରୀଯୁକ୍ତ ମହାନ୍ତି ମନୁଷ୍ୟ ଜୀବନର ବିରାଟ ରହସ୍ୟକୁ ଉନ୍ମୋଚନ କରିଛନ୍ତି। ମଧୁବାବୁ ନିଜେ କାଦୁଅରେ କଚାଡ଼ି ହୋଇ ପଡ଼ିଗଲେ। ତା' ପରେ ସେ ଚୁପ୍ ହୋଇ ପାରିଥାନ୍ତେ। ପିଲାଟିର ସମାଜ ସୁଧାରିବା ସାମର୍ଥ୍ୟ ବା କେତେ ? କିନ୍ତୁ ସେ ଅନ୍ୟମାନଙ୍କ ବିଷୟରେ ଚିନ୍ତା କରିଥିଲେ। କାଳେ ତାଙ୍କ ପରି ଅନ୍ୟମାନେ ମଧ୍ୟ ସେ ଖରାପ ରାସ୍ତାରେ କଚାଡ଼ି ହୋଇ ପଡ଼ିଯିବେନି ତ !


ଶିକ୍ଷା ଆମକୁ ଏହି ମାନସିକତା ଆଡ଼କୁ ଅଗ୍ରସର କରାଇବା ଉଚିତ। ଅନ୍ୟର ପୀଡ଼ା ଦେଖି ଆମ ଭିତରେ ଯଦି ଅଳ୍ପ ସମ୍ବେଦନଶୀଳତା ଜାଗ୍ରତ ନହୋଇପାରିଲା ସେ ଶିକ୍ଷାର ଲାଭ କ'ଣ? ତେବେ ଯାଇ ସମାଜର ସ୍ୱାର୍ଥ ଆଗରେ ବ୍ୟକ୍ତିର ବ୍ୟକ୍ତିଗତ ସ୍ୱାର୍ଥ ତୁଚ୍ଛ ମନେହେବ।

ଆଜିର ଶିକ୍ଷା ପଦ୍ଧତିରେ କ୍ୱଚିତ କୌଣସି ପାଠ୍ୟକ୍ରମରେ ସମାଜ ପ୍ରତି ଆମର କର୍ତ୍ତବ୍ୟ ବିଷୟରେ ପିଲାମାନଙ୍କୁ ପଢ଼ାଯାଉଛି। କାଁ ଭାଁ କେତୋଟି ଛାତ୍ରଛାତ୍ରୀଙ୍କୁ ନେଇ ସାଧାରଣତଃ ଉଚ୍ଚ କିମ୍ବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍କାଉଟ୍ ଗାଇଡ୍ କିମ୍ବା ରେଡକ୍ରସ୍ ଦଳ ଗଠନ କରାଯାଉଛି। ପୂର୍ବରୁ ଏହି ଛାତ୍ରଛାତ୍ରୀ ନିଜ ଚାରିପାଖ ଗାଁ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ସାହାଯ୍ୟ କରୁଥିଲେ କିମ୍ବା ସ୍ଥାନୀୟ କୌଣସି ମେଳା ଅନୁଷ୍ଠିତ ହେଲେ ଅନୁଶାସନ ବଜାୟ ରଖିବା, ଯାତ୍ରୀମାନଙ୍କୁ ପାନୀୟ ଜଳ ଯୋଗାଇଦେବା କିମ୍ବା ଅସୁସ୍ଥ ବ୍ୟକ୍ତିର ସେବା କରିବା ଇତ୍ୟାଦିରେ ନିୟୋଜିତ ହେଉଥିଲେ। ବିଦ୍ୟାଳୟରେ ଭାଷା, ବିଜ୍ଞାନ, ଗଣିତ ପରି ପାଠ୍ୟକ୍ରମର ଯେତିକି ଗୁରୁତ୍ୱ ରହିଛି ନୈତିକ ଶିକ୍ଷାର ସେତିକି ଗୁରୁତ୍ୱ ନାହିଁ। ଏହାର ପରିଣତି ହେଉଛି ଆମେ ଆଜି ଏକ ଆତ୍ମକୈନ୍ଦ୍ରିକ ଯୁବଗୋଷ୍ଠୀର ଅଭ୍ୟୁଦୟ ହେବାର ଦେଖୁଛୁ। ନିଜେ ଝୁଣ୍ଟି ପଡ଼ିଲେ ବ୍ୟକ୍ତିଟି ସେହି ପଥର ସେଠାରୁ ହଟାଇବା ପାଇଁ ଇଚ୍ଛା ପ୍ରକାଶ କରୁନାହିଁ।


ସ୍କୁଲ, ଟ୍ୟୁସନ, ଗୀତ, ନାଚ କ୍ଲାସ, ମୋବାଇଲ ବାହାରେ ଯେଉଁ ଦୁନିଆ ଅଛି, ଯେଉଁଠାରେ ଅନେକ ଲୋକଙ୍କୁ କିଛି ସାହାଯ୍ୟର ଆବଶ୍ୟକତା ରହିଛି ସେ ବିଷୟରେ ଆମେ ପିଲାମାନଙ୍କୁ ସୂଚନା ଦେବା ପାଇଁ ମଧ୍ୟ କୁଣ୍ଠାବୋଧ କରୁଛୁ।

ତେଣୁ ମଧୁବାବୁଙ୍କୁ ଯଦି ଉଦାହରଣ ଭାବେ ଗ୍ରହଣ କରିବା, ତେବେ ଆମେ ପ୍ରତ୍ୟେକ ପିଲା ଭିତରେ ତାଙ୍କୁ ଦେଖିପାରିବା। କାରଣ ଅନ୍ୟର ଉପକାର କରିବା ମନୁଷ୍ୟର ଏକ ସ୍ୱାଭାବିକ ଗୁଣ। ଏହି ଗୁଣକୁ କେବଳ ଉଚିତ ମାର୍ଗ ଦର୍ଶନ ଦରକାର, ଯାହା ଆମ ଶିକ୍ଷା ବ୍ୟବସ୍ଥା ଦ୍ୱାରା ସମ୍ଭବ।









ଇମେଲ- pranatipatromail@gmail.com
ମୋ- ୯୪୩୭୧୩୪୮୮୮

## ସବୁଠି ସକ୍ରୀୟ ହେବେ କଂଗ୍ରେସ କର୍ମୀ: ଶରତ ପଟ୍ଟନାୟକ



ଭୁବନେଶ୍ୱର: ନୂତନ ପିସିସି ସଭାପତି ଭାବେ ନାଁ ଘୋଷଣା ହେବା ପରେ ପ୍ରତିକ୍ରିୟା ରଖିଛନ୍ତି ଶରତ ପଟ୍ଟନାୟକ । କଂଗ୍ରେସର ନୂତନ ରୋଡ ମ୍ୟାପ ପ୍ରସ୍ତୁତ କରାଯିବ। ସମସ୍ତଙ୍କୁ ସାଙ୍ଗରେ ନେଇ କାମ କରାଯିବ। ଗାଁରୁ ଭୁବନେଶ୍ୱର ସମସ୍ତ କର୍ମୀଙ୍କୁ ସାଥିରେ ନେଇ କାର୍ଯ୍ୟ କରାଯିବ। ୨୦୨୪ରେ କଂଗ୍ରେସ ସଂଗଠନକୁ ଚ଼ଳଚ଼ଞ୍ଚଳ କରିବା ସହ ହାଇକମାଣ୍ଡଙ୍କ ନିର୍ଦ୍ଦେଶ ଅନୁସାରେ ନିର୍ବାଚ଼ନ ରଣନୀତି ପ୍ରସ୍ତୁତ କରାଯିବ ବୋଲି କହିଛନ୍ତି ଶରତ ପଟ୍ଟନାୟକ। ଏଆଇସିସି ପକ୍ଷରୁ ନୂତନ ଭାବେ ଓଡିଶା ପିସିସି ସଭାପତି ଭାବେ ଶରତ ପଟ୍ଟନାୟକଙ୍କୁ ଦାୟିତ୍ୱ ଦେଇଛି ଦଳ। ୧୮ ବର୍ଷ ପରେ ପୁଣି ହାଇକମାଣ୍ଡ ତାଙ୍କୁ ଓଡ଼ିଶା ପିସିସି ମଙ୍ଗୁଆଳ କରିଛନ୍ତି । ବିଧିବଦ୍ଧ ଭାବେ ଦ୍ୱିତୀୟ ଥର ପାଇଁ ଶରତ ପଟ୍ଟନାୟକଙ୍କୁ ପିସିସି ସଭାପତି ଭାବେ ନିଯୁକ୍ତି ଦେଇଛି ଏଆଇସିସି । ପୂର୍ବରୁ ୨୦୦୧ରୁ ୨୦୦୪ ପର୍ଯ୍ୟନ୍ତ ପିସିସି ସଭାପତି ଦାୟିତ୍ୱ ତୁଲାଇ ସାରିଛନ୍ତି ଶରତ ପଟ୍ଟନାୟକ ।

ପୂର୍ବରୁ ଯୁବ କଂଗ୍ରେସର ସଭାପତି ହେବା ସହ ଜାତୀୟ ପ୍ରଚ଼ାର କମିଟିର ସଦସ୍ୟ ଭାବେ ଦାୟିତ୍ୱ ତୁଲାଇ ସାରିଛନ୍ତି ଶରତ। ଦୁଇଥର ସାଂସଦ ଭାବେ ନିର୍ବାଚ଼ିତ ମଧ ହୋଇଥିଲେ। ୧୯୯୧ରୁ ୧୯୯୬ ସେ ବଲାଙ୍ଗୀରରୁ ସାଂସଦ ଓ ୧୯୯୬ରୁ ୯୮ ପର୍ଯ୍ୟନ୍ତ ଦ୍ୱିତୀୟ ଥର ପାଇଁ ସାଂସଦ ନିର୍ବାଚ଼ିତ ହୋଇଥିଲେ। କଂଗ୍ରେସକୁ ସୁଦୃଢ କରିବା ସହ ଆଗାମୀ ଦିନରେ ରାଜ୍ୟରେ ଦଳ ବିଜେଡି ସହ ପ୍ରତିଦ୍ୱନ୍ଦିତା କରିବା ବୋଲି ନନ୍ଦିଘୋଷ ଟିଭିକୁ ପ୍ରତିକ୍ରିୟା ଦେଇଛନ୍ତି ଶରତ ପଟ୍ଟନାୟକ ।

## ଓଡ଼ିଶା କଂଗ୍ରେସରେ ଏକତା ନାହିଁ : ନିରଞ୍ଜନ



ଭୁବନେଶ୍ୱର : ବିଦାୟୀ ସଭାପତି ନିରଞ୍ଜନ ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ୨ବର୍ଷ ପୂର୍ବରୁ ସଭାପତି ପଦରୁ ଇସ୍ତଫା ଦେଇଥିଲି। ଏଆଇସିସି ପରିବର୍ତନ ନିଷ୍ପତ୍ତି ନେଇଛନ୍ତି। ସଭାପତି ପଦରୁ ଅବ୍ୟାହତି ନେଇଥିଲେ ହେଁ ଓଡିଶାର ସ୍ୱାର୍ଥ ପାଇଁ ଯାହା କର୍ତବ୍ୟ ତାହା ଜାରି ରହିବ। ତେବେ ରାଜ୍ୟର ସ୍ୱାର୍ଥ ପାଇଁ କଂଗ୍ରେସ ନେତୃବୃନ୍ଦଙ୍କୁ ଏକାଠି ହେବା ସହିତ ଲୋକଙ୍କ ନିକଟକୁ ଯିବାକୁ ପଡିବ। କଂଗ୍ରେସର ବିଚ଼ାରଧାରାକୁ ଲୋକଙ୍କୁ ଜଣାଇବାକୁ ହେବ। ଗତ କିଛିଦିନ ଧରି ରାଜ୍ୟ କଂଗ୍ରେସର ଏକତା କିମ୍ବା ଶୃଙ୍ଖଳା ଦେଖିବାକୁ ମିଳୁନାହିଁ। ପିସିସି ସଭାପତି ରହିବା ସମୟରେ କଂଗ୍ରେସକୁ ସୁଦୃଢ଼ କରି ଓଡିଶା ସ୍ୱାର୍ଥ ପାଇଁ ଯେଉଁ କାର୍ଯ୍ୟ କରିବା କଥା, ତାହା ହୋଇ ନ ପାରିବା ଅବସୋସ ରହିଛି। ସେ ଆହୁରି ମଧ କହିଥିଲେ ଯେ ଦେଶର ଅର୍ଥନୀତିର ସ୍ଥିତି ଏବେ ବହୁତ ଖରାପ। ଧନୀଟିଏ ଅଧିକ ଧନୀ ହେଉଥିବା ବେଳେ ଗରିବ ଆହୁରି ଗରିବ ହେଉଛି। ତେଣୁ ଏ ବିଷୟରେ ଲୋକଙ୍କୁ ଜଣାଇବାକୁ ହେବ। ଏହି ଅବସରରେ ସେ ନୂତନ ସଭାପତି ଶରତ ପଟ୍ଟନାୟକଙ୍କୁ ଶୁଭେଚ୍ଛା ଜଣାଇବା ସହିତ ତାଙ୍କ ଅଧୀନରେ ଓଡିଶା କଂଗ୍ରେସ ନୂତନ ଶିଖରରେ ପହଞ୍ଚିବ ବୋଲି ଆଶାବ୍ୟକ୍ତ କରିଛନ୍ତି। ଶରତ ବାବୁଙ୍କୁ ସବୁବେଳେ ତାଙ୍କର ସମର୍ଥନ ଓ ମାର୍ଗଦର୍ଶନ ଜାରି ରହିବ। ଏହି ଅବସରରେ ଶ୍ରୀ ପଟ୍ଟନାୟକ କଂଗ୍ରେସ ନେତୃବୃନ୍ଦଙ୍କୁ ତାଙ୍କ ସମର୍ଥନ ପାଇଁ ଧନ୍ୟବାଦ ଜଣାଇଛନ୍ତି।

## ଓଏଏସ୍ ସ୍ତରରେ ଅଦଳବଦଳ

ଭୁବନେଶ୍ୱର: ରାଜ୍ୟ ସରକାର ଆଜି ଓଏଏସ୍ ସ୍ତରରେ ବଡ ଧରଣର ଅଦଳବଦଳ କରିଛନ୍ତି। ରାଜ୍ୟ ନିର୍ବାଚ଼ନ କମିସନଙ୍କ ସ୍ୱତନ୍ତ୍ର ସଚ଼ିବ ରଘୁରାମ ଆୟରଙ୍କୁ ଉଚ୍ଚ ମାଧମିକ ଶିକ୍ଷାର ନିର୍ଦ୍ଦେଶକ ଭାବେ ବଦଳି କରାଯିବା ସହିତ ଏସ୍‌ସିଇଆରଟିର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସେହିପରି ଏମ୍‌କେସିଜି ମେଡିକାଲ କଲେଜର ରେଜିଷ୍ଟ୍ରାର(ପ୍ରଶାସନିକ) ସୁଦାମ ଚ଼ରଣ ମଣ୍ଡଳ ଶିଳ୍ପ ବିଭାଗର(କେ ଏଣ୍ଡ ଭିଆଇ)ର ଅତିରିକ୍ତ ନିର୍ଦ୍ଦେଶକଙ୍କ ସହିତ ଓଡିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡର ସଚ଼ିବ ନିଯୁକ୍ତ ହୋଇଛନ୍ତି। ପାରାଦୀପର ଅତିରିକ୍ତ ଜିଲ୍ଲାପାଳ କାହ୍ନୁ ଚ଼ରଣ ଧୀରଙ୍କୁ ପାରାଦୀପ ପୌରପାଳିକାର ନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ମିଳିଛି। ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ଅନୁଜ କୁମାର ଦାସପଟ୍ଟନାୟକଙ୍କୁ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚ଼ିବ, ବିଏମ୍‌ସିର ଡେପୁଟି କମିସନର ଶୁଭେନ୍ଦୁ ସାହୁଙ୍କୁ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ, ଢେଙ୍କାନାଳ ଜିଲ୍ଲା ହିନ୍ଦୋଳର ଉପ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର ଢେଙ୍କାନାଳର ଅତିରିକ୍ତ ଜିଲ୍ଲାପାଳ, ପର୍ଯ୍ୟଟନ ବିଭାଗର ଯୁଗ୍ମ ସଚ଼ିବ ପୂଜା ମିଶ୍ର ଏସ୍ ଏଣ୍ଡ ଟି ବିଭାଗର ଯୁଗ୍ମ ସଚ଼ିବ, କନ୍ଧମାଳ ଡିଆରଡିଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ପ୍ରଶାସନିକ) ନରେଶ ଚ଼ନ୍ଦ୍ର ସବର ଫୁଲବାଣୀ ଆଇଟିଡିଏ ପିଏ ଭାବେ ନିଯୁକ୍ତି ପାଇଛନ୍ତି। ବରୀର ବିଡିଓ ଶିବାନନ୍ଦା ସ୍ୱାଇଁଙ୍କୁ ହିନ୍ଦୋଳର ଉପ ଜିଲ୍ଲାପାଳ, କେନ୍ଦୁଝର ଆନନ୍ଦପୁରର ଅତିରିକ୍ତ ଉପ ଜିଲ୍ଲାପାଳ ବର୍ଣ୍ଣେନ୍ଦୁ ମହାନ୍ତିଙ୍କୁ ଇଡକୋର ଲ୍ୟାଣ୍ଡ ଅଫିସର, ଫୁଲବାଣୀର ଆଇଟିଡିଏ ପିଏ ବୀରେନ୍ଦ୍ର କୁମାର ଦାସଙ୍କୁ ଗଜପତି ଛେଳିଗଡ ଜଳସେଚ଼ନ ପ୍ରକଳ୍ପର ସ୍ୱତନ୍ତ୍ର ଏଲଏଓ, ମୟୂରଭଞ୍ଜ ଡିଆରଡିଏର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ(ପ୍ରଶାସନିକ) ପ୍ରିୟବ୍ରତ ପାଢ଼ୀଙ୍କୁ ବିଏମ୍‌ସିର ଡେପୁଟି କମିସନର ଭାବେ ବଦଳି କରାଯାଇଛି।

## ଶୌର୍ଯ୍ୟ ଚ଼କ୍ର ପାଇବେ ସହିଦ ସୁଧୀର ଟୁଡୁ



ଶୁଳିଆପଦା: ବୀରତ୍ୱର ପରାକାଷ୍ଠା ପାଇଁ ଏସ୍‌ଓଜି କମାଣ୍ଡୋ ସହିଦ ସୁଧୀର ଟୁଡୁଙ୍କୁ ମିଳିବ 'ଶୌର୍ଯ୍ୟ ଚ଼କ୍ର' ପୁରସ୍କାର। ଆସନ୍ତା ୩୧ ତାରିଖରେ ରାଷ୍ଟ୍ରପତି ଭବନରେ ଆୟୋଜିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ତାଙ୍କୁ ମରଣୋତ୍ତର ଭାବେ ଏହି ସମ୍ମାନ ପ୍ରଦାନ କରାଯିବ। ରାଷ୍ଟ୍ରପତିଙ୍କଠାରୁ ସହିଦ ସୁଧୀରଙ୍କ ମାଆ ଯଉନା ଟୁଡୁ ପୁରସ୍କାର ଗ୍ରହଣ କରିବେ। ଏନେଇ କେନ୍ଦ୍ର ଗୃହ ମନ୍ତ୍ରାଳୟ ପକ୍ଷରୁ ଚ଼ିଠି କରାଯାଇଥିବା ବେଳେ ଓଡିଶା ସରକାରଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚ଼ିବ ଓ ଉପସଚ଼ିବଙ୍କ ସହ ପୁଲିସ ଆଇଜିଙ୍କୁ ଅବଗତ କରାଯାଇଛି। ସେହିପରି ସହିଦ ସୁଧୀରଙ୍କ ମାଆ ଯଉନାଙ୍କୁ ମଧ ସ୍ୱତନ୍ତ୍ର ଚ଼ିଠି ଦିଆଯାଇଛି। ସୁଧୀରଙ୍କ ସହ ସହିଦ ଦେବାଶିଷ ସେଠୀଙ୍କୁ ମଧ ଶୌର୍ଯ୍ୟ ଚ଼କ୍ର ପୁରସ୍କାର ପ୍ରଦାନ କରାଯିବ ବୋଲି ଜଣାପଡିଛି।

# ସବୁ ବିଭାଗ ଏକ ଟିମ୍ ଭାବେ କାମ କରନ୍ତୁ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ରାଜ୍ୟ ସରକାରଙ୍କ ରୂପାନ୍ତର ଶୃଙ୍ଖଳାର ଦ୍ୱିତୀୟ ବୈଠକ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନଗର ଉନ୍ନୟନ ବିଭାଗର ପ୍ରମୁଖସଚ଼ିବ ଜି.ମାଥିଭାଥନନ୍ ବିଭିନ୍ନ ରୂପାନ୍ତର କାର୍ଯ୍ୟକ୍ରମକୁ ଉପସ୍ଥାପନ କରିଥିଲେ। ନଗର ଉନ୍ନୟନ ବିଭାଗର ସୂଚ଼ନା ଅନୁଯାୟୀ,ରାଜ୍ୟର ୧୬% ଲୋକ ସହରାଞ୍ଚଳରେ ବସବାସ କରନ୍ତି ଏବଂ ସେଥିରୁ ୪୦% ଅଞ୍ଚଳରେ ପିଇବା ପାଣିର ସୁବିଧା ନଥିଲା। ୪ଲକ୍ଷ ଘରେ ଶୌଚ଼ାଳୟ ନଥିଲା। ବିଭାଗର ରୂପାନ୍ତର କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ରାଜ୍ୟର ୮୪% ଘରକୁ ପାଇପ୍ ପାଣି ଯୋଗାଯାଇପାରିଛି। ଏବେ ୧୦ଲକ୍ଷ ଲୋକଙ୍କ ଘରକୁ ପାଇପ୍ ପାଣି ଯୋଗାଯାଉଛି। ପୁରୀରେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ କାର୍ଯ୍ୟକ୍ରମ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ହେବା ପରେ ଏବେ ରାଜ୍ୟର ୨୪ଟି ସହରରେ ଏହା ଆରମ୍ଭ ହୋଇଛି। ସେହିପରି ମଳମୂତ୍ର ଓ କଠିନ ବର୍ଜ୍ୟବସ୍ତୁ ପରିଚ଼ାଳନା କ୍ଷେତ୍ରରେ ମଧ ଯଥେଷ୍ଟ ଉନ୍ନତି ଆସିପାରିଛି । ବର୍ତ୍ତମାନ ରାଜ୍ୟର ୧୦୦ଟି ସହରରେ ୧୦୩ଟି ସିପେଜ୍ ବିଶୋଧନାଗାରରେ ଦିନକୁ ୧୮୦୦ କିଲୋ ଲିଟର ମଳ ବିଶୋଧନ କରାଯାଉଛି। ଏଥିରେ କମ୍ ଖର୍ଚ୍ଚରେ ସାଧାରଣ ଜ୍ଞାନକୌଶଳ ପ୍ରୟୋଗରେ ଗୋଷ୍ଠୀ ସହଭାଗିତାରେ ବ୍ୟାପକ ପରିବର୍ତ୍ତନ ଅଣାଯାଇ ପାରିଛି। ମୁକ୍ତା ଯୋଜନାରେ ରାଜ୍ୟ ବାହାରେ କାମ କରୁଥିବା ୫ଲକ୍ଷ ଶ୍ରମିକଙ୍କୁ ଜୀବିକା ଯୋଗାଇ ଦିଆଯାଇଛି। ଏଥିରେ ୨ହଜାର କୋଟି ବିନିଯୋଗରେ ୨୨୫୦୦ଟି ପ୍ରକଳ୍ପ କରାଯାଇଛି। ୧୫ହଜାର ଏସ୍‌ଏଚ୍‌ଜିକୁ କାମ ତଦାରଖ ଦାୟିତ୍ୱ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଏହି ସଫଳତାର କାହାଣୀ ଶୁଣିବା ପରେ କହିଛନ୍ତି ଯେ, ସବୁ ବିଭାଗ ମିଳିମିଶି ଏକ ଟିମ୍ ଭଳି କାମ କଲେ ଲୋକଙ୍କ ପାଖରେ ସରକାରୀ ଯୋଜନା ପହଞ୍ଚିବା ସହ ରାଜ୍ୟର ବିକାଶ ହୋଇପାରିବ। ଏଥିରେ ମୁଖ୍ୟମନ୍ତ୍ରୀଙ୍କ ସଚ଼ିବ (୫ଟି) ଭି.କେ ପାଣ୍ଡିଆନ କହିଥିଲେ ଯେ, ସହରାଞ୍ଚଳର ଏକ ନିର୍ଦ୍ଦିଷ୍ଟ ପ୍ରତିଶତ ଜନସାଧାରଣ ସହରର ମୌଳିକ ସୁବିଧା ପାଇପାରିଲେ ହିଁ ରୂପାନ୍ତରଣର ପ୍ରକୃତ ଲକ୍ଷ୍ୟ ସାଧିତ ହୋଇପାରିବ। ସହରାଞ୍ଚଳର ବିକାଶ ବୈଜ୍ଞାନିକ ଆଧାରରେ ହେବା ସହ ଅନ୍ତର୍ଭୁକ୍ତୀକରଣ ଓ ସାମଗ୍ରୀକ ବିକାଶକୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ଓଡିଶାରେ ବଡବଡ କମ୍ପାନିକୁ ସହରାଞ୍ଚଳ ବିକାଶରେ ନିୟୋଜିତ କରା ନଯାଇ ଗୋଷ୍ଠୀ ସହଭାଗିତାରେ କରାଯାଇଛି। ଏହା ହିଁ ଓଡିଶାର ରୂପାନ୍ତରଣର ବୈଶିଷ୍ୟ। ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ଅଶୋକ ପଣ୍ଡା, କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚ଼ିବ ସୁରେଶ ଚ଼ନ୍ଦ୍ର ମହାପାତ୍ର ଏବଂ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ସଚ଼ିବ, ପ୍ରମୁଖ ସଚ଼ିବ ଓ ସଚ଼ିବମାନେ ଯୋଗ ଦେଇଥିଲେ।

# ୯୦ ସ୍କୁଲରେ ଆରମ୍ଭ ହେଲା ଓଡିଶା ଅଲିମ୍ପିକ୍ସ ମୂଲ୍ୟବୋଧ ଶିକ୍ଷା

ଭୁବନେଶ୍ୱର: ସ୍କୁଲ ଛାତ୍ରଛାତ୍ରୀଙ୍କୁ ଆଗାମୀ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତ କରାଯିବ। ରାଜ୍ୟର ଯେପରି ଅଧିକରୁ ଅଧିକ ପିଲା ଅଲିମ୍ପିକ୍ସ ପାଇଁ ନିଜକୁ ପ୍ରସ୍ତୁତ କରିବେ ସେନେଇ ସ୍କୁଲ ସ୍ତରରେ ପ୍ରଶିକ୍ଷଣ ଦିଆଯିବ। ଏନେଇ ରାଜ୍ୟ ସରକାର ଭୁବନେଶ୍ୱର ଓ ରାଉରକେଲାର ମୋଟ୍ ୯୦ଟି ସ୍କୁଲରେ 'ଓଡିଶା ଅଲିମ୍ପିକ୍ସ ମୂଲ୍ୟବୋଧ ଶିକ୍ଷା' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହା ସ୍କୁଲ ପାଠ୍ୟକ୍ରମ ସହ ସମନ୍ୱିତ ହେବାକୁ ଥିବାବେଳେ ଏବେ ଭୁବନେଶ୍ୱରର ୬୩ଟି ଏବଂ ରାଉରକେଲାର ୨୭ଟି ସ୍କୁଲ ସାମିଲ୍ ହୋଇଛନ୍ତି। ମୋଟ୍ ୯୦ଟି ସ୍କୁଲରେ ୩୨ହଜାର ପିଲା ଏହାଦ୍ୱାରା ଉପକୃତ ହେବେ। ଆଗାମୀ ଦିନରେ ରାଜ୍ୟର ସମସ୍ତ ସ୍କୁଲରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି। ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚ୍ଚୁଆଲ ମୋଡରେ ଏହାକୁ ଉଦ୍‌ଘାଟନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏହାଦ୍ୱାରା ଦେଶରେ ନୂତନ ଅଲିମ୍ପିକ୍ସ ଆନ୍ଦୋଳନ ଆରମ୍ଭ ହେବାକୁ ଯାଉଛି। ଆମ ପିଲାମାନେ ଅଲିମ୍ପିକ୍ସ ମୂଲ୍ୟବୋଧତାର ଉତ୍କର୍ଷତା, ବନ୍ଧୁତା ଏବଂ ସମ୍ମାନକୁ ଅନୁଭବ କରିପାରିବେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଶାରେ ପିଲାମାନଙ୍କର ଶିକ୍ଷା ଓ ବ୍ୟକ୍ତିତ୍ୱର ବିକାଶ ପାଇଁ କ୍ରୀଡା ଆମ ଦୃଷ୍ଟିକୋଣର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ। ଆମେ ସର୍ବଦା କ୍ରୀଡା ଏବଂ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷତା ହାସଲ ପାଇଁ ଚେଷ୍ଟା କରିଛୁ। ଓଡିଶା ଦେଶର ପ୍ରମୁଖ କ୍ରୀଡା ହବ୍ ଭାବେ ଉଭା ହୋଇଥିବାବେଳେ ସହଭାଗିତା ମାଧମରେ କ୍ରୀଡାକୁ ଆଗକୁ ନେବାକୁ ଉଦ୍ୟମ ଜାରି ରଖିବ। ଇଣ୍ଟରନ୍ୟାସନାଲ ଅଲିମ୍ପିକ୍ସ କମିଟି (ଆଇଓସି) ସହ ମିଶି ଏହି କାର୍ଯ୍ୟକ୍ରମ ଆରମ୍ଭ କରିବା ସମ୍ମାନର ବିଷୟ। କ୍ରୀଡା କ୍ଷେତ୍ରରେ ଉତ୍କର୍ଷତା ହାସଲ ପାଇଁ ଆଇଓସି ଆମକୁ ସହଭାଗୀ ଭାବେ ଚ଼ୟନ କରିଥିବାରୁ ଆଇଓସିକୁ ଧନ୍ୟବାଦ। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଥିଲେ ଏହି କାର୍ଯ୍ୟକ୍ରମ ପିଲାଙ୍କ ଜୀବନରେ ବଡ ପରିବର୍ତ୍ତନ ଆଣିବ। କାର୍ଯ୍ୟକ୍ରମରେ ଆଇଓସି ଶିକ୍ଷା କମିସନ ଅଧକ୍ଷ ମିକେଲା ସି. ଜାଓ୍ୱେରସ୍କି କହିଥିଲେ, କ୍ରୀଡା ଏଭଳି ଶକ୍ତିଶାଳୀ ପରିବର୍ତ୍ତନ ଆଣିପାରିବ ଯାହା ପାରମ୍ପାରିକ ଶିକ୍ଷା ଆଣିପାରିବନି। ଆଇଓସି ସଂସ୍କୃତି ଓ ଐତିହ୍ୟ କମିଟିର ନିର୍ଦ୍ଦେଶକ ଆଞ୍ଜେଲିଟା ଟିଓ କହିଥିଲେ, ଅଲିମ୍ପିକ୍ସ ଶିକ୍ଷା ଜୀବନର ଦର୍ଶନକୁ ବଢ଼ାଇବ। ଏହା ଛାତ୍ରଛାତ୍ରୀଙ୍କୁ ଶାନ୍ତ ଓ ସୁସ୍ଥ ଜୀବନ ଭେଟିଦେବ। ଆଇଓସି ସଦସ୍ୟ ନୀତା ଅମ୍ବାନି କହିଥିଲେ, ପ୍ରତ୍ୟେକ ପିଲା ଯଦିଓ ଜଣେଜଣେ ଅଲିମ୍ପିଆନ୍ ହୋଇପାରିବେନି କିନ୍ତୁ ସମସ୍ତେ ଅଲମ୍ପିଜିମ୍ ଶିଖି ପାରିବେ। ନିକଟରେ ଓଡିଶା କ୍ରୀଡା କ୍ଷେତ୍ରରେ ହବ୍ ପାଲଟିଛି। ଏହି ଆନ୍ଦୋଳନରେ ମୁଁ ସାମିଲ୍ ହୋଇଥିବାରୁ ଗର୍ବିତ। ଅଲିମ୍ପିକ୍ସ ପଦକ ବିଜେତା ଅଭିନବ ବିନ୍ଦ୍ରା କହିଥିଲେ, ଅଲିମ୍ପିକ୍ସ ଆନ୍ଦୋଳନ ସମାଜରେ ପରିବର୍ତ୍ତନ ଆଣିବାର କ୍ଷମତା ରଖିଛି। ଓଡିଶା ହକି ପ୍ରମୋସନ୍ କାଉନସିଲ୍ ସଭାପତି ଦିଲ୍ଲୀପ ତିର୍କୀ କହିଥିଲେ, ଅଲିମ୍ପିକ୍ସ ଖେଳି ସେ ଆତ୍ମ ଶୃଙ୍ଖଳା, ସମ୍ମାନ ଆତ୍ମବିଶ୍ୱାସ ପାଇଛନ୍ତି। ଇଣ୍ଡିଆନ ଅଲିମ୍ପିକ୍ସ ଆସୋସିଏସନ୍ ଅଧକ୍ଷ ନରେନ୍ଦ୍ର ବାତ୍ରା କହିଥିଲେ ଏହି ଆନ୍ଦୋଳନ କ୍ରୀଡାର ମୂଲ୍ୟବୋଧକୁ ଶିକ୍ଷା କ୍ଷେତ୍ରରେ ଉତ୍ସାହିତ କରିବ। ଏହି ଆନ୍ଦୋଳନ ସହ ଓଡିଶା ଅନ୍ୟ ରାଜ୍ୟ ପାଇଁ ଉଦାହରଣ ସୃଷ୍ଟି କରିବ। ଏହି କାର୍ଯ୍ୟକ୍ରମରେ କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା, ମୁଖ୍ୟ ଶାସନ ସଚ଼ିବ ସୁରେଶ ଚ଼ନ୍ଦ୍ର ମହାପାତ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖସଚ଼ିବ ବିଷ୍ଣୁପଦ ସେଠୀ, କ୍ରୀଡା ସଚ଼ିବ ଭିନିଲ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ। ସୂଚ଼ନାଯୋଗ୍ୟ ଯେ ଏହି ଯୋଜନାରେ ସାରା ଦେଶରେ ୭ନିଯୁତ ପିଲାଙ୍କୁ ସାମିଲ୍ କରିବାକୁ ନିଷ୍ପତ୍ତି ହୋଇଛି।

## ଏମ୍‌ସରେ ମେଡିକାଲ୍ ଅଙ୍କୋଲୋଜି ବିଭାଗର ସ୍ୱତନ୍ତ୍ର ଡେ କେୟାର



ଭୁବନେଶ୍ୱର : ରାଜ୍ୟ ତଥା ରାଜ୍ୟ ବାହାରୁ କର୍କଟ ରୋଗୀଙ୍କ କେମୋଥେରାପି ଆବଶ୍ୟକତାକୁ ପୂରଣ କରିବା ଲକ୍ଷ୍ୟରେ ଏମ୍‌ସ ଭୁବନେଶ୍ୱର ମେଡିକାଲ ଅଙ୍କୋଲୋଜି ବିଭାଗ ପକ୍ଷରୁ ଡେ କେୟାର୍ ଏବଂ ଓପିଡି ସେବା ଆରମ୍ଭ ହୋଇଛି। ଏମ୍‌ସ ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ମୁକେଶ ତ୍ରିପାଠୀ ହସ୍‌ପିଟାଲ୍‌ର ଜି ବ୍ଲକରେ ଥିବା ଏହି ବ୍ୟବସ୍ଥାକୁ ଉଦଘାଟନ କରିଛନ୍ତି। ଏହି ଅବସରରେ ନିର୍ଦ୍ଦେଶକ ଡା. ତ୍ରିପାଠୀ କହିଛନ୍ତି, ଏହି ବ୍ୟବସ୍ଥା କେମୋଥେରାପି ଆବଶ୍ୟକ କରୁଥିବା କର୍କଟ ରୋଗୀଙ୍କୁ ସହାୟତା କରିବ। କାର୍ଯ୍ୟକ୍ରମରେ ମେଡିକାଲ୍ ଅଧୀକ୍ଷକ ଡା. ସଚ୍ଚିଦାନନ୍ଦ ମହାନ୍ତି, ମେଡିକାଲ ଅଙ୍କୋଲୋଜି ହେମାଟୋଲୋଜି ବିଭାଗ ମୁଖ୍ୟ ଡା. ପ୍ରବୋଧ ଦାସ, ଜେଏମଏସ ଡା. ଜେ ଏସ ପିଲାଇ, ଆସୋସିଏଟ ପ୍ରଫେସର ଡା. ସୌରଭ କୁମାର ମିଶ୍ର ଏବଂ ମେଡିକାଲ ଅଙ୍କୋଲୋଜି ବିଭାଗର ସହକାରୀ ପ୍ରଫେସର ଡା. ଇଲାଭାରାସି ଭାନିଡାସାନେ ମଧ ଉପସ୍ଥିତ ଥିଲେ। ଏମ୍‌ସରେ ପୂର୍ବରୁ ମେଡିକାଲ୍ ଅଙ୍କୋଲୋଜି ହେମାଟୋଲୋଜି ବିଭାଗ ସହିତ ମିଳିତ ଭାବରେ ଏକକାଳୀନ ଓପିଡି ଏବଂ ଡେ କେୟାର ସେବା ପ୍ରଦାନ କରୁଥିଲା। ପ୍ରତିଦିନ ଅନେକ ସଂଖ୍ୟାରେ ରୋଗୀ ପରାମର୍ଶ ନେବା ପାଇଁ ଆସୁଥିଲେ। ଏଥିପାଇଁ ସ୍ୱତନ୍ତ୍ର ଆବଶ୍ୟକତା ଥିଲା। ଗତ ମାସରେ କେବଳ ମେଡିକାଲ୍ ଅଙ୍କୋଲୋଜି ପକ୍ଷରୁ ୧୦୫ କେମୋଥେରାପି, ୪୪୬ଟି ଓପିଡି ସେବା ପ୍ରଦାନ କରାଯାଇଥିଲା। ସେହିପରି ୧୬୦ଜଣ ନୂତନ ଓପିଡି ରୋଗୀ ପରାମର୍ଶ ନେଇଥିବା ଡା. ମିଶ୍ର ସୂଚ଼ନା ଦେଇଛନ୍ତି। ଡା. ସୌରଭ କୁମାର ମିଶ୍ର ଏବଂ ଡା. ଇଲାଭାରାସୀ ଭାନିଡାସାନେ ନୂତନ ଭାବେ ଏହି ବିଭାଗରେ ଅଧାପକ ଏବଂ ଅଧାପିକା ଭାବେ ଯୋଗଦେଇ ଏମ୍‌ସ ଭୁବନେଶ୍ୱରରେ ମେଡିକାଲ ଅଙ୍କୋଲୋଜି ସେବା ଆରମ୍ଭ କରିଛନ୍ତି। ପ୍ରତିବର୍ଷ ଅନେକ ସଂଖ୍ୟାରେ କର୍କଟ ରୋଗୀ ଆସୁଥିବାରୁ ଭବିଷ୍ୟତରେ ମେଡିକାଲ୍ ଅଙ୍କୋଲୋଜିରେ ଡିଏମ୍ ପାଠ୍ୟକ୍ରମ ଆରମ୍ଭ କରିବାକୁ ଯୋଜନା ଥିବା ଏମ୍‌ସ ପକ୍ଷରୁ କୁହାଯାଇଛି। ଏହି ବିଭାଗରୁ ସେବା ନେବାକୁ ଆସୁଥିବା କର୍କଟ ରୋଗୀମାନେ ସିଧାସଳଖ ଜି ବ୍ଲକ୍‌ରେ ପଞ୍ଜୀକରଣ କରିପାରିବେ। ଫଳରେ ଆଉ ଲମ୍ବା ସମୟ ପାଇଁ ଅପେକ୍ଷା କରିବାକୁ ପଡିବ ନାହିଁ। ମେଡିକାଲ୍ ଅଙ୍କୋଲୋଜି ସେବା ସପ୍ତାହର ପ୍ରତି ମଙ୍ଗଳବାର ଏବଂ ଗୁରୁବାର ଦିନ ଜାରି ରହିବ। ଡେ କେୟାର୍ ସେବା ସପ୍ତାହର ସବୁଦିନ ଚ଼ାଲିବା ନେଇ ସୂଚ଼ନା ଦିଆଯାଇଛି।

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ସିବିଆଇ ତଦନ୍ତ ହେଉ: ବିଜୟ

ଭୁବନେଶ୍ୱର: ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଅନ୍ତର୍ଗତ ଚାଲିଥିବା ବେଆଇନ ନିର୍ମାଣ କାମର ପ୍ରଥମ ଅଭିଯୁକ୍ତ ହେଉଛନ୍ତି ଏଏସ୍‌ଆଇ ଡିଜି। ସେ ସର୍ତ୍ତମୂଳକ ଅନୁମତି ଦେଇ ପ୍ରଥମ ଭୁଲ୍ କରିଛନ୍ତି। ସେହିପରି ପୁରୀ ଜିଲ୍ଲା ପ୍ରଶାସନ ଅତ୍ୟନ୍ତ ଦାୟିତ୍ୱହୀନ ଭାବେ କାମ କରୁଛି। ତେଣୁ ଏହାର ସିବିଆଇ ତଦନ୍ତ ହେବା ଦରକାର ବୋଲି ବିଜେପି ନେତା ବିଜୟ ମହାପାତ୍ର ଦାବି କରିଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଛନ୍ତି ଯେ ଯେମିତି ଗତବର୍ଷ ସେପ୍ଟେମ୍ବର ମାସରେ ଗୁଜୁରାଟ ଗାନ୍ଧୀନଗର ସ୍ଥିତ ଏକ ମସଜିଦ ପାଖରେ ଚ଼ାଲିଥିବା ଖନନ କାର୍ଯ୍ୟ ନେଇ ଏଏସ୍‌ଆଇ ମିଛ ଅନୁମତି ଦେଇ ଧରାପଡିଥିଲା, ଏଠି ସେମିତି ଶ୍ରୀମନ୍ଦିର କ୍ଷେତ୍ରରେ ମଧ ତଦନ୍ତ ହେଲେ ସବୁ ଧରାପଡିବେ। ସିବିଆଇ ଉକ୍ତ ମାମଲାର ତଦନ୍ତ କରି ଏଏସ୍‌ଆଇ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କୁ ବାନ୍ଧିଥିଲା। ସେଠାରେ ଆମ୍‌ସାର ଆକ୍ଟର ଧାରା ୨୦ଏ ପାଳନ ହୋଇ ନ ଥିଲା। କେନ୍ଦ୍ର ସରକାର ତୁରନ୍ତ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କ୍ଷେତ୍ରରେ ସିବିଆଇ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ ବୋଲି ଶ୍ରୀ ମହାପାତ୍ର ଦାବି କରିଛନ୍ତି। ସେ କହିଛନ୍ତି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ବିବାଦ ବଢ଼ିବାରେ ଲାଗିଛି। ହାଇକୋର୍ଟରେ ମାମଲା ବିଚ଼ାରାଧୀନ ଥିବା ବେଳେ ଏଏସ୍‌ଆଇ ପକ୍ଷରୁ ଉପସ୍ଥିତ ଆଇନଜୀବୀ ଦୁଇଟି ତାରିଖରେ ଚୁପ୍ ବସିଲେ। କୋର୍ଟ ଯୁଗ୍ମସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେବା ପରେ ଏଏସ୍‌ଆଇ ତଦନ୍ତ କରି ରିପୋର୍ଟ ଦେଲା। ତେଣୁ ଏଏସ୍‌ଆଇର ଭୂମିକା ନେଇ ସନ୍ଦେହ ସୃଷ୍ଟି ହେଉଛି।

# ୩୨ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ରେ ମଞ୍ଜୁରୀ

ଭୁବନେଶ୍ୱର : ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୩୨ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। 'ଲ୍ୟାଣ୍ଡ ବ୍ୟାଙ୍କ ସ୍କିମ'ଯୋଜନାକୁ କ୍ୟାବିନେଟ ଅନୁମୋଦନ ମିଳିଛି। ଇଡକୋ ମାଧମରେ କାର୍ଯ୍ୟକାରୀ ହେବାକୁ ଥିବା ଏହି ଯୋଜନାରେ ୧ଲକ୍ଷ ଏକର ଜମିର ଲ୍ୟାଣ୍ଡ ବ୍ୟାଙ୍କ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି। ଯାହାଦ୍ୱାରା ରାଜ୍ୟରେ ବିଭିନ୍ନ ଧରଣର ଶିଳ୍ପ ୟୁନିଟ୍ ପ୍ରତିଷ୍ଠା ହୋଇପାରିବ। ଏହା ରାଜସ୍ୱ ଓ ନିଯୁକ୍ତି ସୃଷ୍ଟି କରିବାରେ ସହାୟକ ହେବ। ଆସନ୍ତା ୫ବର୍ଷରେ ଲ୍ୟାଣ୍ଡ ବ୍ୟାଙ୍କ ପାଇଁ ୮୫୬କୋଟିର ବ୍ୟବସ୍ଥା କରାଯିବ। ସେହିପରି ଉଚ୍ଛେଦ ହୋଇଛି ଡିଆରଡିଏ ବା ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା । ଜିଲ୍ଲା ପରିଷଦ ସହ ଡିଆରଡିଏର ମିଶ୍ରଣ ହୋଇଛି। ଏହା ପଞ୍ଚାୟତରାଜ ବ୍ୟବସ୍ଥାକୁ ଅଧିକ ସଶକ୍ତ ଓ କାର୍ଯ୍ୟକ୍ଷମ କରିବ। ଅନ୍ୟପକ୍ଷରେ ୨୪ଘରୋଇ ଉଚ୍ଚ ପ୍ରାଥମିକ ସ୍କୁଲକୁ ମିଳିବ ସରକାରୀ ଅନୁଦାନ । ଉପକୃତ ହେବେ ୪୭ଜଣ ଶିକ୍ଷକ, ବର୍ଷକୁ ୬୮ଲକ୍ଷ ଖର୍ଚ୍ଚ ହେବ। ଜଳ ସମ୍ପଦ ବିଭାଗର ବିଭିନ୍ନ ପ୍ରସ୍ତାବ କ୍ୟାବିନେଟର ମୋହର ବାଜିଛି। ରାଜ୍ୟରେ ୧ଲକ୍ଷ ନୂଆ ବୋରଓ୍ୱେଲ ଖନନ କରାଯିବ। ଆସନ୍ତା ୫ବର୍ଷରେ ୧ଲକ୍ଷ କ୍ଲଷ୍ଟର ବୋରଓ୍ୱେଲ ଯୋଜନା। ଖର୍ଚ୍ଚ ହେବ ୪ହଜାର ୧୯୮କୋଟି, ୫ଲକ୍ଷ ହେକ୍ଟର ଜମି ହେବ ଜଳସେଚ଼ିତ। ୧ଲକ୍ଷରୁ ଅଧିକ କୃଷକ ପରିବାର ଉପକୃତ ହେବେ। ଅନୁଗୁଳ ମେଗା ଆଲୁମିନିୟମ ପାର୍କ ପାଇଁ ଇଡକୋକୁ ୪୨୮କୋଟି। ୮୭୧ଏକର ଜମିର ବିକାଶ ପାଇଁ ୬୨କୋଟି ଖର୍ଚ୍ଚ କରାଯିବ । ଆସନ୍ତା ୩ବର୍ଷରେ ନିର୍ମାଣ ହେବ ୧୨୮୦ ଚେକ ଡ୍ୟାମ, ଖର୍ଚ୍ଚ ହେବ ୧୧୧କୋଟି ଟଙ୍କା ଜଳ ସେଚ଼ନ ସହ ଭୂତଳ ଜଳସ୍ତର ବୃଦ୍ଧି ପାଇଁ ଯୋଜନା । ଗଙ୍ଗାଧର ମେହେର ଉଠା ଜଳସେଚ଼ନ ପ୍ରକଳ୍ପରେ ସାମିଲ ହେଲା ୧୨ନୂଆ ଗାଁ । ୧୨ଗାଁର ୫,୫୫୦ହେକ୍ଟର ଜମି ଜଳସେଚ଼ିତ, ଖର୍ଚ୍ଚ ୧୮୫କୋଟି। ଡ୍ରିମ୍ସ



ବିଶ୍ୱବିଦ୍ୟାଳୟ ପ୍ରସ୍ତାବ ଅନୁମୋଦିତ। ୭୦ ଲକ୍ଷ ଏସଏଚ୍‌ଜି ମହିଳା ସଦସ୍ୟାଙ୍କ ପାଇଁ ସୃଷ୍ଟି ହେବ ବଜାର।

ସେହିପରି ମିଶନ ଶକ୍ତି ମହିଳାଙ୍କ ପାଇଁ ଖୁସି ଖବର। ଏବେ ପ୍ରତି ପଞ୍ଚାୟତରେ ଓ ସହରାଞ୍ଚଳର ପ୍ରତ୍ୟେକ ଓ୍ୱାର୍ଡରେ ହେବ ମିଶନ ଶକ୍ତି ଭବନ। ଆସନ୍ତା ୫ ବର୍ଷରେ ମିଶନ ଶକ୍ତିରେ ଖର୍ଚ୍ଚ ହେବ ୪ ହଜାର ୯୭୩ କୋଟି । ଏନେଇ କ୍ୟାବିନେଟ ବୈଠକରେ ନିଷ୍ପତ୍ତି ହୋଇଛି। ତେବେ ନିଆଯାଇଥିବା ନିଷ୍ପତ୍ତି ମଧ୍ୟରୁ ରାଜ୍ୟ ସରକାର 'ମିଶନ ଶକ୍ତି' ପାଇଁ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି । ଏଥିରେ ପ୍ରତ୍ୟେକ ପଞ୍ଚାୟତ ଓ ସହରାଞ୍ଚଳର ପ୍ରତ୍ୟେକ ଓ୍ୱାର୍ଡରେ 'ମିଶନ ଶକ୍ତି' ଭବନ ନିର୍ମାଣ କରାଯିବ । ଏହା ସହ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବିଭିନ୍ନ ସାମଗ୍ରୀ ବିକିବାକୁ ୫୦୦ଟି ମିଶନ ଶକ୍ତି ବଜାର ସ୍ଥାପନ ହେବ। କ୍ୟାବିନେଟ ନିଷ୍ପତ୍ତି ଅନୁଯାୟୀ ଆଗାମୀ ୫ ବର୍ଷରେ ମିଶନ ଶକ୍ତି ଯୋଜନାରେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ୫୦ ହଜାର କୋଟି ଟଙ୍କାର ବ୍ୟାଙ୍କ ଋଣ ବ୍ୟବସ୍ଥା କରାଯିବ । ଏସଏଚ୍‌ଜିଙ୍କୁ ୧୨ ଶହ କୋଟି ଟଙ୍କାର ସୁଧ ରିହାତି ବ୍ୟବସ୍ଥା ବି ରହିବ । ପ୍ରାୟ ୩୫ରୁ ୪୦ ଲକ୍ଷ ମହିଳା ଏସଏଚ୍‌ଜି ସଦସ୍ୟାଙ୍କୁ ଜୀବିକା ନିର୍ବାହ ଓ ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ଅଧୀନରେ ତାଲିମ ଦିଆଯିବ । ବିଭିନ୍ନ ସରକାରୀ ବିଭାଗଙ୍କ ସହଭାଗିତାରେ ମିଶନ ଶକ୍ତି ସ୍ୱୟଂ ସହାୟକ ଗୋଷ୍ଠୀ ତଥା ମହାସଂଘକୁ ୬ ହଜାର ୬୦୦ କୋଟିରୁ ଅଧିକ ବ୍ୟବସାୟ ଯୋଗାଇ ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଗୁଡିକୁ ସଙ୍ଗଠିତ ଓ ମଜଭୁତ କରିବା ଉଦ୍ଦେଶ୍ୟରେ ୨୦୦୧ରେ ମିଶନ ଶକ୍ତି ଯୋଜନାର ଆରମ୍ଭ ହୋଇଥିଲା। ଏବେ ଏହି ଯୋଜନା ଏକ ବଡ଼ ସାମାଜିକ ଓ ଅର୍ଥନୈତିକ ଆନ୍ଦୋଳନରେ ପରିଣତ ହୋଇଛି । ୨୦ ବର୍ଷରେ ମିଶନ ଶକ୍ତିରେ ୭୦ ଲକ୍ଷ ମହିଳାଙ୍କୁ ୬.୦୨ ଲକ୍ଷରୁ ଅଧିକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀରେ ସଙ୍ଗଠିତ କରିବାରେ ସକ୍ଷମ ହୋଇଛି । ଗତବର୍ଷ ତୃଣମୂଳ ସ୍ତରରେ ଲକ୍ଷ ଲକ୍ଷ ମହିଳାଙ୍କ ଯୋଗଦାନକୁ ତ୍ୱରାନ୍ୱିତ କରିବା ତଥା ସ୍ଥାୟୀ ଜୀବିକା ସୃଷ୍ଟି କରିବା ପାଇଁ ଓଡ଼ିଶା ସରକାର ମିଶନନ ଶକ୍ତିକୁ ଏକ ସ୍ୱତନ୍ତ୍ର ବିଭାଗ ଭାବେ ଘୋଷଣା କରିଛନ୍ତି । ଏହି ଯୁଗାନ୍ତକାରୀ ପଦକ୍ଷେପ ଦ୍ୱାରା ଆଗାମୀ ୫ ବର୍ଷରେ ସରକାରୀ ବିଭାଗମାନଙ୍କ ସହିତ ଦ୍ରବ୍ୟ ଓ ସେବା ଯୋଗାଣ ମାଧ୍ୟମରେ ୫ ହଜାର କୋଟି ଟଙ୍କାର ବ୍ୟବସାୟ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ପାଇପାରିବେ ।

## ସମ୍ପାଦକୀୟ...

ତୁଷ୍ଟିକରଣ ଏବେର ରାଜନୀତିର ମୁଖ୍ୟ ଆଧାର। ସବୁ ରାଜନୈତିକ ଦଳ ଏଥିପାଇଁ ଏକ ବୃହତ ପ୍ରତିଯୋଗିତାରେ ଅବତୀର୍ଣ୍ଣ। ଲୋକଙ୍କୁ ମାଗଣାରେ ଚାଉଳ, ବିଦ୍ୟୁତ୍ ଓ ଅନ୍ୟାନ୍ୟ ସାଧାରଣ ଜିନିଷ ଦେଇ ତାଙ୍କର ମାନସିକତାକୁ ନିଜ ସପକ୍ଷରେ ଟୋରାଇନେବା। ସାଧାରଣ ଲୋକଟି ଭାବୁଛି ମୋତେ କ'ଣ କ'ଣ ମାଗଣାରେ ମିଳୁଛି ଏବଂ ତା'ର ବିନିମୟ ମୂଲ୍ୟ କ'ଣ ? ଏପରି କରିବା ଦ୍ୱାରା ପରିଶ୍ରମୀ ଲୋକର ଶ୍ରମ ଲାଘବ ହେଉଛି ଏବଂ ତା' ପାଖରେ କିଛି ବଳକା ସମୟ ରହିଛି। ଅନ୍ୟକଥାରେ ସମୟ ବିନିଯୋଗ କରିବା ପାଇଁ ଅନେକ ସମୟରେ ମନେହୁଏ। ଏଥିପାଇଁ ଏକ ସ୍ୱତନ୍ତ୍ର ଯୋଜନା ତିଆରି ହୋଇଛି ତୁଷ୍ଟିକରଣ ନାଁରେ ଶୋଷଣର ଏବଂ ମାନସିକତାକୁ ନିଜ ସପକ୍ଷରେ ନେବାର। ଗତ କିଛିଦିନ ତଳେ କିଛି କେନ୍ଦ୍ରୀୟ ପ୍ରଶାସନିକ ଅଧିକାରୀ ମାନନୀୟ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖି ମାଗଣା ଯୋଜନାକୁ ବନ୍ଦ କରିବାକୁ ନିବେଦନ କରିଥିଲେ। କିନ୍ତୁ ସେମାନେ କାହା ପ୍ରରୋଚନାରେ ଶିକାର ବୋଲି ମନେହୁଏ। ତା'ର କାରଣ ହେଲା ସେମାନେ କୋଉଠି ହେଲେ କର୍ପୋରେଟ ଟିକସ ବଢ଼ାଇବା, ଖଣିଜ ଦ୍ରବ୍ୟର ମୂଲ୍ୟ ବୃଦ୍ଧି କରି ଏହାର ମୂଲ୍ୟଯୁକ୍ତ ବ୍ୟବହାର କରିବା କିମ୍ବା ଏକ କ୍ରିୟାଶୀଳ ସମାଜ ଗଠନର ବାଟ କାଢ଼ିବା ବାବଦରେ ସଂପୂର୍ଣ୍ଣ ନିରବ। ତେବେ କ'ଣ ଭାବିବା ଯେ କର୍ପୋରେଟ ଟିକସ କମାଇବା ଦ୍ୱାରା ଧନିକ ଶ୍ରେଣୀର ଲୋକଙ୍କର ବ୍ୟୟବହୁଳ ଜୀବନଯାପନ ସଂପୂର୍ଣ୍ଣ ମାଗଣା ହେବା ସହ ଆହୁରି ଅଧିକ ସୁବିଧା ସେମାନେ ପାଇ ନିଜର ପାଣ୍ଠି ବଢ଼ାଇବାର ବାଟ ଖୋଲିଯାଉଛି। ଯେଉଁଥିପାଇଁ ସେମାନେ ବଜାର ଭିତିକ ସାମଜରେ ଶୋଷଣର ରାସ୍ତା ତିଆରି କରି ସରକାରଙ୍କ ଜରିଆରେ ଲୋକଙ୍କ ମାନସିକତାକୁ ଅସଲ କଥାରୁ ହଟେଇ କେବଳ ମାଗଣା ଜିନିଷ ଭିତରେ ରଖିବାକୁ ବାଧ କରାଯାଉଛି। ଗୋଟିଏ ପରିବାରର ୫ଜଣ ସଦସ୍ୟ ସର୍ବାଧିକ କେତେ ଟଙ୍କାର ସୁବିଧା ପାଉଛି ଏବଂ ବଜାର ମୂଲ୍ୟବୃଦ୍ଧିର କେତେ ଟଙ୍କା ତାକୁ ଅଧିକ ଖର୍ଚ୍ଚ କରିବାକୁ ପଡୁଛି ତା'ର ଏକ ତୁଳନାତ୍ମକ ତଥ୍ୟ ସର୍ବସମ୍ମୁଖରେ ସରକାରମାନେ ରଖିବା ଦରକାର। ଏହା କରାଯାଇପାରିଲେ ସମସ୍ତେ ଏହି ମାଗଣା ଯୋଜନାର ପଛରେ ପ୍ରକୃତରେ ଥିବା ଶୋଷଣର ଚିତ୍ରଟା ସ୍ପଷ୍ଟ ହୋଇପାରନ୍ତା ଏବଂ ଯେଉଁ ବଡ଼ବଡ଼ିଆମାନେ ସରକାରମାନଙ୍କର ପ୍ରକୃତ ହିତାଧିକାରୀ ଏବଂ ଲାଭାଂଶର ଭାଗିଦାର ସେମାନଙ୍କର ପ୍ରକୃତ ଚିତ୍ର ଲୋକଲୋଚନକୁ ଆସିବାର ବାଟ ଫିଟନ୍ତା। କାରଣ ବଜାରର ସମସ୍ତ ସାମଗ୍ରୀର ମାଲିକାନା ବଡ଼ବଡ଼ିଆଙ୍କ ହାତରେ। ତେଣୁ ବଜାର ଶୋଷଣର ଶିକାର ହେଉଥିବା ଜନସାଧାରଣଙ୍କ ଶୋଷିତ ଧନରାଶିର ପ୍ରକୃତ ହିତାଧିକାରୀ ହେଲେ ସେମାନେ। ତେଣୁ ତୁଷ୍ଟିକରଣ ନାଁରେ ଶୋଷଣର ଯେଉଁ ଯୋଜନା ତା'ର ପ୍ରକୃତ ହିତାଧିକାରୀ ହେଲେ ବୃହତ୍ ଅଂଶୀଦାର ଥିବା ବ୍ୟବସାୟୀ ଓ ସେମାନଙ୍କର ପରିଧିରେ ଥିବା ବଡ଼ବଡ଼ିଆମାନେ। ବାକି ରହିଲା ମାନସିକତା। ସରକାରମାନେ ଉପର ଶ୍ରେଣୀର ଚକ୍ରାନ୍ତରେ ଗାଦିସୀନ। ତେଣୁ ମାଗଣା ଯୋଜନା କରି ଭୋଟ ନେବାର ଏକ ବିରାଟ ନିଶାରେ ନିଶାଶକ୍ତ। ଏକ କର୍ମଠ ସମାଜ ଗଠନ ନକରିବା ପାଇଁ ସତେଯେପରି ପରିସର ଭିତରେ ଥିବା ସମସ୍ତେ ଲାଗିପଡ଼ିଛନ୍ତି। ଯାହାର ଶିକାର ସାଧାରଣ ଜନତା ହେଉଛି ଏବଂ ତା'ର ଚିନ୍ତାଧାରା ଏହି ମାଗଣା ଯୋଜନା ଯାଏ ସୀମାବଦ୍ଧ ହୋଇଯାଉଛି। ଏବେବି ସମୟ ଅଛି ଉପର ଲୋକଟା କେବଳ ନିଜର ସ୍ୱାର୍ଥ ପାଇଁ ସମଗ୍ର ସମାଜକୁ ମାନସିକ ରୋଗୀରେ ପରିଣତ ନକରି ଏକ ସୁସ୍ଥ ସମାଜ ଗଠନ ପାଇଁ ଚେଷ୍ଟା କରନ୍ତୁ।

# ପଦାର୍ଥ ବିଜ୍ଞାନ ଓ ପରମାର୍ଥ ଜ୍ଞାନ

### ଡ. ମୃତ୍ୟୁଞ୍ଜୟ ନାୟକ

ସାଇନ୍ସ ବା ବିଜ୍ଞାନ ଶବ୍ଦଟି ଏକ ଲାଟିନ୍ ଶବ୍ଦ 'Scientia' (ସାଇନ୍‌ସିଆ)ରୁ ଆନୀତ ହୋଇଅଛି ଯାହାର ଅର୍ଥ ହେଉଛି 'to know' ବା ଜାଣିବା। ବିଶିଷ୍ଟ ଗବେଷକ ଜି. ହଲଟନ୍‌ଙ୍କ ଭାଷାରେ ବିଜ୍ଞାନ ହେଉଛି ସତ୍ୟର ଉଦ୍‌ଘାଟନ ପାଇଁ, ବସ୍ତୁ-ବସ୍ତୁ ମଧ୍ୟରେ ଥିବା ସଂପର୍କ ଜାଣିବା ପାଇଁ ତଥା ଏ ସମଗ୍ର ସଂସାର ଯେଉଁ ଜାଗତିକ ଅପରିବର୍ତ୍ତନୀୟ ନିୟମ ଦ୍ୱାରା ପରିଚାଳିତ, ସେ ନିୟମଗୁଡ଼ିକର ଆବିଷ୍କାର ପାଇଁ ଏକ ଅସରନ୍ତି ଦିବ୍ୟ ଅନୁସନ୍ଧାନ।

ବାସ୍ତବରେ ବିଜ୍ଞାନ ହେଉଛି ଚିରନ୍ତନ ସତ୍ୟର ଲୋକଲୋଚନକୁ ଆସିବାର ଏକ ମାଧ୍ୟମ। ଏହି ଦିବ୍ୟ ସତ୍ୟ ପରିପ୍ରକାଶ ନିମିତ୍ତ ଆବଶ୍ୟକ ଗବେଷଣା ଅନବରତ ଜାରି ରହିଥାଏ ଏକ ଅନୁସନ୍ଧିତ୍ସୁ ମନରେ ଯାହାଙ୍କୁ ଆମେ ବୈଜ୍ଞାନିକ, ସମାଜଶାସ୍ତ୍ରୀ, ଦାର୍ଶନିକ, ଗବେଷକ, ଚିନ୍ତା ନାୟକ ଆଦି ଭାବେ ନାମିତ କରିଥାଉ। ଆମ ସମାଜରେ ପ୍ରକୃତିରେ ଏକ୍ସପେରିମେଂଟାଲ ଲ୍ୟାବରେ ସଂଘଟିତ ଅନେକ ଘଟଣାକୁ ପରୀକ୍ଷା ନିରୀକ୍ଷା କରି ଏକ ବିଜ୍ଞାନୀମନ, ମାନବ ସମାଜର ହିତ ପାଇଁ ଈଶ୍ୱରଙ୍କ ସାମ୍ରାଜ୍ୟରେ ଚିରନ୍ତନ ନିୟମର ଉଦ୍‌ଘୋଷଣା କରେ ଯାହାକୁ ଆମେ Theory, Law ବା Hypothesis କହୁ।

ପଦାର୍ଥ ବିଜ୍ଞାନ ବା ଫିଜିକ୍ସକୁ ବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ ଭାବେ ସ୍ଥାନି ତ କରାଯାଇଛି। ଫିଜିକ୍ସ ଶବ୍ଦଟି ଏକ ଗ୍ରୀକ୍ ଶବ୍ଦରୁ ଆନିତ ହୋଇଛି, ଯାହାର ଅର୍ଥ 'ପ୍ରକୃତି'। ସେଥିପାଇଁ ପଦାର୍ଥବିଜ୍ଞାନକୁ ପ୍ରକୃତିର ଦର୍ଶନ ବା 'ନ୍ୟାଚୁରାଲ ଫିଲୋସଫି' ଭାବେ ବର୍ଣ୍ଣନା କରାଯାଏ। ଭୌତିକ ଜଗତର ବିଭିନ୍ନ ପଦାର୍ଥ ଓ ଶକ୍ତି ମଧ୍ୟରେ ଥିବା ନିବିଡ଼ ଗୁପ୍ତ ଅନ୍ତଃ ସଂପର୍କକୁ ପଦାର୍ଥ ବିଜ୍ଞାନର ମହାନ ବୈଜ୍ଞାନିକମାନଙ୍କ ଜୀବନବ୍ୟାପି ସାଧନା ପ୍ରସୂତ ଅଖଣ୍ଡିତ ନିୟମମାନ ଲୋକଲୋଚନକୁ ଆଣେ। ତେଣୁ ଫିଜିକ୍ସ ବା ପଦାର୍ଥ ବିଜ୍ଞାନକୁ ସମସ୍ତ ଭୌତିକ ତଥା ପ୍ରାକୃତିକ ଘଟଣା ସମ୍ବନ୍ଧୀୟ ନିୟମର ଘୋଷଣାପତ୍ର ବା ଦସ୍ତାବିଜ କୁହାଯାଇପାରେ।

ଗଭୀର ଅନୁଧ୍ୟାନ କଲେ ଜଣାଯାଇପାରିବ ଯେ ଭୌତିକ ବିଜ୍ଞାନୀମାନଙ୍କ ପ୍ରଦତ୍ତ ଦିବ୍ୟ ନିୟମମାନଙ୍କର ପ୍ରତିବଦ୍ଧତା କେବଳ ଫିଜିକ୍ସର ପାଠ୍ୟପୁସ୍ତକ ବା ତତ୍ ସମ୍ବନ୍ଧୀୟ ଗବେଷଣାଗାରରେ ସୀମିତ ନୁହେଁ। ବରଂ ଏହି ନିୟମମାନ ସ୍ଥାନ, କାଳ, ପଦାର୍ଥ ଜଗତର ସୀମା ସରହଦରୁ ମୁକ୍ତ, ଆମ ଦୈନନ୍ଦିନ ଜୀବନରେ ତଥା ଆଧିଭୌତିକସ୍ତରରେ ସଦା ପ୍ରତିଷ୍ଠିତ, ଅଲୌକିକ ତଥା ମାନବ କଲ୍ୟାଣ ପାଇଁ ଅଙ୍ଗୀକାରବଦ୍ଧ ଅଟନ୍ତି।

ଅନେକ ବିଶିଷ୍ଟ ଭୌତିକବିଜ୍ଞାନୀମାନଙ୍କ ପ୍ରଦତ୍ତ ଚିରନ୍ତନ ନିୟମମାନ ତଥା ଉକ୍ତ ନିୟମଗୁଡ଼ିକର ସାମାଜିକ ନିର୍ଭରଯୋଗ୍ୟ ବିଷୟରେ ନିମ୍ନରେ ଆଲୋଚନା କରାଯାଉଛି।

(୧) ବସ୍ତୁତ୍ୱ- ଶକ୍ତି ରୂପାନ୍ତରଣ

ଆଧୁନିକ ପଦାର୍ଥ ବିଜ୍ଞାନର ଜନକ ମହାନ ବୈଜ୍ଞାନିକ ସାର ଆଲବର୍ଟ ଆଇନଷ୍ଟାଇନଙ୍କ ଅନୁଯାୟୀ ଏକ ବସ୍ତୁତ ବସ୍ତୁତ୍ୱ ଓ ଶକ୍ତି ମଧ୍ୟରେ ନିବିଡ଼ ସଂପର୍କ ରହିଛି। ପଦାର୍ଥ ଓ ଶକ୍ତି ପରସ୍ପର ଅନ୍ତଃ ସଂପର୍କିତ ଅଟନ୍ତି। ନିୟମ କୁହେ $E=Mc^2$ ଅର୍ଥାତ୍ ପଦାର୍ଥ ଓ ଶକ୍ତି ପରସ୍ପରରର ରୂପାନ୍ତରଣ ମାତ୍ର।

ବିଜ୍ଞାନ କୁହେ ପ୍ରତ୍ୟେକ ପଦାର୍ଥ ପରମାଣୁରେ ଗଢ଼ା। ତେଣୁ ପ୍ରତ୍ୟେକ ସରଂଚନା ପଦାର୍ଥ ଗୁଡ଼ିକର ରୂପ ଓ ଗୁଣରେ ଭିନ୍ନତା ଆଣିଥାଏ। ପ୍ରତ୍ୟେକ ପଦାର୍ଥରେ ଲୁକ୍‌କାୟିତ ସେଇ ଏକ ସତ୍ୟ ଆଟମ୍ ବା ପରମାଣୁ। ଏକ ସିଦ୍ଧ ଯୋଗୀ ନିଜର ଦିବ୍ୟ ସାଧନା ଦ୍ୱାରା ଏକ ପଦାର୍ଥକୁ ତା ମୂଳ ପରମାଣୁରେ ପରିଣତ କରିପାରନ୍ତି ତଥା ସେହି ପରମାଣୁଗୁଡ଼ିକର ସାଜସଜ୍ଜାରେ ଭିନ୍ନତା ଆଣିପାରନ୍ତି। ପଦାର୍ଥଗୁଡ଼ିକ ମୂଳ ପରମାଣୁଗୁଡ଼ିକର ଘନୀଭୂତ ରୂପମାତ୍ର। ତେଣୁ ଗୋଟିଏ ପଦାର୍ଥରୁ ଅନ୍ୟ ଏକ ପଦାର୍ଥର ରୂପାନ୍ତର ଏକ ଯୌଗିକ ସାଧନା ମାତ୍ର। ଯେପରି ଜଣେ ରସାୟନଶାସ୍ତ୍ରବିତ ତା'ର ଗବେଷଣାରେ ରାସାୟନିକ ପ୍ରତିକ୍ରିୟା ଦ୍ୱାରା ଗୋଟିଏ ମୌଳିକ ପଦାର୍ଥକୁ ଅନ୍ୟ ଏକ ମୌଳିକପଦାର୍ଥରେ ପରିଣତ କରିପାରେ, ସେହିପରି ଜଣେ ସର୍ବମୁକ୍ତ ସିଦ୍ଧସାଧକ ନିଜ ଈଶ୍ୱରଦତ୍ତ ଯୌଗିକ କଳାଦ୍ୱାରା ଏ ମାୟା ସଂସାରର ଗୋଟିଏ ପଦାର୍ଥକୁ ଅନ୍ୟ ଏକ ଇପ୍ସିତ ପଦାର୍ଥରେ ପରିଣତ କରିପାରନ୍ତି।

ପୁଣି ବି ଆଇନଷ୍ଟାଇନ୍‌ଙ୍କ ଭାଷାରେ ଶକ୍ତିର ଘନୀଭୂତ ରୂପେ ଅଟେ ବସ୍ତୁ। ବାସ୍ତବରେ ଆମ ଜୀବନରେ ଆମେ ପ୍ରାପ୍ତିଲାଭ କରିଥିବା ସମସ୍ତ ବସ୍ତୁ ଆମ ଅତୀତର କୌଣସି ନା କୌଣସି ମୁହୂର୍ତ୍ତରେ ଆକାଂକ୍ଷାର ଫଳ ଅଟେ। ଯଜ୍ଞ ସମ୍ଭୁତା ଦେବୀ ଦ୍ରୌପଦୀଙ୍କ ବାଞ୍ଛିତ ପାଂଚଗୁଣ ସଂପୂର୍ଣ୍ଣ ପଂଚପତି ଲାଭ, ତାଙ୍କ ଅତୀତର ମନୋକାମନାର ହିଁ ତ ପରିଣାମ ଅଟେ। ଭାଗବତ ତ ସେଥିପାଇଁ କହିଛି 'ଏ ମନ ଭାବୁଥାଇ ଯାହା, କାଳେ ପ୍ରାପ୍ତ ହୁଏ ତାହା!' ଦୟାମୟ ଈଶ୍ୱର ପ୍ରାଣୀର ଇପ୍‌ସିତ ଇଚ୍ଛା ପୂରଣ କରିଥାନ୍ତି ମାତ୍ର। ତେଣୁ ସକରାତ୍ମକ ଭାବନା ନେଇ ସମସ୍ତଙ୍କ ହିତକାରକ, ଶୁଦ୍ଧ ପବିତ୍ର ବସ୍ତୁ ସଠିକ୍ ଉପାୟରେ ପାଇବାର ଭାବନା ରଖିଲେ ତାହା ହିଁ ଆମ ସମସ୍ତଙ୍କ ପାଇଁ ମଙ୍ଗଳକାରକ ହୋଇଥାଏ।

(୨) ଦ୍ୱୈତ ତତ୍ତ୍ୱ ( Duality)

ପଦାର୍ଥ ବିଜ୍ଞାନ କହେ - 'Monopole does not exist. Always there is dipole.' ଅର୍ଥାତ୍ ଏକ ମେରୁର ଅବସ୍ଥିତି ନାହିଁ। ସର୍ବଦା ଦ୍ୱିମେରୁ ବା dipolarit ହିଁ ବିଦ୍ୟମାନ। ଯଦି +ve ଚାର୍ଜଟିଏ ଅଛି, ତେବେ ନିଶ୍ଚିତ ଭାବେ ସମ ପରିମାଣର -ve ଚାର୍ଜଟିଏ ଥିବ, ପାର୍ଟିକଲ୍‌ଟିଏର ଆଂଟି ପାର୍ଟିକଲ୍ ଥିବ।

ଆର୍ମ ଜୀବନଦର୍ଶନ କୁହେ ସଫଳତା ଥିଲେ ବିଫଳତା ବି ଅଛି, ଉଠାଣି ପରେ ଗଡ଼ାଣି, ସୁଖ ପରେ ଦୁଃଖ, ପୁଣି ତା' ପରେ ସୁଖ, ଦିନ ପରେ ରାତି, ଜୁଆର ପରେ ଭଟ୍ଟା ଆଦି ଲାଗିରହିଛି। ବ୍ୟବସାୟରେ ଲାଭଥିଲେ କ୍ଷତି ବି ଅଛି, ଖେଳରେ ହାର ଥିଲେ ଜିତ୍ ବି ଅଛି, ପ୍ରକୃତିରେ ଶୀତ ପରେ ପ୍ରଚଣ୍ଡ ଗ୍ରୀଷ୍ମର ଆଗମନ ହେଉଛି। ଏ ମଣିଷ ଭିତରେ ରାକ୍ଷସ ରାବଣର କତ୍ସିତ ଭାବନା କେବେ କେବେ ଉଙ୍କି ମାରୁଛି ତା କେବେ କେବେ ପ୍ରଭୁ ଶ୍ରୀରାମଙ୍କ ପରି ଦିବ୍ୟ ଭାବନାରେ ସେ ମହିମାଣ୍ଡିତ ହେଉଛି। ସବୁଠୁ କଦର୍ଯ୍ୟ ସଂବାଳୁଆ ସବୁଠୁ ସୁନ୍ଦର ପ୍ରଜାପତିରେ ରୂପାନ୍ତରିତ ହେଉଛି। କଳା କୋଇଲା ଖଣିରୁ ହିଁ ଅତ୍ୟନ୍ତ ଉଜ୍ଜ୍ୱଳ ହୀରାର ସନ୍ଧାନ ମିଳିଥାଏ। ଏ ମାୟା ଜଗତ ଦୁଇ ପରସ୍ପର ବିରୋଧୀ ତତ୍ତ୍ୱରେ ଗଢ଼ା। ଯାହା ଦ୍ୱୈତତତ୍ତ୍ୱ ରୂପେ ପରିଚିତ। ଏକ ପରମାଣୁ ବା ଆଟମ୍ ନିଜେ ଧାରଣା କରିଥିବା ପ୍ରୋଟନ୍ ଯୁକ୍ତାତ୍ମକ ଚାର୍ଜ ବିଶିଷ୍ଟ ଇଲେକ୍ଟ୍ରନ୍ ସମପରିମାଣର ବିଯୁକ୍ତାତ୍ମକ ଚାର୍ଜ ବିଶିଷ୍ଟ। ଯାହା ଫଳରେ ପ୍ରତ୍ୟେକ ଆଟମ୍ ଏକ ଏକ ଡାଇପୋଲ ଅଟନ୍ତି। ଯେହେତୁ ଏ ଜଗତର ସବୁକିଛି ଆଟମ୍ ବା ପରମାଣୁରେ ଗଢ଼ା, ଏ ସୃଷ୍ଟିର ସବୁକିଛି ଦ୍ୱୈତ ଗୁଣ ସଂପନ୍ନ ଅଟେ। ପ୍ରଚୁର ମନଖୋଲା ହସ ପରେ ଆଖିରୁ ଲୁହ ଝଡ଼ିପଡ଼ିବା ପରି, ଅସହ୍ୟ ଦୁଃଖ କବଳିତ ଲୋକଟିର ମୁହଁରେ ତାଚ୍ଛଲ୍ୟର ହସ ଉକୁଟି ଆସେ।

ବୈଜ୍ଞାନିକ ଡାଲଟନ୍‌ଙ୍କ ମତରେ ଦୁଇ ବା ଅଧିକ ମୌଳିକ ପରସ୍ପର ସଂଯୋଗୀକୃତ ହୋଇ ଯେଉଁ ଯେଉଁ ଯୌଗିକ ପଦାର୍ଥ ସୃଷ୍ଟିକରନ୍ତି, ତା'ର ଗୁଣ, ମୂଳ ମୌଳିକଗୁଡ଼ିକର ଗୁଣଠାରୁ ସଂପୂର୍ଣ୍ଣ ଭିନ୍ନ ଅଟେ। ଉଦାହରଣ ସ୍ୱରୂପ ଉଦ୍‌ଜାନ ନିଜେ ଜଳେ, ଅମ୍ଳଜାନ ଜଳିବାରେ ସାହାଯ୍ୟ କରେ, ମାତ୍ର ଉଭୟର ସମ୍ମିଶ୍ରଣରେ ଗଢ଼ା ଜଳ, ଲିଭାଇବାରେ ସାହାଯ୍ୟକରେ।

ଏ ସାରା ସଂସାରକୁ ଈଶ୍ୱରଙ୍କ ମାୟା କୁହାଯାଏ। ମା' ଶବ୍ଦଟିର ସଂସ୍କୃତ ଅର୍ଥ ହେଉଛି ନା (No) ଓ ୟା ଶବ୍ଦଟି ସଂସ୍କୃତ 'ଅସ୍ତି' ଶବ୍ଦରୁ ଆନିତ, ଯାହାର ଅର୍ଥ ହଁ (Yes)। ତେଣୁ ଯାହା ନାହିଁ ପୁଣି ଅଛି (duality) ତାହା ହିଁ ମାୟା। ଏକ ମାତ୍ର ଈଶ୍ୱର ହିଁ ଏ ସବୁରର ଉର୍ଦ୍ଧ୍ୱରେ ଅଦ୍ୱୈତ (Non Dual or Absolute) ରୂପେ ଉଭା ଏବଂ ଆମେ ସମସ୍ତେ ସନ୍ତାନ ରୂପେ ଜଣେ ଜଣେ ଅଦ୍ୱୈତପ୍ରସାଦ ଅଟୁ।

(୩) ନିଉଟନ୍‌ଙ୍କ ଗତି ସମ୍ବନ୍ଧୀୟ ତୃତୀୟ ନିୟମ:-

ବିଶିଷ୍ଟ ପଦାର୍ଥବିଜ୍ଞାନୀ ସାର୍ ଆଇଜାକ୍ ନିଉଟନ୍‌ଙ୍କ ଗତି ସମ୍ବନ୍ଧୀୟ ତୃତୀୟ ନିୟମଟି କୁହେ - 'ପ୍ରତ୍ୟେକ କ୍ରିୟାର ସମାନ ଓ ବିପରୀତ ପ୍ରତିକ୍ରିୟା ରହିଛି। ଅର୍ଥାତ୍ To every action there is an equal and opposite reaction.

ଜୀବନ ଦର୍ଶନ କୁହେ- 'ଯେମିତି ବୁଣିବ ସେମିତି ପାଇବ।' କର୍ମ ଅନୁଯାୟୀ ଫଳ। ଆମ ଦୈନନ୍ଦିନ ଜୀବନରେ ଉପରୋକ୍ତ ନିୟମଟି ପ୍ରତି କ୍ଷେତ୍ରରେ ପ୍ରତିଫଳିତ ହୋଇଚାଲିଥାଏ। ଆମେ ଅନ୍ୟକୁ ସମ୍ମାନ ଦେଲେ, ଆମକୁ ସମ୍ମାନ ମିଳେ। ଅନ୍ୟକୁ ପ୍ରେମ ବାଂଟିଚାଲିଲେ ଆମ ଜୀବନ ପ୍ରେମମୟ ହୋଇଉଠେ। ଅନ୍ୟକୁ ସାହାଯ୍ୟ ବଦଳରେ ଆମକୁ ବିଭୁକୃପା ପ୍ରାପ୍ତ ହୁଏ। 'ଦେଇଥିଲେ ପାଇ' ଏହି ଭାବେ ଅନ୍ୟ ପ୍ରତି ଶ୍ରଦ୍ଧା ଭାବ ଆମ ମନକୁ ତଥା ଜୀବନକୁ ଶ୍ରଦ୍ଧା, ସ୍ନେହରେ ଭରୁଥିବା ବେଳେ ଅନ୍ୟ ପ୍ରତି ଘୃଣା, ଅସୂୟା, ଆମ ଜୀବନକୁ ତଥା ମନରାଜ୍ୟକୁ ଦୂଷିତ, ନରକମୟ କରିଦିଏ। ଅନ୍ୟ ପ୍ରତି ହିଂସା ପ୍ରତି ବଦଳରେ ଆମ ନିଜକୁ ହିଂସଗ୍ରସ୍ତ କରିଦିଏ। ଅପରପକ୍ଷରେ ଅନ୍ୟ ପ୍ରତି ଦୟା, କରୁଣା ଆମ ନିଜକୁ ମହିମାମୟ କରେ। ଯେ ପାଂଚେ ପରମନ୍ଦ ତା' ମନ୍ଦ ପାଂଚନ୍ତି ଗୋବିନ୍ଦ। ବାସ୍ତବରେ ସମସ୍ତଙ୍କ ସୁହୃଦ ପରମହିତୈଷୀ ପରମେଶ୍ୱର କାହାରି ମନ୍ଦ ଚାଂଚନ୍ତି ନାହିଁ। ମାତ୍ର ପ୍ରକୃତି ହିଁ ସବୁକିଛି କରୁଥାଏ। ତେଣୁ ନିଜ ଅସତକର୍ମର ଦଣ୍ଡ ମିଳେ। ସତକର୍ମର ପୁରସ୍କାର ପ୍ରାପ୍ତ ହୁଏ। ସ୍ୱୟଂ ପରମେଶ୍ୱର ଶ୍ରୀକୃଷ୍ଣଙ୍କ ମୁଖନିଃସୃତ ବାଣୀ ଅନୁଯାୟୀ 'ମୋ ଭକ୍ତମାନେ ମୋତେ ଯେପରି ଭଜନ୍ତି, ମୁଁ ମଧ ସେମାନଙ୍କୁ ସେହିପରି ଭାବେ ଭଜେ।' ସେଥିପାଇଁ ତ ଏ କଳିଯୁଗରେ ଜପଯଜ୍ଞକୁ ଅଗ୍ରସ୍ଥାନ ଦିଆଯାଇଛି।

(୪) ବୈଜ୍ଞାନିକ ନିଉଟନ୍‌ଙ୍କ ମାଧ୍ୟାକର୍ଷଣୀୟ ନିୟମ :-

ଉପରୋକ୍ତ ନିୟମଟି କହେ - 'ଏ ବିଶ୍ୱ ବ୍ରହ୍ମାଣ୍ଡର ପ୍ରତ୍ୟେକ ବସ୍ତୁ ମଧ୍ୟରେ ଏକ ଆକର୍ଷଣୀ ବଳ କାମ କରେ। ଏହି ଆକର୍ଷଣୀ ବଳ, ବସ୍ତୁ ଦ୍ୱୟର ବସ୍ତୁତ୍ୱର ଗୁଣଫଳ ସହ ସମାନୁପାତି ତଥା ବସ୍ତୁ ଦ୍ୱୟ ମଧ୍ୟରେ ଥିବା ଦୂରତାର ବର୍ଗ ସହ ପ୍ରତିଲୋମାନୁପାତି।

ଏହି ନିୟମ ଅନୁଯାୟୀ ଭକ୍ତଟିଏ ପ୍ରଭୁ ନାମଜପ ଦ୍ୱାରା ତା'ର ଓ ପ୍ରଭୁଙ୍କ ମଧ୍ୟରେ ଥିବା ଦୂରତାକୁ କମାଇ ଦେଇଥାଏ, ଯାହାଦ୍ୱାରା କି ଭଗବାନ ଓ ତା' ମଧ୍ୟରେ ଥିବା ଆକର୍ଷଣୀ ବଳର ପ୍ରଭାବ ଅନେକାଂଶରେ ବୃଦ୍ଧିପାଏ।

ତେଣୁ ଈଶ୍ୱରଙ୍କ ପ୍ରତି ଦୂରତା କମିଯାଇପାରିଲେ ହିଁ ଆମେ ତାଙ୍କ ପ୍ରତି ଥିବା ଆକର୍ଷଣୀ ବଳକୁ ସମ୍ୟକ ରୂପେ ଅନୁଭବ କରିପାରିବା, ଯାହାକୁ ଭକ୍ତି କୁହାଯାଇଥାଏ। ଈଶ୍ୱରଭକ୍ତି, ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଦୂରତା କମାଇବା ଦ୍ୱାରା ଦୃଢ଼ ହୋଇଥାଏ।

(୫) ପ୍ରକୃତି ସମାନରେ ବିଶ୍ୱାସ କରେ :-

ପଦାର୍ଥ ବିଜ୍ଞାନ କୁହେ 'ପ୍ରକୃତି ସମାନତାରେ ବିଶ୍ୱାସ କରେ' ଅର୍ଥାତ୍ Nature Loves symmetry. ଏହି ଚିରନ୍ତନୀ ନିୟମ ଅନୁଯାୟୀ ହିଁ ବାୟୁ ଗୁରୁଚାପ ବଳୟରୁ ଲଘୁଚାପ ବଳୟ ଅଭିମୁଖେ ଅଗ୍ରସର ହୁଏ। ତାପ, ଉତ୍ତପ୍ତ ବସ୍ତୁରୁ ଅପେକ୍ଷାକୃତ ଶୀତଳ ବସ୍ତୁ ଆଡ଼କୁ ସଂଚରିତ ହୁଏ। ଜଳ ଉଚ୍ଚ ସ୍ତରରୁ ନିମ୍ନସ୍ତରକୁ ପ୍ରବାହିତ ହୁଏ, ବିଦ୍ୟୁତ୍ ସ୍ରୋତ ଅଧିକ ପୋଟେନସିଆଲରୁ କମ୍ ପୋଟେନସିଆଲକୁ ଗତିକରେ।

ଆମ ସମସ୍ତଙ୍କ ଗତି, ମୁକ୍ତିଦାତା, ପରମ ପ୍ରେମିକ, ମଙ୍ଗଳମୟ ଈଶ୍ୱର ମଧ ସମାନତାରେ ବିଶ୍ୱାସ ରଖନ୍ତି। ତାଙ୍କ ଦୃଷ୍ଟିରେ ସମସ୍ତେ ସମାନ। ସମସ୍ତଙ୍କ ଜୀବନରେ ଅତି ସୁନ୍ଦର ସୁବ୍ୟବସ୍ଥିତ ଭାବେ ସେ କଠିନ ପରିଶ୍ରମ ଓ ଆନନ୍ଦ, ନିସଂଗତା ଓ ବନ୍ଧୁତା, ଉପବାସ ଓ ସ୍ୱାଦିଷ୍ଟଭୋଜନ ରଖିଛନ୍ତି। ଅତ୍ୟଧିକ ମିଠା ଖାଇବା ଫଳରେ ମଣିଷ ମଧୁମେହରେ ଆକ୍ରାନ୍ତ ହେଲେ ତା' ପାଇଁ ପିତା (ନିମ, କଲରା) ତଥା କଷା (ଜାମୁକୋଲି) କୁ ଔଷଧ ଭାବେ ସର୍ଜନାଳ କରିଛନ୍ତି। ସୁଖର ଆନନ୍ଦ ଠିକ୍ ରୂପେ ଅନୁଭବ କରିବା ପାଇଁ ସେ ସାଧାରଣ ସଂସାରୀଟିଏ ଜୀବନରେ ଦୁଃଖର ଭ୍ରମ ସୃଷ୍ଟିକରିଛନ୍ତି। ତେଣୁ ଏ ସମଗ୍ର ଜୀବନ ଯେତିକି ପ୍ଲସ, ସେତିକି ମାଇନସ୍। ଅର୍ଥାତ୍ ମୋଟ ଫଳ ଶୂନ (zero) ହିଁ ଅଟେ। ଶୂନ୍ୟରୁ ଆରମ୍ଭ ପୁଣି ଶୂନ୍ୟରେ ବିଲୀନ। ଏହା ହିଁ ତ ଶୂନ୍ୟବାଦ (NIHILISM)! ବିଶିଷ୍ଟ ଫରାସୀ ବୈଜ୍ଞାନିକ ଲୁଇସ୍ ଡି ବ୍ରଗଲିଙ୍କ ବସ୍ତୁତରଙ୍ଗ, (Matter Wave Concent) ଚିନ୍ତା ତରଙ୍ଗର ଇଥରରେ ସଂଚାରିତ ହୋଇ ହିଁ ତ ବୈଜ୍ଞାନିକ ପ୍ରମାଣ ଅଟେ। ତେଣୁ ସୂକ୍ଷ୍ମ ଭାବେ ଅନୁଧ୍ୟାନ କଲେ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ ବାସ୍ତବିକ ପଦାର୍ଥ ବିଜ୍ଞାନ, ପରମାର୍ଥ ଜ୍ଞାନର ପରିପ୍ରକାଶର ଏକ ମାଧ୍ୟମ ମାତ୍ର। ନୀତିନିଷ୍ଠ, ଅଧ୍ୟୟନରତ ବୈଜ୍ଞାନିକଗଣ ଈଶ୍ୱରଙ୍କ ଦୂତ ରୂପେ ଆମ ମାନବ ସମାଜକୁ ଏଇମିତି ଆସୁଥାନ୍ତୁ ଓ ପ୍ରକୃତିରେ ଲୁକ୍କାୟିତ ଗୁପ୍ତ ସତ୍ୟକୁ ମାନବକଲ୍ୟାଣ ନିମିତ୍ତ ସାର୍ବଜନୀନ କରୁଥାନ୍ତୁ, ଏତିକି ହିଁ ଆମର କାମନା।

ଜୟ ବିଜ୍ଞାନ
ଜୟ ଅନୁସନ୍ଧାନ

ଅଧ୍ୟାପକ (ପଦାର୍ଥ ବିଜ୍ଞାନ)
କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ- ୭୦୭୭୩୯୮୯୩୪

# ଚଳଚ୍ଚିତ୍ର 'ଦି କାଶ୍ମୀର ଫାଇଲ୍ସ' ଓ କାଶ୍ମୀର

### ଲକ୍ଷ୍ମୀକାନ୍ତ ପ୍ରଧାନ

ବିବେକ ଅଗ୍ନିହୋତ୍ରୀଙ୍କ ହିନ୍ଦୀ ଚଳଚ୍ଚିତ୍ର 'ଦି କାଶ୍ମୀର ଫାଇଲ୍ସ' ମୁକ୍ତିଲାଭ କରିବା ପରେ ସମଗ୍ର ଭାରତରେ ଏକ ଭୂକମ୍ପ ଆସିଗଲା ପରି ଲାଗିଲା। ଚଳଚ୍ଚିତ୍ରର ସଫଳତା ବିଷୟରେ ଯଦି ଆମେ ବିଶ୍ଳେଷଣ କରିବା ତେବେ ନିଶ୍ଚିତ ରୂପରେ ଏହା ଶୀର୍ଷରେ ରହିବ। ୧୯୮୯ ପରେ କାଶ୍ମୀର ପଣ୍ଡିତମାନଙ୍କ ଉପରେ ହୋଇଥିବା ଅକଥନୀୟ ଅତ୍ୟାଚାର ଉପରେ ଏହି ଚଳଚ୍ଚିତ୍ର ପର୍ଯ୍ୟବେଶିତ। ଚଳଚ୍ଚିତ୍ରକୁ ଆକର୍ଷଣୀୟ କରିବା ପାଇଁ ନିର୍ମାତା ଓ ନିର୍ଦ୍ଦେଶକମାନେ କିଛି କାଳ୍ପନିକ ଚରିତ୍ରର ସାହାଯ୍ୟ ନେଇଥାନ୍ତି। ଚଳଚ୍ଚିତ୍ରରେ ଫାରୁକ୍ ମଲ୍ଲିକ ବିଟା, ଗିରିଜା ଟିକୁ, ନିବେଦିତା ମେନନ୍, ହିମାଂଶୁ ଗଂଜୁ ଇତ୍ୟାଦିଙ୍କ ଚରତ୍ରକୁ ନାଟକୀୟ ଢ଼ଙ୍ଗରେ ପରିବେଶଣ କରାଯାଇଛି। ଚଳଚ୍ଚିତ୍ର ମୁକ୍ତିଲାଭ ପରେ ସାରା ବିଶ୍ୱରେ ଚହଳ ପଡ଼ିଗଲା। ସମସ୍ତଙ୍କର ଆଖି ଖୋଲିଗଲା। ସମସ୍ତେ ପରସ୍ପରକୁ ପ୍ରଶ୍ନ ପଚାରିବା ଆରମ୍ଭ କଲେ। ସମସ୍ତେ ଆର୍ଶ୍ଚର୍ଯ୍ୟ ଓ ଆଚମ୍ଭିତ ହେଲେ ଯେ,୧୯୮୯ ମସିହାରେ ଘଟିଥିବା ନାରକୀୟ ଘଟଣାଟି କିପରି ସଂପୂର୍ଣ୍ଣ ଭାବରେ ଲୋକଲୋଚନକୁ ଆସିଲାନାହିଁ। ୧୯୮୯ ମସିହାରୁ ସମସ୍ତେ କେବଳ 'କୁମ୍ଭୀର କାନ୍ଦଣା' କରୁଛନ୍ତି କିନ୍ତୁ ବାସ୍ତବିକତାଠାରୁ ସମସ୍ତେ ବହୁ ଦୂରରେ।

ବର୍ତ୍ତମାନ ଆସିବା କାଶ୍ମୀରର ଇତିହାସ ଓ ସତ୍ୟତା ଉପରେ। କଥିତ ଅଛି ଋଷି କାଶ୍ୟପ କାଶ୍ମୀର ପ୍ରଦେଶର ସ୍ଥାପନା କରିଥିଲେ। ଏହାପରେ ସମ୍ରାଟ ଅଶୋକ କାଶ୍ମୀରରେ ବୌଦ୍ଧ ଧର୍ମର ପ୍ରଚାର କରିଥିଲେ। ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଏଠାରେ ହିନ୍ଦୁ ରାଜ୍ୟମାନଙ୍କର ରାଜତ୍ୱ ଥିଲା। ଖ୍ରୀଷ୍ଟାବ୍ଦ ୧୩୪୬ରେ କାଶ୍ମୀର ମୁସଲମାନ ରାଜାମାନଙ୍କ ଦ୍ୱାରା ଅଧିକୃତ ହେଲା। ତାହାପରେ କାଶ୍ମୀରରେ ଇସଲାମ ଧର୍ମର ପ୍ରଚାର ହେଲା। କାଶ୍ମୀରର ମୁସଲମାନ ରାଜ୍ୟମାନେ କାଶ୍ମୀର ହିନ୍ଦୁମାନଙ୍କୁ ବଳପୂର୍ବକ ଧର୍ମାନ୍ତରିତ କରିବାକୁ ଲାଗିଲେ। ସେଥିପାଇଁ ଏବେ ମଧ କାଶ୍ମୀରୀ ଲୋକମାନେ ସେମାନଙ୍କର ପୂର୍ବଜଙ୍କ ସାଙ୍ଗିଆ ଭଟ୍ଟ, ମଲିକ, ରାଠୋର ଇତ୍ୟାଦି ଲଗାଇବାକୁ ପାଶ୍ଚାତପଦ ହେଉନାହାନ୍ତି। ଖ୍ରୀଷ୍ଟାବ୍ଦ ୧୮୧୯ ମସିହାରେ କାଶ୍ମୀର ଶିଖ ସମ୍ରାଟମାନଙ୍କ ଅଧୀନକୁ ଆସିଲା। ଖ୍ରୀଷ୍ଟାବ୍ଦ ୧୮୪୬ ମସିହାରେ ଲାହୋର ଓ ଅମୃତସର ଚୁକ୍ତି ଅନୁସାରେ ମହାରାଜ ଗୁଲାବ ସିଂହ କାଶ୍ମୀରର ରାଜା ହେଲେ। ସେହିଦିନଠାରୁ କାଶ୍ମୀରରେ ଡୋଗ୍ରା ରାଜାମାନଙ୍କର ରାଜସ୍ୱ ଆରମ୍ଭ ହେଲା। ୧୮୪୬ ମସିହାର ପ୍ରଥମ ଶିଖ ଯୁଦ୍ଧ ପରେ ଇଂରେଜମାନେ କାଶ୍ମୀରକୁ ବ୍ରିଟିଶ ସାମ୍ରାଜ୍ୟର ମିଶ୍ରଣ କରି ମହାରାଜ ଗୁଲାବ ସିଂହଙ୍କୁ ରାଜାରୂପେ ଅଧିଷ୍ଠିତ କରାଗଲା। ମହାରାଜ ଗୁଲାବ ସିଂହ ଜାମ୍ମୁକୁ କାଶ୍ମୀର ସହ ମିଶ୍ରଣ କରାଇଥିଲେ। ଇଂରେଜମାନଙ୍କ ପ୍ରତ୍ୟାବର୍ତ୍ତନ ସମୟରେ ମହାରାଜା ହରିସିଂହ କାଶ୍ମୀରର ମହାରାଜା ଥିଲେ। ଦେଶୀୟ ରାଜ୍ୟର ମିଶ୍ରଣ ସମୟରେ ମହାରାଜା




ହରିସିଂହ ଅବଶିଷ୍ଟ ଭାରତ ସହ କାଶ୍ମୀରର ମିଶ୍ରଣ ପାଇଁ କିଛି ସର୍ତ୍ତ ରଖିଥିଲେ। କିନ୍ତୁ ପାକିସ୍ତାନୀ ପସ୍ତୁନ ମାନଙ୍କର ବଳପୂର୍ବକ ପ୍ରବେଶ ଯୋଗୁ ୨୬ ଅକ୍ଟୋବର ୧୯୪୭ ଦିନ ମହାରାଜା ହରି ସିଂହ କାଶ୍ମୀରକୁ ଅବଶିଷ୍ଟ ଭାରତ ସହ ମିଶ୍ରଣ କରାଇଦେଇଥିଲେ। ପାକିସ୍ତାନୀ ପସ୍ତୁନମାନଙ୍କୁ ବିତାଡ଼ିତ କରିବା ପାଇଁ ଯୁଦ୍ଧ ଚାଲିଲା। ଶେଷରେ ଜାନୁଆରୀ ୧୯୪୯ରେ ଜାତିସଂଘର ହସ୍ତକ୍ଷେପ ଦ୍ୱାରା ଭାରତ-ପାକିସ୍ତାନ ଯୁଦ୍ଧ ବିରତି ହେଲା। ସେହିଦିନ ଠାରୁ ପାକିସ୍ତାନ ଅଧିକାରରେ ରହିଯାଇଥିବା କାଶ୍ମୀରର କିଛି ଅଂଚଳ (ପିଓକେ) ନାମରେ ରହିଯାଇଛି। ୧୯୭୨ ମସିହା ଭାରତ-ଚୀନ୍ ଯୁଦ୍ଧରେ ଚୀନ୍ ଅକସାଇ ଚୀନ୍‌କୁ ବଳପୂର୍ବକ ଅଧିକାର କରିରଖିଛି। ୧୯୪୭ ମସିହାରୁ ପାକିସ୍ତାନ, କାଶ୍ମୀରରେ ଅଶାନ୍ତି କରିବା ପାଇଁ ଛଦ୍ମ ଯୁଦ୍ଧ କରିଚାଲିଛି। ଏହାର ଫଳସ୍ୱରୂପ ୧୯୮୯ ମସିହାର କାଶ୍ମୀର ପଣ୍ଡିତମାନଙ୍କ ହତ୍ୟା ଅନ୍ୟତମ।


ଉକ୍ତ ସଂକ୍ଷିପ୍ତ କାଶ୍ମୀର ଇତିହାସରୁ ଜଣାପଡୁଛି ଋଷି କାଶ୍ୟପଙ୍କ ସମୟରୁ କାଶ୍ମୀର ଭାରତର ଅଙ୍ଗ ଥିଲା। ଜବାହାରଲାଲ ନେହରୁ ବିଶ୍ୱବିଦ୍ୟାଳୟର ପ୍ରଫେସର ନିବେଦିତା ମେନନ୍ ଓ ଅରୁନ୍ଧତି ରାୟଙ୍କ ଦାବି 'କାଶ୍ମୀର ଭାରତର ଅଙ୍ଗ କେବେବି ନଥିଲା' ମିଥ୍ୟା ବୋଲି ପ୍ରମାଣିତ ହେଉଛି। ପଲ୍ଲବୀ ଯୋଶୀ, 'ଦି କାଶ୍ମୀର ଫାଇଲ୍ସ'ରେ ରାଧିକା ମେନନ ନାମରେ ନିବେଦିତା ମେନନଙ୍କ ଚରିତ୍ରରେ ଅଭିନୟ କରିଛନ୍ତି।

୧୯୮୯ ମସିହାରେ କାଶ୍ମୀର ପଣ୍ଡିତଙ୍କ ହତ୍ୟା ଓ ପଳାୟନକୁ କେହି ମିଥ୍ୟା ବୋଲି ପ୍ରମାଣ କରିପାରିବେ ନାହିଁ। କାରଣ ଏବେ ମଧ କାଶ୍ମୀର ଘାଟୀରେ କାଶ୍ମୀର ପଣ୍ଡିତମାନଙ୍କ ଘରଦ୍ୱାର ଓ ସେଓ ବଗିଚା ଜରାଜୀର୍ଣ୍ଣ ଭାବରେ ପଡ଼ିଛି। କାଶ୍ମୀର ପଣ୍ଡିତମାନେ ଜାମ୍ମୁ, ଚଣ୍ଡିଗଡ଼, ଦିଲ୍ଲୀ ଇତ୍ୟାଦି ସହରମାନଙ୍କରେ ନିର୍ବାସିତ ଜୀବନ ଯାପନ କରୁଛନ୍ତି। ଏହା ଏବେ ମଧ ପ୍ରତ୍ୟକ୍ଷ ଭାବରେ ଉପସ୍ଥିତ ଅଛି। କାଶ୍ମୀର ପଣ୍ଡିତମାନଙ୍କ ହତ୍ୟା ଓ ସେମାନଙ୍କ ଝିଅ ଓ ବୋହୂମାନଙ୍କ ଉପରେ ଘଟିଥିବା ବଳାତ୍କାର ଓ ହତ୍ୟାକୁ ଭାରତ ଓ କାଶ୍ମୀର ସରକାରଙ୍କ ସରକାରୀ କାଗଜପତ୍ରରେ ଉପସ୍ଥିତ ଅଛି। ତେଣୁ କାଶ୍ମୀର ପଣ୍ଡିତମାନଙ୍କ ହତ୍ୟା ଓ ବଳାତ୍କାରକୁ ମଧ କୌଣସି ପକ୍ଷ ମିଥ୍ୟା ବୋଲି ପ୍ରମାଣିତ କରିପାରିବ ନାହିଁ। କାଶ୍ମୀର ମହିଳା ଗିରିଜା ଟିକୁର ଚରିତ୍ରକୁ ଶାରଦା ପଣ୍ଡିତ ନାମରେ ଚଳଚ୍ଚିତ୍ରରେ ଉପସ୍ଥାପନା କରାଯାଇଛି। ଅଭିନେତ୍ରୀ ଭାଷା ସୁମ୍ବହି ଅତି ନିଖୁଣ ଅଭିନୟ କରିଛନ୍ତି ଶାରଦା ପଣ୍ଡିତଙ୍କ ଚରିତ୍ରରେ। ଚିନ୍ମୟ ମାନଦେହଙ୍କର ମଧ ବହୁତ ସୁନ୍ଦର ଅଭିନୟ କରିଛନ୍ତି ଫାରୁକ ମଲିକ ବିଟ୍ଟା ଚରିତ୍ରରେ।

ମୋଟ ଉପରେ ଚଳଚ୍ଚିତ୍ରରେ ଅଭିନୟ କରିଥିବା କଳାକାରମାନେ ଅତି ସୁନ୍ଦର ଓ ନିଖୁଣ ଅଭିନୟ କରି ୧୯୮୯-୯୦ ମସିହାରେ ଘଟିଥିବା ନୃଶଂସ ହତ୍ୟାକାଣ୍ଡକୁ ଜୀବିତ କରିପାରିଛନ୍ତି। ଉକ୍ତ ହତ୍ୟାକାଣ୍ଡ ପାଇଁ ହିନ୍ଦୁମାନଙ୍କ ସହ ବହୁ ମୁସଲମାନମାନେ ମଧ ଦୁଃଖି ଓ ମର୍ମାହତ ହୋଇଛନ୍ତି। କାରଣ ଦଙ୍ଗା ଓ ହତ୍ୟାକାରୀମାନଙ୍କର କୌଣସି ଧର୍ମ ନଥାଏ। ସେମାନେ ହିନ୍ଦୁ ଓ ମୁସଲମାନମାନଙ୍କ ସମ୍ମୁଖରେ ହତ୍ୟାକାରୀ।

ଶେଷରେ କାଶ୍ମୀର ଇତିହାସକୁ ଜୀବିତ ରଖିବା ପାଇଁ କାଶ୍ମୀର ପଣ୍ଡିତମାନଙ୍କରୁ କାଶ୍ମୀର ରାଜ୍ୟରେ ପୁନର୍ବାସ ଅନିର୍ବାଯ୍ୟ। ଏହା ପାଇଁ ହିନ୍ଦୁ ଓ ମୁସଲମାନ ଏକତ୍ରିତ ହୋଇ କାର୍ଯ୍ୟକରିବା ଉଚିତ। ସମସ୍ତେ ଏକାକାଳୀନ ଭାବରେ ସରକାରଙ୍କ ପାଖରେ ଦାବି କରି ଉକ୍ତ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉଚିତ।

## କଂଗ୍ରେସ ଛାଡ଼ିଲେ କପିଲ ସିବଲ: ସମାଜବାଦୀ ପାର୍ଟିରୁ ରାଜ୍ୟସଭା ପାଇଁ ପ୍ରାର୍ଥୀପତ୍ର ଦାଖଲ କଲେ



ନୂଆଦିଲ୍ଲୀ: ଦଳରୁ ଇସ୍ତଫା ଦେଇଥିବା କଂଗ୍ରେସର ପ୍ରଭାବଶାଳୀ ନେତା କପିଲ୍ ସିବଲ୍ 'ସମାଜବାଦୀ ପାର୍ଟି'ର ସମର୍ଥନରେ ଜଣେ ସ୍ୱାଧୀନ ପ୍ରାର୍ଥୀ ଭାବେ ରାଜ୍ୟସଭା ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବା କଥା ସେ ନିଜେ କହିଛନ୍ତି। ସାମ୍ବାଦିକମାନଙ୍କୁ ସିବଲ୍ କହିଛନ୍ତି: ମେ ୧୬ରେ ମୁଁ କଂଗ୍ରେସରୁ ଇସ୍ତଫା ଦେଇଥିଲି। 'ସପା'ର ସହଯୋଗରେ ଜଣେ ସ୍ୱାଧୀନ ପ୍ରାର୍ଥୀରୂପେ ମୁଁ ପ୍ରାଥୀପତ୍ର ଦାଖଲ କରିଛି। ଦେଶରେ ମୁଁ ସବୁବେଳେ ସ୍ୱାଧୀନ ପ୍ରତିନିଧି ହେବାକୁ ଚାହିଁଛି। ସ୍ୱାଧୀନ ପ୍ରତିନିଧି ହେବା ଗୁରୁତ୍ୱପୂର୍ଣ୍ଣ କଥା। ବିରୋଧୀ ଦଳରେ ରହି ମୋଦୀ ସରକାରଙ୍କୁ ବିରୋଧ କରିବା ଭଳି ମେଣ୍ଟ ଗଠନ କରିବାକୁ ଚାହୁଁଛୁ। ସେ ପ୍ରାର୍ଥୀପତ୍ର ଦାଖଲ କରିବା ବେଳେ 'ସପା'ର ମୁଖ୍ୟ ଅଖିଳେଶ ଯାଦବ ଏବଂ ସାଂସଦ ରାମଗୋପାଳ ଯାଦବ ଉପସ୍ଥିତ ଥିଲେ। ଘଟଣା ସଂକ୍ରାନ୍ତରେ ପ୍ରତିକ୍ରିୟା ପ୍ରକାଶ କରି ସମାଜବାଦୀ ପାର୍ଟିର ମୁଖ୍ୟ ଅଖିଳେଶ ଯାଦବ କହିଛନ୍ତି, ଆଜି କପିଲ୍ ସିବଲ୍ ତାଙ୍କର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। 'ସପା'ର ସମର୍ଥନରେ ସେ ରାଜ୍ୟସଭାକୁ ଯିବେ। ରାଜ୍ୟସଭାକୁ ଆହୁରି ଦୁଇଜଣ ମଧ୍ୟ ଯାଇ ପାରିବେ। କପିଲ୍ ସିବଲ୍ ହେଉଛନ୍ତି ଜେଣ ବରିଷ୍ଠ ଓକିଲ। ସଂସଦରେ ସୁନ୍ଦର କରି ସେ ତାଙ୍କର ମତ ଉପସ୍ଥାପନ କରିଛନ୍ତି। ସେ ନିଜର ଏବଂ 'ସପା'ର ମତ ଉପସ୍ଥାପନ କରିବେ ବୋଲି ଆଶା। ସ୍ମରଣଯୋଗ୍ୟ, ୨୦୧୭ ଜାନୁଆରି ପ୍ରାରମ୍ଭରେ ନିର୍ବାଚନ କମିସନରେ ସିବଲ୍ ଯୁକ୍ତି ବାଢ଼ିଥିଲେ କି, ଅଖିଳେଶ 'ବାଇସାଇକ୍ଲ' ସଙ୍କେତ ପାଇବା ଉଚିତ। ଶେଷରେ ଅଖିଳେଶ ହିଁ ସେହି ନିର୍ବାଚନୀ ସଙ୍କେତ ପାଇଥିଲେ।
କପିଲ୍ ସବିଲ୍ ହେଉଛନ୍ତି ଦଳର ସାଙ୍ଗଠନିକ ସଂସ୍କାର ଦାବି କରିଥିବା କଂଗ୍ରେସ ନେତାଙ୍କ 'ଜି-୨୩' ଦଳର ଅନ୍ୟତମ ସଦସ୍ୟ। ସିବଲ୍ ସ୍ପଷ୍ଟଭାବେ ଅପାଣା ଅସୁବିଧା ବ୍ୟକ୍ତ କରିବାର ସହ ପରିବର୍ତ୍ତନ ଲୋଡିଥିଲେ।

## ୨୦୨୪ ନିର୍ବାଚନ ପାଇଁ ଟାସ୍କ ଫୋର୍ସ ଗଠନ କଲା କଂଗ୍ରେସ



ନୂଆଦିଲ୍ଲୀ: ୨୦୨୪ ଲୋକସଭା ନିର୍ବାଚନ ପାଇଁ କଂଗ୍ରେସ ପ୍ରସ୍ତୁତି ଆରମ୍ଭ କରିଛି। ଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଏଥିପାଇଁ ଏକ ଟାସ୍କ ଫୋର୍ସ ଗଠନ କରିଛନ୍ତି। ଏହା ସହିତ ଏକ ୮ ସଦସ୍ୟ ବିଶିଷ୍ଟ ରାଜନୈତିକ ବ୍ୟାପାର କମିଟି (ପିଏସି) ମଧ୍ୟ ଗଠନ କରାଯାଇଛି। ପୁଣି ଥରେ କ୍ଷମତାକୁ ଫେରିବା ପାଇଁ କଂଗ୍ରେସ ନିର୍ବାଚନ ରଣନୀତିଜ୍ଞ ପ୍ରଶାନ୍ତ କିଶୋରଙ୍କୁ ଦଳରେ ସାମିଲ କରିପାରିନଥିଲେ ହେଁ ପ୍ରଶାନ୍ତ କିଶୋରଙ୍କ ପୂର୍ବ ସହଯୋଗୀ ସୁନୀଲ କନୁଗୋଲୁଙ୍କୁ କଂଗ୍ରେସ ଟାସ୍କ ଫୋର୍ସରେ ସାମିଲ କରିଥିବା ଜଣାପଡିଛି। ସୁନୀଲ କନୁଗୋଲୁଙ୍କ ସହ କଂଗ୍ରେସ ଟାସ୍କ ଫୋର୍ସରେ ସାମିଲ ହୋଇଛନ୍ତି, ପି ଚିଦାମ୍ବରମ୍, ମୁକୁଲ୍ ୱାସନିକ୍, ଜୟରାମ ରମେଶ, କେସି ଭେଣୁଗୋପାଳ, ଅଜୟ ମାକନ୍, ପ୍ରିୟଙ୍କା ଗାନ୍ଧୀ ଓ ରଣଦୀପ ସୁରଜେୱାଲା। ଏହା ସହ କଂଗ୍ରେସର ପିଏସିରେ ସାଂସଦ ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖାଡଗେ, ଗୁଲାମ ନବୀ ଆଜାଦ, ଅମ୍ବିକା ସୋନି, ଦିଗବିଜୟ ସିଂହ, ଆନନ୍ଦ ଶର୍ମା, କେସି ଭେଣୁଗୋପାଳ, ଜିତେନ୍ଦ୍ର ସିଂଙ୍କ ଭଳି ବରିଷ୍ଠ ନେତା ଅଛନ୍ତି। କିଛି ଦିନ ତଳେ କଂଗ୍ରେସ ଉଦୟପୁରରେ ଏକ ଚିନ୍ତବ ଶିବିର ଡକାଇ ଦଳର ସ୍ଥିତି ଏବଂ ଆଗାମୀ ରଣନୀତି ଉପରେ ଆଲୋଚନା କରିଥିଲା। ଏହି ଶିବିରରେ କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ସାଂଗଠନିକ ପରିବର୍ତ୍ତନ ବିଷୟରେ କହିଥିଲେ। ଏହା ସହିତ ୨୦୨୪ ଲୋକସଭା ନିର୍ବାଚନ ପ୍ରସ୍ତୁତି ପାଇଁ ରାଜନୈତିକ ବ୍ୟାପାର କମିଟି ଏବଂ ଟାସ୍କ ଫୋର୍ସ ଗଠନ ପାଇଁ ମଧ୍ୟ ଘୋଷଣା କରାଯାଇଥିଲା।

## ସ୍ୱାମୀଙ୍କ ବାପା-ମା'ଙ୍କୁ ଭରଣପୋଷଣ ଦେବା ପାଇଁ ବୋହୂ ଦାୟୀ ନୁହେଁ: ବମ୍ବେ ହାଇକୋର୍ଟ



ମୁମ୍ବାଇ : ବମ୍ବେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ କହିଛନ୍ତି ଯେ, ଜଣେ ବୋହୂ ସ୍ୱାମୀଙ୍କ ବାପା ମା'ଙ୍କ ଭରଣପୋଷଣ ପାଇଁ ଦାୟୀ ନୁହନ୍ତି। ପୁଅ ବାପା ମା'ଙ୍କ ଭରଣପୋଷଣ ଦାୟିତ୍ୱ ନେବ। ବୋହୂ ଉପରେ ଏହା ଲଦି ଦିଆଯାଇପାରିବ ନାହିଁ। ଉଲ୍ଲେଖଯୋଗ୍ୟ, ଗୋଟଏ ପରିବାରରେ ବୃଦ୍ଧ ବାପା ମା' ସେମାନଙ୍କ ପୁଅ ଏବଂ ବୋହୂଙ୍କ ଦ୍ୱାରା ଅବହେଳିତ ହୋଇଥିବା ନେଇ କୋର୍ଟରେ ଆବେଦନ କରିଥିଲେ । ସେମାନେ ୱେଲଫେୟାର ଅଫ୍ ପ୍ୟାରେଣ୍ଟ୍ସ ଆଣ୍ଡ୍ ସିନିଅର ସିଟିଜେନ୍ସ ଟ୍ରିବ୍ୟୁନାଲ୍‌ରେ ପୁଅ-ବୋହୂଙ୍କ ବିରୋଧରେ ଆବେଦନ କରିବା ସହ ସେମାନେ ଘର ଛାଡି ଦେବାକୁଦାବି କରିଥିଲେ। ଏଥିସହ ନିଜର କୌଣସି ରୋଜଗାର ନଥିବାରୁ ସେମାନଙ୍କ ଠାରୁ ଭରଣପୋଷଣ ଖର୍ଚ୍ଚ ମାଗିଥିଲେ। ଟ୍ରିବ୍ୟୁନାଲ୍ ପୁଅ-ବୋହୂଙ୍କ ବିରୋଧରେ ରାୟ ଦେବା ସହ ସେମାନଙ୍କୁ ମାସିକ ୨୫ ହଜାର ଟଙ୍କା ଏ ବା ବାବଦରେ ଦେବାପାଇଁ କହିଥିଲେ। କିନ୍ତୁ ଟ୍ରିବ୍ୟୁନାଲ୍‌ଙ୍କ ରାୟ ବିରୋଧରେ ବୋହୂ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ମାମଲାର ଶୁଣାଣି କରି କହିଛନ୍ତି, ସ୍ୱାମୀଙ୍କ ବାପା ମା'ଙ୍କୁ ଭରଣପୋଷଣ ଦେବାପାଇଁ ବୋହୂ ଦାୟୀ ନୁହେଁ। ପୁଅ ନିଜ ବାପା ମା'ଙ୍କ ଭରଣପୋଷଣ ଦାୟିତ୍ୱ ନେଇପାରିବ।

# ଜାପାନ ପ୍ରଧାନମନ୍ତ୍ରୀଙ୍କ ସହ ମୋଦୀଙ୍କ ବୈଠକ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାପାନର ପ୍ରଧାନମନ୍ତ୍ରୀ ଫୁମିଓ କିଶିଦାଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିଛନ୍ତି । ପ୍ରଧାନମନ୍ତ୍ରୀ କିଶିଦା ମଧ୍ୟ ପ୍ରଧାନମନ୍ତ୍ରୀଙ୍କ ପାଇଁ ରାତ୍ରୀ ଭୋଜନର ଆୟୋଜନ କରିଥିଲେ । ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କ ବଢାଇବା ସହିତ କିଛି ଆଞ୍ଚଳିକ ଏବଂ ବିଶ୍ୱ ସ୍ତରୀୟ ପ୍ରସଙ୍ଗରେ ସେମାନଙ୍କର ଫଳପ୍ରଦ ମତ ବିନିମୟ ହୋଇଥିଲା। ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଦ୍ୱିପାକ୍ଷିକ ସୁରକ୍ଷା ଏବଂ ପ୍ରତିରକ୍ଷା ସହଯୋଗକୁ ଆହୁରି ବଢ଼ାଇବାକୁ ଦୁଇ ନେତା ରାଜି ହୋଇଥିଲେ । ସେମାନେ ଏକମତ ହୋଇଛନ୍ତି ଯେ ଖୁବ୍‌ଶୀଘ୍ର ଜାପାନରେ ପରବର୍ତ୍ତୀ ବୈଦେଶିକ ଏବଂ ପ୍ରତିରକ୍ଷା ମନ୍ତ୍ରୀସ୍ତରୀୟ ଦ୍ୱିପାକ୍ଷିକ ବୈଠକ ଅନୁଷ୍ଠିତ ହୋଇପାରେ। ଦୁଇ ଦେଶ ମଧ୍ୟରେ ବଢୁଥିବା ଅର୍ଥନୈତିକ ସମ୍ପର୍କକୁ ଦୁଇ ନେତା ପ୍ରଶଂସା କରିଛନ୍ତି । ସେମାନେ ସହମତ ହୋଇଥିଲେ ଯେ ସରକାରୀ ଏବଂ ବେସରକାରୀ କ୍ଷେତ୍ରରେ ୫ ଟ୍ରିଲିୟନ ୟେନ ପୁଞ୍ଜି ବିନିଯୋଗ ଏବଂ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ଜାପାନରୁ ଭାରତକୁ ଆର୍ଥିକ ସହାୟତା ପାଇଁ ଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ଦିଗରେ ଉଭୟ ପକ୍ଷ ମିଳିତ ଭାବରେ କାର୍ଯ୍ୟ କରିବା ଉଚିତ।



ଗତି ଶକ୍ତି ପଦକ୍ଷେପ ମାଧ୍ୟମରେ ବ୍ୟବସାୟରେ ସହଜତା, ଲଜିଷ୍ଟିକ୍ସକୁ ସୁଦୃଢ଼ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଉପରେ ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ ଏବଂ ଭାରତରେ ଜାପାନ କମ୍ପାନିଗୁଡିକ ଦ୍ୱାରା ଅଧିକ ପୁଞ୍ଜି ବିନିଯୋଗକୁ ସମର୍ଥନ କରିବାକୁ ପ୍ରଧାନମନ୍ତ୍ରୀ କିଶିଦାଙ୍କୁ ଅନୁରୋଧ କରିଥିଲେ । ଏହିପରି ବିନିଯୋଗ ସ୍ଥିର ଯୋଗାଣ ଶୃଙ୍ଖଳା ସୃଷ୍ଟି କରିବାରେ ସାହାଯ୍ୟ କରିବ ଏବଂ ପାରସ୍ପରିକ ଲାଭଦାୟକ ହେବ। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ମୋଦୀ ଜାପାନ କମ୍ପାନୀଗୁଡିକ ପ୍ରଶଂସା କରିଛନ୍ତି ଯେ ସେମାନେ ଭାରତରେ ପୁଞ୍ଜି ବିନିଯୋଗ ବୃଦ୍ଧି କରୁଛନ୍ତି ଏବଂ ୨୪ ଟି ଜାପାନୀ କମ୍ପାନୀ ବିଭିନ୍ନ ପିଏଲ୍‌ଆଇ ଯୋଜନାରେ ସଫଳତାର ସହ ଆବେଦନ କରିଛନ୍ତି। ଦୁଇ ନେତା ମୁମ୍ବାଇ-ଅହମ୍ମଦାବାଦ ହାଇ ସ୍ପିଡ୍ ରେଳ (ଏମଏଏଚ୍‌ଏସ୍‌ଆର) ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ଅଗ୍ରଗତି ବିଷୟରେ ଉଲ୍ଲେଖ କରିଛନ୍ତି ଏବଂ ଏହି ପ୍ରକଳ୍ପ ପାଇଁ ତୃତୀୟ ଦଫାର ଋଣ ପ୍ରଦାନକୁ ସ୍ୱାଗତ କରିଛନ୍ତି।
ସେମାନେ ଭାରତ-ପ୍ରଶାନ୍ତ ମହାସାଗରରେ ଥିବା ନିଜସ୍ୱ ଆଭିମୁଖ୍ୟରେ ସମ୍ମିଶ୍ରଣକୁ ଲକ୍ଷ୍ୟ କରିବା ସହିତ ଏକ ମୁକ୍ତ, ଖୋଲା ଏବଂ ଅନ୍ତର୍ଭୂକ୍ତ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ପୁନଃ ପ୍ରମାଣିତ କରିଛନ୍ତି । ଏହି ପରିପ୍ରେକ୍ଷୀରେ, ସେମାନେ କ୍ୱାଡର ସମସାମୟିକ ତଥା ଗଠନମୂଳକ ଏଜେଣ୍ଡା ଯଥା ଟିକା, ଛାତ୍ରବୃତ୍ତି, ଜଟିଳ ପ୍ରଯୁକ୍ତିବିଦ୍ୟା ଏବଂ ଭିତ୍ତିଭୂମିର ଅଗ୍ରଗତିକୁ ସ୍ୱାଗତ କରିଥିଲେ। ଏହି ଗସ୍ତ ସମୟରେ ତାଙ୍କର ତଥା ତାଙ୍କ ପ୍ରତିନିଧିଙ୍କ ସଦସ୍ୟଙ୍କ ପ୍ରତି ଆନ୍ତରିକତା ଏବଂ ଆତିଥ୍ୟ ପାଇଁ ପ୍ରଧାନମନ୍ତ୍ରୀ କିଶିଦାଙ୍କୁ ପ୍ରଧାନମନ୍ତ୍ରୀ ମୋଦୀ ଧନ୍ୟବାଦ ଅର୍ପଣ କରିଛନ୍ତି । ପରବର୍ତ୍ତୀ ବାର୍ଷିକ ଦ୍ୱିପାକ୍ଷିକ ସମ୍ମିଳନୀ ପାଇଁ ପ୍ରଧାନମନ୍ତ୍ରୀ କିଶିଦା ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଜାପାନ ଗସ୍ତରେ ଆସିବାପାଇଁ ନିମନ୍ତ୍ରଣ କରିଥିଲେ ଯାହା ଆନନ୍ଦରେ ଗ୍ରହଣ କରାଯାଇଥିଲା ।

## ଭାରତ ଓ ଆମେରିକା ମଧ୍ୟରେ ନିବେଶ ପ୍ରୋତ୍ସାହନ ରାଜିନାମା

ନୂଆଦିଲ୍ଲୀ: ଭାରତ ଓ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ) ମଧ୍ୟରେ ଜାପାନର ଟୋକିଓଠାରେ ନିବେଶ ପ୍ରୋତ୍ସାହନ ରାଜିନାମା (ଆଇଆଇଏ) ସ୍ୱାକ୍ଷରିତ ହୋଇଛି । ଏହି ରାଜିନାମା (ଆଇଆଇଏ)ରେ ଭାରତର ବିଦେଶ ସଚିବ ବିନୟ କ୍ୱାତ୍ରା ଓ ୟୁଏସ୍ ଇଣ୍ଟରନାସନାଲ ଡେଭଲପ୍‌ମେଣ୍ଟ ଫାଇନାନ୍‌ସ କର୍ପୋରେସନ (ଡିଏଫ୍‌ସି) ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସ୍କଟ୍ ନାଥନ ସ୍ୱାକ୍ଷର କରିଛନ୍ତି। ଏହି ନିବେଶ ରାଜିନାମା (ଆଇଆଇଏ) ୧୯୯୭ରେ ଭାରତ ସରକାର ଓ ଯୁକ୍ତରାଷ୍ଟ୍ର ଆମେରିକା ସରକାରଙ୍କ ମଧ୍ୟରେ ସ୍ୱାକ୍ଷର ହୋଇଥିବା ନିବେଶ ପ୍ରୋତ୍ସାହନ ରାଜିନାମାର ସ୍ଥାନ ନେବ । ପୂର୍ବରୁ ୧୯୯୭ରେ ନିବେଶ ପ୍ରୋତ୍ସାହନ ରାଜିନାମା (ଆଇଆଇଏ) ସ୍ୱାକ୍ଷରିତ ହେବା ପରଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରଗତି ପରିଲକ୍ଷିତ ହୋଇଥିଲା । ଯେଉଁଥିରେ ଡିଏଫ୍‌ସି ନାମରେ ଏକ ନୂଆ ଏଜେନ୍ସି ଗଠନ ମଧ୍ୟ ସାମିଲ ଥିଲା। ଡିଏଫ୍‌ସି ଯୁକ୍ତରାଷ୍ଟ୍ର ଆମେରିକା ସରକାରଙ୍କ ଏକ ବିତ୍ତ ବିକାଶ ଏଜେନ୍ସି ଓ ଏହାର ଗଠନ ଯୁକ୍ତରାଷ୍ଟ୍ର ଆମେରିକାର ସଦ୍ୟ ପ୍ରଣୀତ ନିୟମ, ବିଲ୍ଡ ଆକ୍ଟ ୨୦୧୮ର ଅଧିନିୟମ ପରେ ପୂର୍ବବର୍ତ୍ତୀ ବିଦେଶ ଘରୋଇ ନିବେଶ ନିଗମ (ଓପିଆଇସି)ର




ଉତ୍ତରାଧିକାରୀ ଏଜେନ୍ସି ଭାବେ ହୋଇଥିଲା । ଋଣ, ଇକ୍ୱିଟି ନିବେଶ, ନିବେଶ ଗ୍ୟାରେଣ୍ଟି, ନିବେଶ ବୀମା କିମ୍ବା ପୁନଃବୀମା, ସମ୍ଭାବ୍ୟ ପ୍ରକଳ୍ପ ଓ ଅନୁଦାନ ପାଇଁ ସମ୍ଭାବ୍ୟତା ଅଧ୍ୟୟନ ତଥା ଡିଏଫ୍‌ସି ଦ୍ୱାରା ପ୍ରସ୍ତାବିତ ଅତିରିକ୍ତ ନିବେଶ ସହାୟତା କାର୍ଯ୍ୟକ୍ରମଗୁଡିକ ସହିତ ସମନ୍ୱୟ ବଜାୟ ରଖିବା ପାଇଁ ଏହି ନିବେଶ ପ୍ରୋତ୍ସାହନ ରାଜିନାମା ସ୍ୱାକ୍ଷରିତ ହୋଇଛି। ଭାରତରେ ନିବେଶ ସହାୟତା ପ୍ରଦାନ ଜାରି ରଖିବା ପାଇଁ ଡିଏଫ୍‌ସି ପାଇଁ ରାଜିନାମା ଏକ ଆଇନଗତ ଆବଶ୍ୟକତା। ଡିଏଫ୍‌ସି କିମ୍ବା ଏହାର ପୂର୍ବ ଏଜେନ୍ସିଗୁଡିକ ଭାରତରେ ୧୯୭୪ରୁ ସକ୍ରିୟ ରହି ଏଯାବତ ୫.୮ ବିଲିୟନ ଡଲାର ନିବେଶ ସହାୟତା ପ୍ରଦାନ କରି ସାରିଛନ୍ତି, ଯେଉଁଥିରୁ ୨.୯ ବିଲିୟନ ଡଲାର ଏବେ ବି ବକେୟା ରହିଛି । ଭାରତରେ ନିବେଶ ସହାୟତା ପ୍ରଦାନ କରିବା ପାଇଁ ଡିଏଫ୍‌ସି ନିକଟରେ ୪ ବିଲିୟନ ଡଲାରର ପ୍ରସ୍ତାବ ବିଚାରାଧୀନ ରହିଛି । ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଯେପରିକି କୋଭିଡ- ୧୯ ଭ୍ୟାକ୍ସିନ ପ୍ରସ୍ତୁତି, ସ୍ୱାସ୍ଥ୍ୟସେବା କ୍ଷେତ୍ରର ବିତ୍ତପୋଷଣ, ନବୀକରଣଯୋଗ୍ୟ ଶକ୍ତି, ଏସ୍‌ଏମ୍‌ଇ ବିତ୍ତପୋଷଣ, ବିତ୍ତୀୟ ଅନ୍ତର୍ଭୁକ୍ତି, ଭିତ୍ତିଭୂମି ଆଦି କ୍ଷେତ୍ରରେ ଡିଏଫ୍‌ସି ନିବେଶ ସହାୟତା ପ୍ରଦାନ କରିଛି। ଏହି ନିବେଶ ପ୍ରୋତ୍ସାହନ ରାଜିନାମା ସ୍ୱାକ୍ଷରିତ ହେବା ଦ୍ୱାରା ଭାରତରେ ଡିଏଫ୍‌ସି ଦ୍ୱାରା ପ୍ରଦାନ କରାଯାଉଥିବା ନିବେଶ ସହାୟତା ବୃଦ୍ଧି ପାଇବ ଫଳରେ ଭାରତର ବିକାଶକୁ ଆହୁରି ଆଗେଇବ ବୋଲି ଆଶା କରାଯାଉଛି।

## ୪୨୪ଜଣ ବ୍ୟକ୍ତିଙ୍କ ସୁରକ୍ଷା ବ୍ୟବସ୍ଥା ପ୍ରତ୍ୟାହାର କଲେ ପଞ୍ଜାବ ସରକାର

ଚଣ୍ଡୀଗଡ: ରାଜ୍ୟ ୪୨୪ଜଣ ବ୍ୟକ୍ତିଙ୍କୁ ଯୋଗାଇ ଦିଆଯାଇଥିବା ସୁରକ୍ଷା ବ୍ୟବସ୍ଥାକୁ ମୁଖ୍ୟମନ୍ତ୍ରୀ ଭଗୱନ୍ତ୍ ମାନ୍‌ଙ୍କ ନେତୃତ୍ୱାଧୀନ ପଞ୍ଜାବ ସରକାର ପ୍ରତ୍ୟାହାର କରି ନେଇଛନ୍ତି। ନିରାପତ୍ତା ବ୍ୟବସ୍ଥା ପ୍ରତ୍ୟାହାର କରି ନିଆଯାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଅଛନ୍ତି ଅନେକ ଅବସରପ୍ରାପ୍ତ ପୁଲିସ ଅଧିକାରୀ, ଧର୍ମଗୁରୁ ଏବଂ ରାଜନୈତିକ ବ୍ୟକ୍ତିତ୍ୱ। ସୂଚନାଯୋଗ୍ୟ, ଚଳିତ ମାସ ପ୍ରାରମ୍ଭରେ 'ଆପ୍' ସରକାର ଅକାଳୀ ଦଳ ସାଂସଦ ହର୍‌ସିମ୍ରତ୍ କୌର ବାଦଲ ଏବଂ ପଞ୍ଜାବର ପୂର୍ବତନ କଂଗ୍ରେସ ମୁଖ୍ୟ ସୁନୀଲ ଜାଖଡଙ୍କ ସମେତ ୮ଜଣ ବ୍ୟକ୍ତିଙ୍କୁ ଯୋଗାଇ ଦିଆଯାଇଥିବା ସୁରକ୍ଷା ବ୍ୟବସ୍ଥା ମଧ୍ୟ ପ୍ରତ୍ୟାହାର କରିନେଇଥିଲେ। ଉକ୍ତ ୮ଜଣଙ୍କ ମଧ୍ୟରୁ ୫ଜଣ 'ଜେଡ୍' ବର୍ଗ ନିରାପତ୍ତା ପାଇଥିବା ବେଳେ ବାକି ୩ଜଣ 'ୱାଇ+' ସୁରକ୍ଷା ପାଇଥିଲେ। ସେମାନଙ୍କ ସୁରକ୍ଷାରେ ୧୨୭ଜଣ ପୁଲିସ କର୍ମଚାରୀ ଏବଂ ୯ଟି ଗାଡି ନିୟୋଜନ କରାଯାଇଥିଲା। ଆଗରୁ ଏପ୍ରିଲ୍ ମାସରେ ପଞ୍ଜାବ ସରକାର ପୂର୍ବତନ ମନ୍ତ୍ରୀ, ବିଧାୟକ ଏବଂ ଅନ୍ୟାନ୍ୟ ନେତାଙ୍କ ସମେତ ୧୮୪ଜଣ ବ୍ୟକ୍ତିଙ୍କୁ ଯୋଗାଇ ଦିଆଯାଇଥିବା ସୁରକ୍ଷା ବ୍ୟବସ୍ଥା ପ୍ରତ୍ୟାହାର କରି ନେଇଥିଲେ। ଉଲ୍ଲେଖଯୋଗ୍ୟ, ଗତ ମାସରେ ପଞ୍ଜାବର ପୂର୍ବତନ ମୁଖ୍ୟମନ୍ତ୍ରୀ ଚରଣଜିତ ସିଂହ ଚନ୍ନୀ, କ୍ୟାପ୍‌ଟେନ୍ ଅମରିନ୍ଦର୍ ସିଂହଙ୍କ ପୁତ୍ର ରଣିନ୍ଦର ସିଂହ ଏବଂ କଂଗ୍ରେସ ବିଧାୟକ ପ୍ରତାପ ସିଂହ ବାଜବାୱେରେଙ୍କ ପତ୍ନୀଙ୍କୁ ଯୋଗାଇ ଦିଆଯାଇଥିବା ସୁରକ୍ଷା ବ୍ୟବସ୍ଥା ମଧ୍ୟ ପ୍ରତ୍ୟାହର କରି ନେଇଥିଲେ।

## ପ୍ରତିରକ୍ଷା ଓ ନିରାପତ୍ତା କ୍ଷେତ୍ରକୁ ଅଧିକ ମଜବୁତ ପାଇଁ ଆଲୋଚନା


ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଜୋସେଫ ଆର୍. ବାଇଡେନଙ୍କ ସହିତ ଟୋକିଓଠାରେ ଏକ ଉତ୍ସାହୀ ତଥା ପ୍ରଭାବୀ ବୈଠକ କରିଥିଲେ। ଏହି ବୈଠକର ନିର୍ଯ୍ୟାସ ବେଶ ପରିଣାମଦର୍ଶୀ ହୋଇପାରିଛି ଯାହା କି ଦ୍ୱିପାକ୍ଷିକ ସହଯୋଗିତାକୁ ଆହୁରି ଗଭୀର ତଥା ଗତିଶୀଳ କରାଇ ପାରିବ। ଉଭୟ ନେତା ନିବେଶ ପ୍ରୋତ୍ସାହନ ରାଜିନାମା ସ୍ୱାକ୍ଷରକୁ ସ୍ୱାଗତ ଜଣାଇଥିଲେ, ଯାହା କି ୟୁଏସ୍ ଡେଭଲପମେଣ୍ଟ ଫାଇନାନ୍ସ କର୍ପୋରେସନକୁ ଆପୋସ ପ୍ରାଥମିକତା ଥିବା କ୍ଷେତ୍ର ଯଥା ସ୍ୱାସ୍ଥ୍ୟସେବା, ଅକ୍ଷୟ ଶକ୍ତି, ଏସ୍‌ଏମଇ, ଭିତ୍ତିଭୂମି ଆଦି କ୍ଷେତ୍ରରେ ଭାରତରେ ନିବେଶ ସହାୟତା ପ୍ରଦାନ ଜାରି ରଖିବାରେ ସମର୍ଥ କରାଇ ପାରିବ। ଉଭୟ ପକ୍ଷ ଫଳପ୍ରଦ ସହଯୋଗକୁ ଆଗକୁ ବଢ଼ାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ



ତଥା ବିକାଶଶୀଳ ପ୍ରଯୁକ୍ତି (ଆଇସିଇଟି) ଉପରେ ଏକ ଭାରତ-ଆମେରିକା ପଦକ୍ଷେପକୁ ଶୁଭାରମ୍ଭ କରିଥିଲେ । ଭାରତର ଜାତୀୟ ସୁରକ୍ଷା ପରିଷଦ ସଚିବାଳୟ ଓ ଆମେରିକା ଜାତୀୟ ସୁରକ୍ଷା ପରିଷଦର ଯୁଗ୍ମ ନେତୃତ୍ୱରେ ଆଇସିଇଟି ଏଆଇ, କ୍ୱାଣ୍ଟମ କମ୍ପ୍ୟୁଟିଙ୍ଗ, ୫ଜି/୬ଜି, ବାୟୋଟେକ, ମହାକାଶ ଓ ସେମିକଣ୍ଡକ୍ଟର ଭଳି କ୍ଷେତ୍ରରେ ଉଭୟ ଦେଶର ସରକାର, ଶିକ୍ଷାନୁଷ୍ଠାନ ଓ ଶିଳ୍ପଦ୍ୟୋଗ ମଧ୍ୟରେ ଘନିଷ୍ଠ ସମ୍ପର୍କ ସ୍ଥାପନ କରିବ। ପ୍ରତିରକ୍ଷା ଓ ନିରାପତ୍ତା ସହଯୋଗିତା ଭାରତ-ଆମେରିକା ଦ୍ୱିପାକ୍ଷିକ ସୂଚୀର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ହୋଇଥିବାରୁ ଉଭୟ ପକ୍ଷ ଏହି ସହଯୋଗକୁ କିଭଳି ଆହୁରି ମଜଭୁତ କରାଯାଇ ପାରିବ, ସେ ବାବଦରେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ କ୍ଷେତ୍ରରେ ସେମାନଙ୍କ ବର୍ଦ୍ଧିତ ସହଯୋଗକୁ ଆଗକୁ ବଢ଼ାଇବା ପାଇଁ ଭାରତ ଓ ଆମେରିକା ଦୀର୍ଘଦିନ ଧରି ଜାରି ରହିଥିବା ଭାକ୍ସିନ ଆକ୍ସନ ପ୍ରୋଗ୍ରାମ (ଭିଏପି)କୁ ୨୦୨୭ ପର୍ଯ୍ୟନ୍ତ ସମ୍ପ୍ରସାରଣ କରିଥିଲେ, ଯାହା ଦ୍ୱାରା ଯୁଗ୍ମ ଜୈବଚିକିତ୍ସା ଗବେଷଣା ଜାରି ରହିପାରିବ, ଯାହା କି ଟିକା ଓ ତତ୍‌ସଂକ୍ରାନ୍ତ ପ୍ରଯୁକ୍ତି ବିକାଶରେ ସହାୟକ ହୋଇଥିଲା। ଦୁଇ ନେତା ଦକ୍ଷିଣ ଏସିଆ ଓ ଭାରତ-ପ୍ରଶାନ୍ତ ମହାସାଗର କ୍ଷେତ୍ର ସହିତ ପାରସ୍ପରିକ ହିତ ସଂକ୍ରାନ୍ତ କ୍ଷେତ୍ରୀୟ ପ୍ରସଙ୍ଗ ଉପରେ ବିଚାର ଆଦାନପ୍ରଦାନ କରିଥିଲେ। ଏକ ଅବାଧ, ଉନ୍ମୁକ୍ତ ତଥା ସମାବେଶୀ ଭାରତ-ପ୍ରଶାନ୍ତ ମହାସାଗର ଅଞ୍ଚଳ ନିମନ୍ତେ ସେମାନଙ୍କ ଦୃଷ୍ଟିକୋଣର ପୁଷ୍ଟି କରିଥିଲେ। ଉଭୟ ନେତା ନିଜ ଉପଯୋଗୀ କଥାବାର୍ତ୍ତା ଜାରି ରଖିବା ଏବଂ ଭାରତ-ଆମେରିକା ସହଯୋଗିତାକୁ ଉଚ୍ଚତର ସ୍ତରକୁ ନେବା ଲାଗି ନିଜର ଆପୋସ ଦୃଷ୍ଟିକୋଣକୁ ଆଗକୁ ବଢ଼ାଇବା ବାବଦରେ ସହମତି ପ୍ରକାଶ କରିଥିଲେ।

# ବିଜେପି ହାତ ଛାଡିବେ ନୀତୀଶ !

ପାଟନା : ବିଜେପି ସମର୍ଥନରେ ମୁଖ୍ୟମନ୍ତ୍ରୀ ହୋଇଥିବା ନୀତୀଶ କୁମାରଙ୍କୁ ନେଇ ବିହାର ରାଜନୀତି ପୁଣି ସରଗରମ ହୋଇଉଠିଛି। ସେ ବିଜେପି ହାତ ଛାଡି ପୁଣି ଲାଲୁ ଯାଦବଙ୍କ ଆରଜେଡି ସହ ମେଣ୍ଟ କରିବେ ବୋଲି ଜୋରଦାର ଚର୍ଚ୍ଚା ଚାଲିଛି। ଆସନ୍ତା ମାସ ରାଜ୍ୟସଭା ନିର୍ବାଚନ ଏବଂ ଜୁଲାଇରେ ରାଷ୍ଟ୍ରପତି ନିର୍ବାଚନ ହେବାକୁ ଯାଉଥିବା ବେଳେ ଜେଡିୟୁ ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ନୀତୀଶଙ୍କୁ ନେଇ ଏଭଳି ଚର୍ଚ୍ଚା ବିଜେପି ହାଇକମାଣ୍ଡଙ୍କୁ ଚିନ୍ତାରେ ପକାଇଦେଇଛି। ଆସନ୍ତା ଦୁଇ ତିନି ଦିନରେ ବିହାରରେ କିଛି ବଡ ପରିବର୍ତ୍ତନ ଦେଖାଦେଇପାରେ। ନୀତୀଶ କୁମାର ଜେଡିୟୁ ବିଧାୟକମାନଙ୍କୁ ଆସନ୍ତା ୭୨ ଘଣ୍ଟା ପର୍ଯ୍ୟନ୍ତ ରାଜଧାନୀ ପାଟନା ନଛାଡିବା ଲାଗି ନିର୍ଦ୍ଦେଶ ଦେବାପରେ ଏଭଳି ଆଭାସ ମିଳୁଛି। ମୁଖ୍ୟମନ୍ତ୍ରୀ ଗତକିଛି ଦିନ ଧରି ଦଳୀୟ ନେତା ଏବଂ ବିଧାୟକଙ୍କ ସହ ଲଗାତାର ବୈଠକ କରୁଛନ୍ତି। ସେ ମନ୍ତ୍ରୀ, ବିଧାୟକ ଏବଂ ପୂର୍ବତନ ବିଧାୟକଙ୍କୁ ଭେଟିଛନ୍ତି। ତେବେ ବୈଠକରେ କ'ଣ ଆଲୋଚନା ହେଉଛି, ତାହାକୁ ଗୁପ୍ତ ରଖାଯାଇଛି। ଇତିମଧ୍ୟରେ ନୀତୀଶ କୁମାର ରାଜଗୀର ଗସ୍ତ କରି ସେ କିଛି ବଡ ଘୋଷଣା କରିବେ ବୋଲି ତାଙ୍କ ନିକଟତମ ମହଲରୁ ଜଣାପଡିଛି। ୨୦୧୭ରେ ମହାମେଣ୍ଟରୁ ଓହରିବା ପୂର୍ବରୁ ନୀତୀଶ କିଛି ଦିନ ପାଇଁ ରାଜଗୀର ଗସ୍ତ କରିଥିଲେ। ରାଜଗୀରରୁ ଫେରିବାପରେ ସେ ମହାମେଣ୍ଟ ଛାଡିବା ନିଷ୍ପତ୍ତି ନେଇଥିଲେ। ମୁଖ୍ୟମନ୍ତ୍ରୀ ନୀତୀଶଙ୍କର ଗୋଟିଏ ଘୋଷଣା ଏସବୁ ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ବିଜେପିର ବିରୋଧ ସତ୍ତ୍ୱେ ଜାତି ଭିତ୍ତିକ ଜନଗଣନା କରାଯିବ ବୋଲି ନୀତୀଶ ସୋମବାର ଦିନ ଘୋଷଣା କରିଛନ୍ତି।



ଆରଜେଡି ନେତା ତେଜସ୍ୱୀ ଯାଦବ ଏଭଳି ଦାବି କରୁଥିଲେ, କିନ୍ତୁ ବିଜେପି ଏହାକୁ ବିରୋଧ କରିଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କର ଘୋଷଣା ବିଜେପି ନେତାମାନଙ୍କୁ ସ୍ତବ୍ଧ କରିଦେଇଛି। ଏସଂପର୍କରେ ବିଜେପି ନେତାମାନେ କୌଣସି ପ୍ରତିକ୍ରିୟା ଦେଉ ନାହାନ୍ତି। ବିଜେପି ଏବଂ ନୀତୀଶ କୁମାରଙ୍କ ମଧ୍ୟରେ ସଂପର୍କ ପୂର୍ବଭଳି ମଧୁର ନଥିବାରୁ ଆଗକୁ କିଛି ବି ଘଟିପାରେ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ଦେଉଛନ୍ତି। ସେମାନେ କହିଛନ୍ତି ଯେ ଗତ ନିର୍ବାଚନ ପରେ ବିଜେପି ଠାରୁ କମ୍ ସଂଖ୍ୟକ ଆସନ ପାଇଥିଲେ ମଧ୍ୟ ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ହୋଇଥିଲେ। ନୀତୀଶ ମୁଖ୍ୟମନ୍ତ୍ରୀ ଥିଲେ ମଧ୍ୟ ବିଜେପି କଥାରେ ଶାସନ ଚାଲିଛି। ଏହାକୁ ନେଇ ନୀତୀଶ ଭୀଷଣ ଅସନ୍ତୁଷ୍ଟ ଅଛନ୍ତି। ତେଣୁ ସେ ବିଜେପି ହାତ ଛାଡି ଲାଲୁଙ୍କ ସହ ପୁଣି ସଂପର୍କ ଯୋଡିଲେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ତେବେ ବିଜେପି ହାଇକମାଣ୍ଡ ଏହାକୁ ସହଜରେ ଗ୍ରହଣ କରିବା ସ୍ଥିତିରେ ନାହାନ୍ତି। ଯେଉଁଥିପାଇଁ କିଛି ଦିନ ତଳେ ରେଳ ନିଯୁକ୍ତି ଦୁର୍ନୀତି ମାମଲାର ଲାଲୁଙ୍କ ବିଭିନ୍ନ ବାସଭବନରେ ସିବିଆଇ ଚଢ଼ଉ କରିଥିଲା। ଏହା ନୀତୀଶଙ୍କ ପାଇଁ ପରୋକ୍ଷରେ ଚେତାବନୀ ବୋଲି କୁହାଯାଉଛି। କେବଳ ଏତିକି ନୁହେଁ ଜେଡିୟୁରେ ମଧ୍ୟ ବିଭାଜନ ଲାଗି ବିଜେପି ଉଦ୍ୟମ ଆରମ୍ଭ କରିଥିବା କୁହାଯାଉଛି। ଜେଡିୟୁ ନେତା ତଥା କେନ୍ଦ୍ର ମନ୍ତ୍ରୀ ଆରପି ସିଂହଙ୍କୁ ନେଇ ବିଜେପି ନୀତୀଶଙ୍କ ଦଳରେ ବିଭାଜନ ଘଟାଇପାରେ। ଦିନେ ନୀତୀଶଙ୍କ ଅତି ଘନିଷ୍ଠ ଥିବା ଆରପି ସିଂହ ଏବେ ବିଜେପିକୁ ସୁହାଇଲା ଭଳି କାମ କରି ପାରନ୍ତି ବୋଲି କୁହାଯାଉଛି। ନୀତୀଶ ଏଇଥଇପାଇଁ ତାଙ୍କୁ ପୁନର୍ବାର ରାଜ୍ୟସଭାକୁ ପଠାଇବାକୁ ଚାହୁନାହାନ୍ତି। ଆର୍‌ପି ସିଂହ ମଧ୍ୟ ରାଜ୍ୟସଭା ପଦ ଛାଡିବା ପାଇଁ ପ୍ରସ୍ତୁତ ନଥିବା ଜଣାପଡିଛି। ଏଭଳି ସ୍ଥିତିରେ ଯଦି ଆର୍‌ପି ସିଂହଙ୍କୁ ଅଣଦେଖା କରାଯାଏ ତେବେ ସେ ତାଙ୍କ ଶିବିରର ବିଧାୟକଙ୍କୁ ନେଇ ବିଜେପି ସହ ହାତ ମିଳାଇପାରନ୍ତି ବୋଲି ଖବର ମିଳିଛି। ତେଣୁ ଆସନ୍ତା ମାସରେ ହେବାକୁ ଯାଉଥିବା ରାଜ୍ୟସଭା ନିର୍ବାଚନ ପୂର୍ବରୁ ବିହାର ରାଜନୀତିରେ ବଡ ପରିବର୍ତ୍ତନ ହୋଇପାରେ ବୋଲି କୁହାଯାଉଛି।

# ୭ଟି ବିଦ୍ୟୁତ୍ ପ୍ରକଳ୍ପ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର: ବିଦ୍ୟୁତ ହେଉଛି ବିକାଶର ଜୀବନରେଖା । ପାଣି ପରି ବିଦ୍ୟୁତ ସମସ୍ତଙ୍କ ପାଇଁ ଖୁବ ଜରୁରୀ । ତେଣୁ ବିଦ୍ୟୁତ ଶକ୍ତି ଅପଚୟ ନକରି ଏହାର ଉଚ୍ଚିତ ବ୍ୟବହାର କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁରୋଧ । ଭିଡିଓ କନ୍‌ଫରେନ୍ସିଂ ଯୋଗେ ରାୟଗଡା, ନବରଙ୍ଗପୁର, କଳାହାଣ୍ଡି, ସମ୍ବଲପୁର, କେନ୍ଦୁଝର ଓ ଖୋର୍ଦ୍ଧା ଜିଲ୍ଲାରେ ୬ଟି ଉଚ୍ଚ ଶକ୍ତି ସମ୍ପନ୍ନ ଗ୍ରୀଡ ସବଷ୍ଟେସନ ଓ ବଲାଙ୍ଗୀର-କେସିଙ୍ଗାରେ ୨୨୦ କେଭି ଟ୍ରାନ୍ସମିଶନ ଲାଇନ ଉଦଘାଟନ କରି ଲୋକଙ୍କୁ ଗୁଣାତ୍ମକ ତଥା ନିର୍ଭରଯୋଗ୍ୟ ବିଦ୍ୟୁତ୍ ସେବା ଯୋଗାଇ ଦେବାରେ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି । ୬ଟି ଉଚ୍ଚଶକ୍ତି ସମ୍ପନ୍ନ ଗ୍ରୀଡ ସବ୍‌ଷ୍ଟେସନ ଓ ଗୋଟିଏ ୨୨୦ କେଭି ଡବଲ ସର୍କିଟ ଟ୍ରାନ୍ସମିଶନ ଲାଇନ ପାଇଁ ୪୫୦ କୋଟି ଟଙ୍କା ବିନିଯୋଗ ହୋଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, 'ଏହି ନୂତନ ବ୍ୟବସ୍ଥା ଦ୍ୱାରା କଳାହାଣ୍ଡି, ରାୟଗଡା, ନବରଙ୍ଗପୁର, କେନ୍ଦୁଝର, ସମ୍ବଲପୁର ଓ ଖୋର୍ଦ୍ଧା ଜିଲ୍ଲାର ଚାଷୀ, ଛାତ୍ରଛାତ୍ରୀ ଓ ମାଆମାନେ ବିଶେଷ ଉପକାର ପାଇବେ । କ୍ଷୁଦ୍ର ଶିଳ୍ପ ଓ ଜଳସେଚନ ପ୍ରକଳ୍ପଗୁଡିକ ମଧ୍ୟ ଉପକାର ପାଇବେ ।' ସେ ଆହୁରି କହିଥିଲେ, 'ଜନସାଧାରଣଙ୍କୁ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ୩୮୦୦ କୋଟି ଟଙ୍କା ବ୍ୟୟ ଅଟକଳରେ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଟ୍ରେନିଂ ପ୍ରୋଜେକ୍ଟ ଆରମ୍ଭ କରିଥିଲେ । ବର୍ତ୍ତମାନ ସୁଦ୍ଧା ଏହି ଯୋଜନାରେ ୪୩୦ଟି ୩୩/୧୧ କେଭି ସବ୍‌ଷ୍ଟେସନ କାର୍ଯ୍ୟକାରୀ କରାଯାଇଛି । ରାଜ୍ୟରେ ଲୋ-ଭୋଲ୍‌ଟେଜ ସମସ୍ୟା ଦୂର କରିବା ପାଇଁ ସରକାର ଏହି ଯୋଜନାର ଚତୁର୍ଥ ପର୍ଯ୍ୟାୟରେ ୧୮୦୦ କୋଟି ଟଙ୍କା ବ୍ୟୟ ଅଟକଳ କରିଛନ୍ତି ।' କାର୍ଯ୍ୟକ୍ରମରେ ସମ୍ବଲପୁରରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ସୁଶାନ୍ତ ସିଂ, ଖୋର୍ଦ୍ଧାରେ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଅଶୋକଚନ୍ଦ୍ର ପଣ୍ଡା, ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର, କଳାହାଣ୍ଡିରେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, କେନ୍ଦୁଝରରେ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକ ଓ ରାୟଗଡା-ଗୁଣୁପୁରରେ ବିଧାୟକ ରଘୁନାଥ ଗମାଙ୍ଗ ପ୍ରମୁଖ ଉପସ୍ଥିତ ରହି ବିଦ୍ୟୁତ ଭିତ୍ତିଭୂମିର ବିକାଶ ଦ୍ୱାରା ରାଜ୍ୟର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିଛି ବୋଲି ମତବ୍ୟକ୍ତ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଦୃଢ ନେତୃତ୍ୱକୁ ପ୍ରଶଂସା କରିଥିଲେ କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫ଟି) ଭି.କେ. ପାଣ୍ଡିଆନ ସଂଚାଳନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଶକ୍ତି ବିଭାଗ ପ୍ରମୁଖ ସଚିବ ନିକୁଞ୍ଜ ଧଳ ସ୍ୱାଗତ ଭାଷଣ ଦେଇଥିଲେ । ଓପିଟିସିଏଲ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡ଼ିଶା ଜଳ ନିଗମକୁ ମିଳିଲା ଅନ୍ତର୍ଜାତୀୟ ପୁରସ୍କାର



ଭୁବନେଶ୍ୱର: ୱାଟର କର୍ପୋରେସନ୍ ଅଫ୍ ଓଡ଼ିଶା (WATCO)କୁ ମିଳିଲା ଆନ୍ତର୍ଜାତିକ ସମ୍ମାନ । WATCOକୁ ଗ୍ଲୋବାଲ ୱାଟର ଲିଡର ଆୱାର୍ଡ ୨୦୨୨ ମିଳିଛି । ସ୍ପେନର ମାଡ୍ରିଦରେ ହେଉଥିବା ଗ୍ଲୋବାଲ ୱାଟର ସମିଟରେ ଏହି ପୁରସ୍କାର ପ୍ରଦାନ କରାଯାଇଛି । ଗ୍ଲୋବାଲ ୱାଟର ଇଣ୍ଟେଲିଜେନ୍ସ ପକ୍ଷରୁ WATCO ସମ୍ମାନିତ କରାଯାଇଛି । ୨୪ଘଣ୍ଟିଆ ଡ୍ରିଙ୍କ୍ ଫ୍ରମ ଟ୍ୟାପ୍ ଯୋଜନା ପାଇଁ ମିଳିଲା ସମ୍ମାନ । ପୁରସ୍କାର ଗ୍ରହଣ କରିଥିଲେ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଜି. ମାଥିଭାତନନ୍ । ଏହି ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ଯୋଜନା ପୁରୀରେ କାର୍ଯ୍ୟକାରୀ ହୋଇଥିବା ବେଳେ କଟକ ଓ ଭୁବନେଶ୍ୱରରେ ମଧ୍ୟ ଆରମ୍ଭ ହୋଇଛି । ପରେ ଏହି ଯୋଜନାକୁ ବ୍ରହ୍ମପୁରରେ ମଧ କାର୍ଯ୍ୟକାରୀ କରିବାକୁ ଯୋଜନା ରହିଛି । ସାରା ଦେଶରେ ପୁରୀ ସହରର ପ୍ରତ୍ୟେକ ଘରେ ୨୪ ଘଣ୍ଟିଆ ଉଚ୍ଚମାନର ଜଳ ଯୋଗାଇବାର ପ୍ରଥମ ସହର ଭାବରେ ଖ୍ୟାତି ଲାଭ କରିଛି । ପୁରୀରେ ଶତକଡା ୧୦୦ ଭାଗ ଘରେ ମିଟର ଲଗାଯାଇ ଦିନରାତି ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଲଣ୍ଡନ, ସିଙ୍ଗାପୁର ଓ ନ୍ୟୁୟର୍କ ଭଳି ବିଶ୍ୱସ୍ତରୀୟ ସହରଗୁଡିକର ସମକକ୍ଷ ହୋଇପାରିଛି । ଦିଲ୍ଲୀ ସରକାରଙ୍କର ଅଧିକ୍ଷଣ ଯନ୍ତ୍ରୀ ଅଜୟ ଗୁପ୍ତା ପୁରୀର ବିଭିନ୍ନ ସ୍ଥାନ ପରିଦର୍ଶନ କରି ଏହି ଅତ୍ୟାଧୁନିକ ଜଳ ଯୋଗାଣ ବ୍ୟବସ୍ଥା ଅନୁଧ୍ୟାନ କରି ଏହି ପ୍ରକାର ବ୍ୟବସ୍ଥା ଏକ ସୁଚିନ୍ତିତ ଯୋଜନା ଓ କାର୍ଯ୍ୟକାରୀତାର ପ୍ରତିଫଳନ ବୋଲି ମତାମତ ଦେଇଛନ୍ତି । ପୁରସ୍କାର ପାଇବା ପରେ ନଗର ଉନ୍ନୟନ ସଚିବ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏ ସଂପର୍କରେ ଅବଗତ କରାଇଥିଲେ । ଏଠାରେ ଉଲ୍ଲେଖଯୋଗ୍ୟ ଯେ 'ଡ୍ରିଙ୍କ ଫ୍ରମ୍ ଟ୍ୟାପ୍' ମିଶନ ଦ୍ୱାରା ପୁରୀର ପ୍ରତିଟି ଘରେ ଗୁଣାତ୍ମକ ପାନୀୟ ଜଳ ପହଂଚାଇବାର ଯୁଗାନ୍ତକାରୀ ପଦକ୍ଷେପ ଏବଂ ଜଗନ୍ନାଥ ଧାମ ପୁରୀକୁ ବିଶ୍ୱସ୍ତରୀୟ ଐତିହ୍ୟପୂର୍ଣ୍ଣ ସହର ଭାବରେ ପରିଣତ କରିବାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ବଳିଷ୍ଠ ପଦକ୍ଷେପ । ପୁରୀବାସୀଙ୍କ ସହିତ ଏଠାକୁ ଆସୁଥିବା ପର୍ଯ୍ୟଟକ ଓ ତୀର୍ଥଯାତ୍ରୀମାନେ ସହରରେ ଥିବା ଟ୍ୟାପ ଦ୍ୱାରା ପାଣି ପାଇପାରୁଛନ୍ତି । ଏହା ସହିତ ପୁରୀକୁ ଆସୁଥିବା ତୀର୍ଥଯାତ୍ରୀମାନେ ରାଜ୍ୟ ସରକାରଙ୍କ ଦ୍ୱାରା ରାଜ୍ୟ ରାଜପଥରେ ସ୍ଥାପିତ ଏବଂ ପୁରୀର ଅନ୍ୟ ସ୍ଥାନ ମାନଙ୍କରେ ଥିବା ଜଳ ଉତ୍ସଗୁଡିକରୁ ଏହି ପାଣି ପାଇପାରିବେ ଯାହାକି ବିମାନବନ୍ଦରରେ ଉପଲବ୍ଧ ଜଳ ଉତ୍ସ ସହ ସମାନ ।

## ଭାରତୀୟ ସ୍ତ୍ରୀ ଶକ୍ତିର ୩୪ତମ ସ୍ଥାପନା ଦିବସ



ଭୁବନେଶ୍ୱର : ମହିଳାମାନଙ୍କ ବୌଦ୍ଧି, ମାନସିକ, ପାରିବାରିକ, ଆର୍ଥିକ, ସାମାଜିକ, ରାଜନୈତିକ ତଥା ଆଧ୍ୟାତ୍ମିକ ସଶକ୍ତିକରଣ କରିବା ପାଇଁ ଭାରତୀୟ ସ୍ତ୍ରୀ ଶକ୍ତି ସଂଗଠନର ସ୍ଥାପନା ଦିବସରେ ବକ୍ତବ୍ୟ ଦେଇ ନାରୀ ନେତ୍ରୀମାନେ ଆହ୍ୱାନ ଦେଇଛନ୍ତି । 'ସ୍ୱର' ଓଡ଼ିଶା ତରଫରୁ ଭାରତୀୟ ସ୍ତ୍ରୀ ଶକ୍ତିର ୩୪ତମ ସ୍ଥାପନା ଦିବସ ସ୍ଥାନୀୟ ଇନ୍ଦ୍ରଧନୁ ମାର୍କେଟ୍ ସ୍ଥିତ ଜୁପିଟର ଓମେନ୍ସ କଲେଜ୍ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ପ୍ରଫେସର ଡ. ସବିତା ଆଚାର୍ଯ୍ୟ, ପ୍ରଥମ ମହିଳା କୁଳପତି ଉତ୍କଳ ବିଦ୍ୟାଳୟ, ମୁଖ୍ୟ ବକ୍ତା ଶ୍ରୀମତୀ ଶୈଳଜା ଅନ୍ଧାରେ (ରାଷ୍ଟ୍ରୀୟ ସଭାପତି, ମାଧ୍ୟମ) ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଭାରତୀୟ ସ୍ତ୍ରୀ ଶକ୍ତିର 'ରାଷ୍ଟ୍ର ନିର୍ମାଣ ମେଁ ସ୍ତ୍ରୀ ଶକ୍ତି' ପ୍ରକାଶନ ପାଇ ଥିବା ପୁସ୍ତକକୁ ଉନ୍ମୋଚନ କରାଯାଇଥିଲା ।

କାର୍ଯ୍ୟକ୍ରମରେ ଛାତ୍ରୀମାନଙ୍କ ଉଦ୍ଦେଶ୍ୟରେ ମୁଖ୍ୟ ଅତିଥି କହିଥିଲେ, ନାରୀଶକ୍ତି ଅର୍ଥ ନାରୀର ସର୍ବାଙ୍ଗୀଣ ବିକାଶ ଯଥା ମାନସିକ, ଶାରୀରିକ, ଆର୍ଥିକ ବିକାଶ ହେବା ନିହାତି ଆବଶ୍ୟକ । ନାରୀ ନିଜର ଶକ୍ତି ଓ ସାମର୍ଥ୍ୟକୁ ଠିକ୍ ଭାବରେ ପରଖିବା ନିହାତି ଜରୁରୀ କଥା ମଧ୍ୟ ପ୍ରକାଶ କରିଥିଲେ ।

ଅନ୍‌ଲାଇନ୍ ମାଧ୍ୟମରେ ମୁମ୍ବାଇରୁ ଭାରତୀୟ ସ୍ତ୍ରୀ ଶକ୍ତିର ସଭାପତି ତାଙ୍କ ବକ୍ତବ୍ୟ ପ୍ରସଙ୍ଗରେ କହିଥିଲେ ସମସ୍ତ କାର୍ଯ୍ୟକ୍ଷେତ୍ରରେ ହାରାସମେଂଟ ଏଟ୍ ୱାର୍କପ୍ଲେସ ରୋକିବା ପାଇଁ ଇଂଟରନାଲ କମ୍ପ୍ଲେନ୍ କମିଟି ଗଠନ କରିବା ନିହାତି ଆବଶ୍ୟକ । ବିଶ୍ୱବିଦ୍ୟାଳୟ ଓ ଅନ୍ୟାନ୍ୟ ନାରୀ ସଂଗଠନ ମିଶି ମହିଳା ମାନଙ୍କର ସର୍ବାଙ୍ଗୀଣ ବିକାଶ ପାଇଁ କାର୍ଯ୍ୟ କରିବା ଦରକାର । ସମ୍ମାନିତ ଅତିଥି ଶ୍ରୀମତୀ ନମ୍ରତା ଚଢ଼ା ଜଗନ୍ନାଥ ସଂସ୍କୃତି ଓ ମହାଭାରତରେ ସୁଭଦ୍ରା, ଲକ୍ଷ୍ମୀ ଓ ଦ୍ରୌପଦୀଙ୍କ ଭୂମିକା ବିଷୟରେ ଅବଗତ କରାଇ ଛାତ୍ରୀମାନଙ୍କୁ ପ୍ରେରଣା ପ୍ରଦାନ କରିଥିଲେ ।

ଏହି କାର୍ଯ୍ୟକ୍ରମରେ ସ୍ୱରର ସଭାପତି ଶ୍ରୀମତୀ ମନ୍ଦିରା ଦାଶ ସ୍ୱର ଅନୁଷ୍ଠାନର ଗତିବିଧି ଓ ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମର ସ୍ୱରର ଉପସଭାପତି ଶ୍ରୀମତୀ ସବିତା ରାୟ ସୁଚାରୁରୂପେ ସଂପାଦନ କରିଥିଲେ । ସ୍ୱରର କାର୍ଯ୍ୟାଳୟ ସଂପାଦିକା ଶ୍ରୀମତୀ ସ୍ନେହା ଅଗ୍ରୱାଲ ଅତିଥିମାନଙ୍କର ପରିଚୟ ପ୍ରଦାନ କରିବା ସହ ସ୍ୱାଗତ କରିଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱରର ପ୍ରମୁଖ କାର୍ଯ୍ୟକର୍ତ୍ତା ତଥା ଶ୍ରୀମତୀ କ୍ରିଷ୍ଣା ଅଗ୍ରୱାଲଙ୍କ ସହ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଅନ୍‌ଲାଇନ୍ ମାଧ୍ୟମରେ ବିଭିନ୍ନ ସ୍ଥାନରୁ ଯୋଡ଼ି ହୋଇଥିଲେ । ଭାରତୀୟ ସ୍ତ୍ରୀ ଶକ୍ତିର ରାଷ୍ଟ୍ରୀୟ ସହ ସଂପାଦିକା ଓ ସ୍ୱରର ସାଧାରଣ ସଂପାଦିକା ଶ୍ରୀମତୀ ଚନ୍ଦନା ଦାସ ଧନ୍ୟବାଦ ଅର୍ପଣ କରିବା ସହ ସଂଗଠନର ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ । ଆର୍ଥିକ ସ୍ୱାବଲମ୍ବୀ କରିବାକୁ ୧୦୦୦ ମହିଳାଙ୍କୁ ତାଲିମ ଦେବାର ଲକ୍ଷ୍ୟ ଥିବା କଥା ମଧ୍ୟ ସେ ପ୍ରକାଶ କରିଥିଲେ ।

## ୮ଟି ଜିଲ୍ଲାରେ ବିଆଇଏସ୍ ହଲ୍‌ମାର୍କ ସୁନାବିକ୍ରି ବାଧ୍ୟତାମୂଳକ

ଭୁବନେଶ୍ୱର: ସୁନା ଗହଣା ଗ୍ରାହକଙ୍କ ଅଧିକାର ଆହୁରି ସୁନିଶ୍ଚିତ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି ରାଜ୍ୟ ସରକାର । ଓଡ଼ିଶାର ଆଠଟି ଜିଲ୍ଲାରେ ବିଆଇଏସ୍ ହଲ୍‌ମାର୍କ ସୁନା ଗହଣା ବିକ୍ରି ବାଧ୍ୟତାମୂଳକ କରାଯାଇ ଥିବାବେଳେ ଏଠାରେ ଆଉ କିଛି ଜିଲ୍ଲାକୁ ସାମିଲ କରାଯିବ । ଆସନ୍ତା ଜୁନ୍ ୧ ତାରିଖରୁ ପୁରୀ ଜିଲ୍ଲାରେ ମଧ୍ୟ ବିଆଇଏସ୍ ହଲମାର୍କ ସୁନା ବିକ୍ରି ବାଧ୍ୟତାମୂଳକ କରାଯିବ । ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି, ଉପଭୋକ୍ତାମାନେ ସୁନା ଗହଣା କିଣିବା ପୂର୍ବରୁ ସେଥିରେ ହଲମାର୍କ ଲୋଗୋ ଅଛି କି ନାହିଁ ତାହା ସୁନିଶ୍ଚିତ କରିନେବା ଅବଶ୍ୟକ । ଯଦି ଏନେଇ ଉପଭୋକ୍ତାଙ୍କର କିଛି ସମସ୍ୟା ଥାଏ ତେବେ ସେମାନେ ସିଧାସଳଖ ବିଭାଗ ନିକଟରେ ଅଭିଯୋଗ କରିପାରିବେ । ବିଭାଗୀୟ ଅଧିକାରୀ ଏହାର ତଦନ୍ତ କରି ଦୋଷୀ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ସୂଚନାଯୋଗ୍ୟ ଯେ ବିଆଇଏସ୍ ହଲମାର୍କ ଉଚ୍ଚ ଗୁଣବତ୍ତାଯୁକ୍ତ ସୁନା କ୍ରମକୁ ସୁନିଶ୍ଚିତ କରିଥାଏ । ତେବେ ଅଧିକ ଲାଭ ଆଶାରେ ଅଧିକାଂଶ ଗହଣା ବ୍ୟବସାୟୀ ଏହି ନିୟମକୁ ଅଣଦେଖା କରୁଥିବା ଅଭିଯୋଗ ହେଉଥିଲା । ଏହାକୁ ଦୃଷ୍ଟିରେ ରଖି ଖାଉଟି ବ୍ୟାପାର ବିଭାଗ ପକ୍ଷରୁ ୮ଟି ଜିଲ୍ଲାରେ ବିଆଇଏସ୍ ହଲମାର୍କ ଥିବା ସୁନା ବିକ୍ରି ବାଧ୍ୟତାମୂଳକ କରିଛନ୍ତି । ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଖୋର୍ଦ୍ଧା, ଗଞ୍ଜାମ, ମୟୂରଭଞ୍ଜ ଓ ସମ୍ବଲପୁର ଜିଲ୍ଲାରେ ବିଆଇଏସ୍ ହଲମାର୍କ ବାଧ୍ୟତାମୂଳକ କରାଯାଇଛି । ବ୍ୟବସାୟୀମାନେ ୧୪,୧୮ ଓ ୨୨ କ୍ୟାରେଟ୍ ସୁନା ବିକ୍ରି କରିପାରିବେ ତେବେ ହଲମାର୍କ ଥିବା ସୁନା ୨୦,୨୩ ଏବଂ ୨୪ କ୍ୟାରେଟ ହେବା ଆବଶ୍ୟକ । ବିଆଇଏସ୍ ହଲମାର୍କ ସହିତ ୬ ଡିଜିଟ ଏକ ନମ୍ବର ରହିଥାଏ । ବ୍ୟବସାୟୀ ଗ୍ରାହକଙ୍କୁ ସୁନାର ଶୁଦ୍ଧତା ଓ ଡେଲିଭରି ଭାଉଚର୍ ଦେବା ଜରୁରୀ । ଗ୍ରାହକ ଦେୟମୁକ୍ତ ନମ୍ବର ୧୮୦୦୩୪୫୬୭୬୦ ନମ୍ବରରେ ଫୋନ୍ କରି କିମ୍ବା ଏସ୍‌ଆଇସିଏ ଓଡ଼ିଶା ୱେବ୍ ସାଇଟ୍ କିମ୍ବା ଟ୍ୱିଟର ଆକାଉଣ୍ଟରେ ଅଭିଯୋଗ କରିପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି ।

## ପାୱାର ପ୍ଲାଣ୍ଟକୁ ଅଧିକ କୋଇଲା ଯୋଗାଣ ଉପରେ ସଚିବଙ୍କ ଗୁରୁତ୍ୱ



ପାରାଦୀପ : ଦେଶରେ ଏବେ ବିଦ୍ୟୁତ ଉତ୍ପାଦନ ପାଇଁ କୋଇଲା ସଙ୍କଟ ଦେଖାଦେଇଛି । ବିଦେଶରୁ ଆମଦାନୀ ହେଉଥିବା ଥର୍ମାଲ କୋଲ ଶୀଘ୍ର ପାୱାର ପ୍ଲାଣ୍ଟରେ କିପରି ପହଞ୍ଚାଯାଇପାରିବ ତାହାକୁ ନେଇ ଏକ ସମୀକ୍ଷା ଅନୁଷ୍ଠିତ ହୋଇଯାଇଛି । ପାରାଦୀପଠାରେ ଏଥିରେ କେନ୍ଦ୍ର ସରକାରଙ୍କ ଶକ୍ତି ବିଭାଗ ସଚିବ ଆଲୋକ କୁମାର ଯୋଗ ଦେଇଥିଲେ । ଏହି ଅବସରରେ ସେ ଦେଶର ବିଭିନ୍ନ ପାୱାର ପ୍ଲାଣ୍ଟକୁ କିପରି ଅଧିକ କୋଇଲା ଯୋଗାଣ କରାଯାଇପାରିବ ସେ ସମ୍ପର୍କରେ ବିଭିନ୍ନ ବିଭାଗର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଏଥିରେ ପାରାଦୀପ ବନ୍ଦର ଅଥରିଟି, ଏମସିଏଲ, ଏନ୍‌ଟିପିସି, ପୂର୍ବତଟ ରେଳବାଇ, କୋଲଇଣ୍ଡିଆ, ଆନ୍ଧ୍ର, କର୍ଣ୍ଣାଟକ, ତାମିଲନାଡୁର ବିଦ୍ୟୁତ ଉତ୍ପାଦନ କମ୍ପାନୀ ଆଦିର ପ୍ରତିନିଧି ସାମିଲ ହୋଇଥିଲେ । ସଚିବ କୁମାରଙ୍କ ସହ ଉପସଚିବ ବିବେକ କୁମାର ଦେୱାନଗନ ପହଞ୍ଚିବା ପରେ ତାଙ୍କୁ ବନ୍ଦର ଅଧକ୍ଷ ପି.ଏଲ ହରନାଦ ସ୍ୱାଗତ କରିଥିଲେ । ପରେ ବନ୍ଦର ଭିତରେ ଚାଲିଥିବା ପଣ୍ୟ କାରବାର ବ୍ୟବସ୍ଥାକୁ ସେ ବୁଲି ଦେଖିଥିଲେ । ପାରାଦୀପ ବନ୍ଦର ଅଥରିଟି ପକ୍ଷରୁ କୁହାଯାଇଥିଲା, ପାରାଦୀପ ବନ୍ଦରରେ ଦିନକୁ ୪୧ଟି କୋଇଲା ରେକ ଖଲାସ କରିବା କ୍ଷମତା ଅଛି । କିନ୍ତୁ ଏବେ ୩୧ ରେକ୍ ଖଲାସ କରାଯାଉଛି । ଏହାକୁ ଜୁଲାଇ ମାସ ସୁଦ୍ଧା ବୃଦ୍ଧି କରାଯାଇ ୪୬ ରେକ୍ କରାଯିବ । ଅକ୍ଟୋବର ମାସ ସୁଦ୍ଧା ୫୭ ରେକ୍ କୋଇଲା ଖଲାସ କରାଯାଇପାରିବ । ସେସବୁ କୋଇଲା କିପରି ତ୍ୱରିତ ଭାବେ ଆନ୍ଧ୍ର, କର୍ଣ୍ଣାଟକ, ତାମିଲନାଡୁକୁ ଯିବ ସେଥିପାଇଁ ପୂର୍ବତଟ ରେଳବାଇ ତଦାରଖ କରିବାକୁ କୁହାଯାଇଥିଲା ।

## ବିକାଶମୂଳକ କାର୍ଯ୍ୟରେ ଜିଲ୍ଲାପାଳଙ୍କ ଅସହଯୋଗ ନେଇ ପତ୍ର ଲେଖିଲେ କେନ୍ଦ୍ରମନ୍ତ୍ରୀ



ବାରିପଦା : ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ଜିଲ୍ଲାରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଚାଲୁଛି । ତେବେ ମୟୂରଭଞ୍ଜ ସଂସଦୀୟ କ୍ଷେତ୍ରରେ ବିକାଶମୂଳକ କାର୍ଯ୍ୟରେ ଜିଲ୍ଲାପାଳ ସମ୍ପୂର୍ଣ୍ଣ ଅସହଯୋଗ କରୁଛନ୍ତି । ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଉନ୍ନୟନ କାର୍ଯ୍ୟର ସମୀକ୍ଷା ବୈଠକ ବସୁଛି । ତେବେ ଅନ୍ୟଆଡେ ଗସ୍ତ କାର୍ଯ୍ୟକ୍ରମ ରହିଥିବା ଦର୍ଶାଇ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଜାଣିଶୁଣି ଏଥିରେ ଅନୁପସ୍ଥିତ ରହୁଛନ୍ତି ବୋଲି ଅଭିଯୋଗ କରିଛନ୍ତି କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ । ଏ ସଂକ୍ରାନ୍ତରେ ସେ ରାଜ୍ୟପାଳଙ୍କୁ ଚିଠି ଲେଖି ଜଣାଇବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅନୁରୋଧ କରିଛନ୍ତି । ଶ୍ରୀ ଟୁଡୁଙ୍କ ଅଭିଯୋଗ ହେଲା, ପ୍ରୋଟୋକଲ୍ ଅନୁସାରେ ଜଣେ କେନ୍ଦ୍ରମନ୍ତ୍ରୀଙ୍କୁ ଯେମିତି ସମ୍ମାନ ଦେବା କଥା, ଜିଲ୍ଲାପାଳ ଦେଉନାହାନ୍ତି । ଏମିତିକି ଜିଲ୍ଲାସ୍ତରୀୟ ଅଧିକାରୀଙ୍କୁ ବି ସମୀକ୍ଷା ବୈଠକରେ ଉପସ୍ଥିତ ନ ରହିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଉଥିବା କେନ୍ଦ୍ରମନ୍ତ୍ରୀ ଅଭିଯୋଗ କରିଛନ୍ତି । ଗତ ମାସ ୨୯ ତାରିଖ 'ଦିଶା' ବେଠକରେ ଜିଲ୍ଲାପାଳ ବାରିପଦାରେ ଥାଇ ବି ବୈଠକକୁ ଆସିନଥିଲେ । ସେହିପରି ଗତ ୭ ଓ ୮ ତାରିଖରେ ବିଭିନ୍ନ ବିଭାଗର କାର୍ଯ୍ୟକ୍ରମ ସମୀକ୍ଷା ନେଇ ପୂର୍ବରୁ ଦିନ ଓ ସମୟ ଧାର୍ଯ୍ୟ ହୋଇଥିଲା । ଦୁଇଦିନ ଧରି ଏହି ବୈଠକ ଅନୁଷ୍ଠିତ ହୋଇଥିଲେ ମଧ୍ୟ ଜିଲ୍ଲାପାଳ ଆସି ନଥିଲେ କି ସଂପୃକ୍ତ ବିଭାଗର ଅଧିକାରୀଙ୍କ ଦେଖା ମିଳିନଥିଲା । ଜିଲ୍ଲାପାଳଙ୍କ ଏଭଳି କାର୍ଯ୍ୟ କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ ବୋଲି ଦର୍ଶାଇ ଶ୍ରୀ ଟୁଡୁ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡିଛନ୍ତି ।

## ସୋଆ ଏନ୍‌ଏସ୍‌ଏସ୍ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ଭୁବନେଶ୍ୱର : ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ ଓ ସ୍କୁଲ୍ ଅଫ୍




ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍‌ର ଏନ୍‌ଏସ୍‌ଏସ୍ ବ୍ୟୁରୋ ପକ୍ଷରୁ ଭୁବନେଶ୍ୱର ଉପକଣ୍ଠ ବାରଙ୍ଗ ନିକଟବର୍ତ୍ତୀ ଗଣ୍ଡରପୁର ଗ୍ରାମରେ ଏକ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜିତ ହୋଇଯାଇଛି । ଶ୍ରୀଶ୍ରୀ ଲକ୍ଷ୍ମୀନାରାୟଣ ଓ ବିଶେଶ୍ୱର ସେବା ସମିତି ସହଯୋଗରେ ସୋଆ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀମାନେ ଯୋଗଦେଇ ସ୍ୱାସ୍ଥ୍ୟସେବା ପ୍ରଦାନ କରିଥିଲେ । ଏହାଦ୍ୱାରା ପ୍ରାୟ ୧୨୦ ଜଣ ରୋଗୀ ଉପକୃତ ହୋଇଥିଲେ । ଏହି ସ୍ୱାସ୍ଥ୍ୟସେବା ଶିବିରରେ ମାଗଣାରେ ବ୍ଲଡ ସୁଗାର ଏବଂ ବ୍ଲଡ ପ୍ରେସର ପରୀକ୍ଷା କରାଯିବା ସହ ଔଷଧ ବଂଟନ କରାଯାଇଥିଲା । ଆଇଏମ୍‌ଏସ୍‌ର ଡାକ୍ତର ସୌର୍ଯ୍ୟରଞ୍ଜନ ଦାସ, ଡାକ୍ତର ସାଇ ଅର୍ଚ୍ଚନା ମହାପାତ୍ର ଏବଂ ଡାକ୍ତର ଚନ୍ଦନ ରାୟଙ୍କ ସହିତ ଏସ୍‌ପିଏସ୍‌ର ଡାକ୍ତର ଶୋଭନ୍ ପଟ୍ଟନାୟକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିବାରେ ସହଯୋଗ କରିଥିଲେ । ସେହିପରି ଜ୍ୟୋର୍ତିମୟ ପାଣି, ଶଶିଭୂଷଣ ଗୁପ୍ତା, ଅମ୍ଲାନ ସ୍ୱାଇଁ, ଅବିନାଶ ରଥ, ଜନ୍ମେଜୟ ଖଟୁଆ, ଶୃତି ସୁଧା ପାଣିଗ୍ରାହୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

## ହୀରାକୁଦର କେଜ୍ ଫିସ୍‌କଲ୍‌ଚର ଏକ ସଫଳ ମଡେଲ୍: ମୁଖ୍ୟସଚିବ



ଭୁବନେଶ୍ୱର: ହୀରାକୁଦ ଜଳଭଣ୍ଡାରରେ ଆବଦ୍ଧ ମାଛ ଚାଷ (କେଜ୍ ଫିସ୍‌କଲ୍‌ଚର) ଏକ ସଫଳ ମଡେଲ୍ ଏବଂ ଏହା ଖୁବ୍ ଶିଘ୍ର ରାଜ୍ୟର ମଧୁର ପାଣି ମାଛ ଉତ୍ପାଦନକୁ ବହୁପରିମାଣରେ ବୃଦ୍ଧି କରିବ ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି । ଉଭୟ କ୍ଷେତ୍ର ପରିଦର୍ଶନ ଏବଂ ଉଚ୍ଚସ୍ତରୀୟ ସମୀକ୍ଷାପରେ ଶ୍ରୀ ମହାପାତ୍ର ଏହା କହିଛନ୍ତି । ଇତି ମଧ୍ୟରେ ମୁଖ୍ୟ ଶାସନ ସଚିବ ହୀରାକୁଦ ଜଳଭଣ୍ଡାରରେ ସ୍ଥାପିତ କେଜ୍ ଗୁଡିକରେ ମାଛ ଚାଷ ସ୍ଥିତି ପ୍ରତ୍ୟକ୍ଷ ଅନୁଧ୍ୟାନ କରିବା ସହ ମାଛଚାଷୀ, ଉଦ୍‌ଯୋଗୀ ଏବଂ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ । କ୍ଷେତ୍ରସ୍ତରୀୟ ମାଛଚାଷ କାର୍ଯ୍ୟର ଅଗ୍ରଗତି ବିଷୟରେ ସନ୍ତୋଷ ପ୍ରକାଶ କରି ଶ୍ରୀ ମହାପାତ୍ର କମନ୍ ଫେସିଲିଟି ସେଣ୍ଟର, ପରୀକ୍ଷାଗାର ଏବଂ ମାଛ ପହଞ୍ଚାଣ ନିମନ୍ତେ ଭାସମାନ ଜେଟି ଆଦି ଭିତ୍ତିଭୂମିକୁ ଶିଘ୍ର କାର୍ଯ୍ୟକାରୀ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । କେଜ୍-ଫିସ୍-କଲ୍‌ଚର ବିକାଶ ନିମନ୍ତେ ସରକାର ଆବଶ୍ୟକୀୟ ଭିତ୍ତିଭୂମି ଓ ସହଯୋଗ ଯୋଗାଇଦେବେ ବୋଲି ଶ୍ରୀ ମହାପାତ୍ର ଉଦ୍ୟୋଗୀମାନଙ୍କୁ ପ୍ରତିଶୃତି ଦେଇଥିଲେ । କମନ୍ ଫେସିଲିଟି ସେଣ୍ଟରରେ ଚାଷୀମାନେ କେଜରୁ ମାଛ ଧରି ବିପଣୀ ନିମନ୍ତେ ବର୍ଗୀକରଣ, ଓଜନ, ଓ ପ୍ରସ୍ତୁତ କରିପାରିବେ । ଏଠାରେ ଚାଷୀମାନଙ୍କ ପାଇଁ ପାଣି, ବିଦ୍ୟୁତ, ପରିଛନ୍ନତା ଓ ଶୌଚାଳୟ ଆଦିର ବ୍ୟବସ୍ଥା ରହିବ । ସେହିପରି ମତ୍ସ୍ୟଚାଷ ଗବେଷଣା ପରୀକ୍ଷାଗାର ଜଳ-ଜୀବ ସ୍ୱାସ୍ଥ୍ୟ ନିରୀକ୍ଷଣ ଏବଂ ପରିବେଶ ସନ୍ତୁଳନ ଅନୁଧ୍ୟାନ ଆଦିରେ ସହାୟକ ହେବ । ମାଛଚାଷୀମାନେ କେଜ୍ର ରେ ବଢୁଥିବା ମାଛଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ଗୁଣାତ୍ମାକମାନର ଉତ୍ପାଦନ ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେଇପାରିବେ । ଜଳଭଣ୍ଡାର ଉପରିଭାଗର ୧ ପ୍ରତିଶତ ଅଂଚଳରେ ଏହି କେଜ୍-କଲ୍‌ଚର ସିମୀତ ରଖିବା ଲାଗି ମୁଖ୍ୟ ଶାସନ ସଚିବ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହୀରାକୁଦର ମତ୍ସ୍ୟ ଓ ପଶୁସଂପଦ ବିକାଶ ଉପ ନିର୍ଦ୍ଦେଶକ ଜଣାଇଥିଲେ ଯେ ଜାତୀୟ ନୀୟମାବଳୀ ଦ୍ୱାରା ନିର୍ଦ୍ଧାରିତ ସୀମାଠାରୁ ବହୁ କମ୍ ଅଂଚଳରେ ବର୍ତ୍ତମାନ ପର୍ଯ୍ୟନ୍ତ ୩୨ ଟି କେଜ୍ ମାଛଚାଷ ଜୋନ୍ ଏବଂ ୬୨୫ ଟି ସବ୍‌ଜୋନ ଚିହ୍ନଟ କରାଯାଇଛି । ଏହା ମଧ୍ୟରୁ ୧୦୧ ଟି ସବ୍‌ଜୋନକୁ ପୁଞ୍ଜିନିବେଶ ଆଗ୍ରହ ଭିତ୍ତିରେ ଚୟନ ହୋଇଥିବା ଉଦ୍ୟୋଗୀମାନଙ୍କୁ ଲିଜ୍ ଦିଆଯାଇଛି । ବର୍ତ୍ତମାନ ସୁଦ୍ଧା ସେମାନଙ୍କ ମଧ୍ୟରୁ ୭୧ ଜଣ ଉଦ୍ୟୋଗୀ ବିଭାଗସହ ବୁଝାମଣାପତ୍ର ସ୍ୱାକ୍ଷର କରି କ୍ଷେତ୍ରସ୍ତରୀୟ କାମ ଆରମ୍ଭ କରିଛନ୍ତି । ୩୦ ଟି ସବ୍-ଜୋନ ରେ କେଜ୍ ସ୍ଥାପନ କାର୍ଯ୍ୟ ସରିଛି । ଉଦ୍ୟୋଗୀମାନଙ୍କୁ ନିୟମିତ ଯୋଗାଯୋଗ ଓ ବୈଷୟିକ ଜ୍ଞାନ କୌଶଳ ସଂପ୍ରସାରଣ ମାଧ୍ୟମରେ ଉତ୍ସାହିତ କରି ଆଗାମୀ ୬ ମାସରେ ଅବଶିଷ୍ଟ ସବ୍-ଜୋନ ମାନଙ୍କରେ କେଜ୍ ସ୍ଥାପନ କାର୍ଯ୍ୟ ଶେଷ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ସମ୍ବଲପୁରର ଜିଲ୍ଲାପାଳ ଶ୍ରୀ ଦିବ୍ୟଜ୍ୟୋତି ପରିଡ଼ା ଏବଂ ମତ୍ସ୍ୟ ଓ ପଶୁ ସଂପଦ ବିକାଶ ଉପ ନିର୍ଦ୍ଦେଶକ ବିରଜା ପ୍ରକାଶ ଦ୍ୱିବେଦୀଙ୍କ ସମେତ ସଂପୃକ୍ତ ବିଭାଗର ବରିଷ୍ଠ ଅଧିକାରୀମାନେ ସମୀକ୍ଷା ନିମନ୍ତେ ସଦ୍ୟତମ ତଥ୍ୟ ଉପସ୍ଥାପନ କରିଥିଲେ ।

# ବିନା ପରୀକ୍ଷାରେ ଏସ୍‌ବିଆଇରେ ନିଯୁକ୍ତି

ନୂଆଦିଲ୍ଲୀ: ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ତା'ର ଅଫିସର୍ ସ୍କେଲ୍ ପଦରେ ନିଯୁକ୍ତି ପାଇଁ ନୋଟିଫିକେସନ୍ ଜାରି କରିଛି। ଏସ୍‌ବିଆଇରେ ଚ୍ୟାନେଲ୍ ମ୍ୟାନେଜର୍ ଓ ଅନ୍ୟ କେତେକ ପଦ ପାଇଁ ଅବସରପ୍ରାପ୍ତ ବ୍ୟାଙ୍କ୍ କର୍ମଚାରୀଙ୍କୁ ଚୁକ୍ତିଭିତ୍ତିରେ ଭର୍ତ୍ତି କରାଯିବ ବୋଲି ସୂଚନା ରହିଛି। ଏହି ନିଯୁକ୍ତି ଅଭିଯାନ ଜରିଆରେ ବିଭିନ୍ନ ପଦରେ ୬୪୧ ଜଣଙ୍କୁ ନିଯୁକ୍ତି ପ୍ରଦାନ କରିବ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍। ଇଚ୍ଛୁକ ଏବଂ ଯୋଗ୍ୟ ଆଶାୟୀ sbi.co.in ୱେବ୍‌ସାଇଟ୍‌ରେ ଯାଇ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ଏସ୍‌ବିଆଇ ୨୦୨୨ ନୋଟିଫିକେସନ୍ ଅନୁସାରେ ୬୦ରୁ ୬୩ ବର୍ଷ ମଧ୍ୟରେ ଥିବା ଅବସରପ୍ରାପ୍ତ କର୍ମଚାରୀ ଏହି ପଦ ପାଇଁ ଆବେଦନ କରିପାରିବେ। ଏବେ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇ ସାରିଥିବା ବେଳେ ଏହା ଜୁନ୍ ୭ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହା ମଧ୍ୟରେ ଆଶାୟୀ ପ୍ରାର୍ଥୀ ଆବେଦନ କରିବାକୁ ୱେବ୍‌ସାଇଟ୍‌ରେ କୁହାଯାଇଛି। ଚ୍ୟାନେଲ୍ ମ୍ୟାନେଜର୍ ଫେସିଲିଟର୍ ପାଇଁ ୫୦୩ ପଦ ରହିଥିବା ବେଳେ ଚ୍ୟାନେଲ୍ ମ୍ୟାନେଜର ସୁପରଭାଇଜର୍ ପାଇଁ ୧୩୦ ପଦ ରହିଛି। ସପୋର୍ଟ ଅଫିସର୍ ପାଇଁ ୮ଟି ପଦ ଫାଙ୍କା ରହିଛି। ଚ୍ୟାନେଲ୍ ମ୍ୟାନେଜର୍ ଫେସିଲିଟର୍ ପଦ ପାଇଁ ଦରମା ୩୬,୦୦୦ ରହିଥିବା ବେଳେ ଚ୍ୟାନେଲ୍ ମ୍ୟାନେଜର ସୁପରଭାଇଜର୍ ପାଇଁ ୪୨, ୦୦୦ ଓ ସପୋର୍ଟ ଅଫିସର୍ ପାଇଁ ବି ୪୨,୦୦୦ ଟଙ୍କା ମାସିକ ଦରମା ରହିଛି। ଏସ୍‌ବିଆଇର ୱେବ୍‌ସାଇଟ୍‌ରେ ଏ ସଂପର୍କରେ ବିସ୍ତୃତ ଭାବେ ସୂଚନା ଦିଆଯାଇଛି। ଆବେଦନକାରୀଙ୍କ ଚୟନ ଇଣ୍ଟରଭ୍ୟୁ ଜରିଆରେ କରାଯିବ।

# ଖିମ୍‌ଜୀ କଟକ ଷ୍ଟୋର୍‌ର ୧୧ତମ ବାର୍ଷିକୀ

କଟକ : ଖିମ୍‌ଜୀ ଜୁଏଲର୍ସ ପକ୍ଷରୁ କଟକ ଷ୍ଟୋର୍‌ର ୧୧ତମ ବାର୍ଷିକୀକୁ ଚଳିତ ମାସ ୨୩ ତାରିଖରେ ପାଳନ କରାଯିବ। ଏହି ଅବସରରେ ନିଜ ଗ୍ରାହକମାନଙ୍କ ପାଇଁ ସୁନା ଅଳଙ୍କାରର ମୋଟ ମୂଲ୍ୟ ଉପରେ ଫ୍ଲାଟ୍ ୪.୫ ପ୍ରତିଶତ ରିହାତି ଭଳି ଅଫର ଘୋଷଣା କରାଯାଇଛି। ଚଳିତ ମାସ ୨୦ରୁ ୨୯ ତାରିଖ ପର୍ଯ୍ୟନ୍ତ ଗ୍ରାହକମାନେ ଏହି ଅଫରର ଲାଭ ଉଠାଇପାରିବେ। ଏହି ଅବସରରେ ଖିମ୍‌ଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମ୍‌ଜୀ କହିଛନ୍ତି ଯେ ସିଲଭର ସିଟିରେ ସଫଳତାର ୧୧ ବର୍ଷ ପାଳନ କରି ଆମେ ଆନନ୍ଦିତ। କଟକର ସବୁଠୁ ଆଦୃତ ଅଳଙ୍କାର ବ୍ରାଣ୍ଡ୍‌ରେ ଆମକୁ ପରିଣତ କରିଥିବାରୁ ଆମେ ଗ୍ରାହକଙ୍କ ନିକଟରେ କୃତଜ୍ଞ। ଏହି ଅଫର ଖିମ୍‌ଜୀ ତରଫରୁ ଭଲ ପାଇବାର ଏକ ପ୍ରତୀକ। ଆମେ ଆଶା କରୁଛୁ ଯେ ଗ୍ରାହକମାନେ ତାହାର ଲାଭ ନିଶ୍ଚିତ ଉଠାଇବେ। ଆଗାମୀ ଦିନରେ ଖିମ୍‌ଜୀ ଜୁଏଲର୍ସ ଅଧିକରୁ ଅଧିକ ଗ୍ରାହକଙ୍କୁ ସେବା ଯୋଗାଇବା ସହ ଅଭିବୃଦ୍ଧି ଜାରି ରଖିବ ବୋଲି ସେ କହିଛନ୍ତି। କଟକରେ ଖିମ୍‌ଜୀର ୯,୦୦୦ ବର୍ଗଫୁଟରେ ସ୍ଥାପନ କରାଯାଇଥିବା ଷ୍ଟୋର୍ ରହିଛି ଯେଉଁଥିରେ ସୁନା, ହୀରା, ରୁପା ଓ ପ୍ଲାଟିନମ୍ ଅଳଙ୍କାର ସହ ଫେସନ୍ ସାମଗ୍ରୀର ବିସ୍ତୃତ ବର୍ଗମାଳା ରହିଛି।

# ଇଣ୍ଡିଆନ୍ ବ୍ୟାଙ୍କର ନୂତନ ଆଞ୍ଚଳିକ ମୁଖ୍ୟ



ବ୍ରହ୍ମପୁର : ଇଣ୍ଡିଆନ୍ ବ୍ୟାଙ୍କ, ବ୍ରହ୍ମପୁର ଆଞ୍ଚଳିକ କାର୍ଯ୍ୟାଳୟର ନୂତନ ଆଞ୍ଚଳିକ ମୁଖ୍ୟ ଭାବେ ଉଦ୍ଧବ ଚନ୍ଦ୍ର ପାତ୍ର କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଶ୍ରୀ ପାତ୍ର ଏହା ପୂର୍ବରୁ ଆଲ୍ଲାହାବାଦସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟରେ ଉପ-ଆଞ୍ଚଳିକ ପ୍ରବନ୍ଧକ ଭାବେ କାର୍ଯ୍ୟରତ ଥିଲେ । ୧୯୯୪ ମସିହାରେ ବ୍ୟାଙ୍କରେ ଯୋଗଦେଇଥିବା ଶ୍ରୀ ପାତ୍ର ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, ଓଡିଶା ଏବଂ ଉତ୍ତର ପ୍ରଦେଶ ଆଦି ବିଭିନ୍ନ ସ୍ଥାନରେ ବିଭିନ୍ନ ପଦପଦବୀରେ କାର୍ଯ୍ୟକରି ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି । ଶ୍ରୀ ପାତ୍ରଙ୍କର ଦୀର୍ଘ ୨୮ ବର୍ଷ କାର୍ଯ୍ୟକାଳ ମଧ୍ୟରେ ସେ ୨୦ ବର୍ଷ ଶାଖା କାର୍ଯ୍ୟାଳୟରେ ଏବଂ ୮ ବର୍ଷ ପ୍ରଶାସନିକ କାର୍ଯ୍ୟାଳୟରେ କାର୍ଯ୍ୟ କରିଛନ୍ତି । କ୍ରେଡିଟ୍ ବିଶେଷ କରି କୃଷି ଏବଂ ଏମ୍‌ଏସ୍‌ଏମ୍‌ଇ କ୍ରେଡିଟ୍ ଉପରେ ରୁଚି ରଖିଥିବା ଶ୍ରୀ ପାତ୍ର ବ୍ରହ୍ମପୁର ଅଞ୍ଚଳର ମୁଖ୍ୟ ରୂପେ ରହିବା ପରେ ଏହି ରୁଚିକୁ ବଜାୟ ରଖିବେ ବୋଲି ଆଶା କରାଯାଉଛି । ରାଜ୍ୟରେ ବ୍ୟାଙ୍କରେ ଥିବା ମୋଟ୍ ୨୦୨ଟି ଶାଖା ମଧ୍ୟରୁ ବ୍ରହ୍ମପୁର ଅଞ୍ଚଳରେ ୪୧ଟି ଶାଖା ୯ ଗୋଟି ଜିଲ୍ଲାରେ ଅବସ୍ଥିତ। ବ୍ରହ୍ମପୁର ଅଞ୍ଚଳର ମୋଟ୍ ବ୍ୟବସାୟ ଗତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ୨୮୦୨ କୋଟି ଟଙ୍କାରେ ପହଞ୍ଚିଛି। ଗତ ଆର୍ଥିକ ବର୍ଷରେ ଋଣ ପ୍ରଦାନରେ ଲକ୍ଷ୍ୟ ହାସଲ କରିଥିବା ବ୍ରହ୍ମପୁର ଅଞ୍ଚଳ, ଚଳିତ ଆର୍ଥିକ ବର୍ଷରେ ଏହି ଧାରା ବଜାୟ ରଖିବ ବୋଲି ଆଶା କରାଯାଉଛି।

# ପତଞ୍ଜଳି ଖାଦ୍ୟ ବ୍ୟବସାୟକୁ କିଣିବ ରୁଚି ସୋୟା

ନୂଆଦିଲ୍ଲୀ: ରୁଚି ସୋୟା ଇଣ୍ଡଷ୍ଟ୍ରିଜ୍ ପତଞ୍ଜଳି ଖାଦ୍ୟ ବ୍ୟବସାୟକୁ ୬୯୦ କୋଟି ଟଙ୍କାରେ କ୍ରୟ କରିବ। ଏଥିସହିତ ତାହାର ନାମ ପରିବର୍ତ୍ତନ କରିବ ବୋଲି କହିଛି। ଏକ ଅଗ୍ରଣୀ ଏଫଏମ୍‌ସିଜି କମ୍ପାନୀରେ ରୂପାନ୍ତରିତ ହେବା ନିମନ୍ତେ ପ୍ରକ୍ରିୟା ତ୍ୱରାନ୍ୱିତ କରିଥିବା ରୁଚି ସୋୟା ଏଭଳି ନିଷ୍ପତି ନେଇଛି। ଏହି କ୍ରୟ କରିବାକୁ ଯାଉଥିବା ଖାଦ୍ୟ ସାମଗ୍ରୀଗୁଡିକ ମଧ୍ୟରେ ଘିଅ, ମହୁ, ମସଲା, ଜୁସ୍ ଓ ଅଟା ସମେତ ୨୧ଟି ସାମଗ୍ରୀ ରହିଛି। ପତଞ୍ଜଳି ଆୟୁର୍ବେଦ ବୋର୍ଡ ମଧ୍ୟ ତାହାର ଖାଦ୍ୟ ବ୍ୟବସାୟ ରୁଚି ସୋୟାକୁ ହସ୍ତାନ୍ତର କରିବା ପ୍ରସ୍ତାବକୁ ଅନୁମୋଦନ କରିଛି । ଏ ବାବଦରେ ୬୯୦ କୋଟି ଟଙ୍କା ତିନିଟି ପର୍ଯ୍ୟାୟରେ ପ୍ରଦାନ କରାଯିବ। ପ୍ରଥମ ପର୍ଯ୍ୟାୟରେ ୧୦୩.୫ କୋଟି, ଦ୍ୱିତୀୟ ଦଫାରେ ୨୯୩.୨୫ କୋଟି ଏବଂ ତୃତୀୟ ତଥା ଶେଷ ପର୍ଯ୍ୟାୟରେ ୨୯୩.୨୫ କୋଟି ଟଙ୍କା ପ୍ରଦାନ କରାଯିବ । ସମୁଦାୟ ଦେଣନେଣ ପ୍ରକ୍ରିୟା ଜୁଲାଇ ୧୫ ସୁଦ୍ଧା ଶେଷ ହେବା ଆଶା କରାଯାଉଛି ।

# 'ବିଶ୍ୱସ୍ତରୀୟ ସଂସ୍ଥାରେ ପରିଣତ ହେବ ଓଏମ୍‌ସି'



ଭୁବନେଶ୍ୱର: ଓଏମ୍‌ସି ହେଉଛି ଦେଶର ବୃହତ୍ ଏବଂ ଦ୍ରୁତ ଅଭିବୃଦ୍ଧି କମ୍ପାନୀ। ଗତ ଆର୍ଥିକ ବର୍ଷରେ ଏହି କମ୍ପାନୀ ୩୦ ନିୟୁତ ଟନ୍ ଲୁହାପଥର ଉତ୍ପାଦନ କରିବା ସହ ଏହାର ବାର୍ଷିକ ଟର୍ଣ୍ଣଓଭର ୧୭ ହଜାର କୋଟିରେ ପହଁଚିଛି। ଚଳିତ ଆର୍ଥିକ ବର୍ଷରେ ଏଥିରେ ଆହୁରି ବୃଦ୍ଧି ହେବା ସହ ଅନ୍ୟ ସରକାରୀ ଉଦ୍ୟୋଗଗୁଡ଼ିକ ପାଇଁ ଓଡ଼ିଶା ଖଣି ନିଗମ (ଓଏମ୍‌ସି) ଉଦାହରଣ ସୃଷ୍ଟିକରିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଲୋକସେବା ଭବନଠାରେ ଓଏମ୍‌ସିର ୬୭ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଓଏମ୍‌ସିର ସାମାଜିକ କ୍ଷେତ୍ର ବିକାଶ ସର୍ବୋଚ୍ଚ ବୋଲି କହିଛନ୍ତି। ଓଏମ୍‌ସି ଲୋକଙ୍କ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବାରେ ବିଭିନ୍ନ ବିକାଶମୂଳକ ପଦକ୍ଷେପ ଗ୍ରହଣ କରିଛି। ଆଗାମୀ ଦିନରେ ଏହା ନୂତନ ଶିଖରରେ ପହଞ୍ଚିବା ସହ ଏକ ବିଶ୍ୱସ୍ତରୀୟ ସଂସ୍ଥାରେ ପରିଣତ ହେବ। କରୋନା ମହାମାରୀ ବେଳେ ଓଏସିର ସହଯୋଗକୁ ମୁଖ୍ୟମନ୍ତ୍ରୀ ଉଚ୍ଚ ପ୍ରଶଂସା କରିଛନ୍ତି। କ୍ରୀଡ଼ା, ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଆଖପାଖ ଅଞ୍ଚଳର ବିକାଶ କ୍ଷେତ୍ରରେ ଓଏମ୍‌ସି ସର୍ବଦା ଗୁରୁତ୍ୱ ଦେଇଆସିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ଓଏମ୍‌ସି କୋଇଡ଼ାଠାରେ ସ୍କିଲ୍ ଏକାଡେମୀ ପ୍ରତିଷ୍ଠା କରିବା ନେଇ ରାଜ୍ୟ ସରକାରଙ୍କ ବୈଷୟିକ ଶିକ୍ଷା ଓ ତାଲିମ ବିଭାଗ ସହିତ ଏବଂ ଖଣି ଅଞ୍ଚଳରେ ୫ଟି ଆଦର୍ଶ ବିଦ୍ୟାଳୟ ସ୍ଥାପନ କରିବା ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ସହ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷର କରିଛି। ଖଣି ନିଗମ ୫ଟି ଆଦର୍ଶ ବିଦ୍ୟାଳୟ ପାଇଁ ୨୦୮ କୋଟି ଟଙ୍କା ବ୍ୟୟ କରିବ। ଏହି ଅନୁଷ୍ଠାନଗୁଡ଼ିକୁ ପରିଚାଳନା ପାଇଁ ନିଗମ ପକ୍ଷରୁ ବାର୍ଷିକ ୩୦ କୋଟି ଟଙ୍କା ବ୍ୟୟ କରାଯିବ। ଓଏମ୍‌ସିର ଏହି ପଦକ୍ଷେପ ଶିକ୍ଷାର ବିକାଶ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବାଂଶପାଣି, ଉଞ୍ଚାବାଲି ଏବଂ ଖଣ୍ଡବନ୍ଧ ଲୁହାପଥର ଖଣି ଉତ୍ପାଦନ କାର୍ଯ୍ୟର ଶୁଭାରମ୍ଭ କରିଥିଲେ । ଏଥିସହ ୨ଟି ଆଇଟି ମଡ୍ୟୁଲ କମ୍ପ୍ଲିଆନ୍ସ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ ଏବଂ ଲିଟିଗେଶନ ମ୍ୟାନେଜ୍‌ମେଣ୍ଟ ସିଷ୍ଟମର ମଧ୍ୟ ଶୁଭାରମ୍ଭ କରିଥିଲେ । ଏହାଛଡ଼ା ମୁଖ୍ୟମନ୍ତ୍ରୀ ୩୯ଜଣ କନିଷ୍ଠ ଆକାଉଣ୍ଟାଣ୍ଟ, ଇଲେକ୍ଟ୍ରିସିଆନଙ୍କୁ ମଧ୍ୟ ନିଯୁକ୍ତିପତ୍ର ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଏମ୍‌ସିର ବିକାଶ ହେଉଛି। ଓଏମ୍‌ସି ଦ୍ୱାରା ହେଉଥିବା ଖଣି ଆଖପାଖ ଅଞ୍ଚଳର ବିକାଶ ସମ୍ପର୍କରେ ସେ ସୂଚନା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ଉନ୍ନୟନ କମିଶନର ପ୍ରଦୀପ କୁମାର ଜେନା, ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ, ଓଏମ୍‌ସିର ଏମ୍‌ଡି ବଳବନ୍ତ ସିଂ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ । ଓଏମ୍‌ସି ପକ୍ଷରୁ ଏହାର ୬୭ତମ ପ୍ରତିଷ୍ଠା ଦିବସରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନେକ ଶିକ୍ଷାଭିତ୍ତିକ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି।

# ଏଆଇପିଏନ୍‌ବିଓଏ ପକ୍ଷରୁ ବୈଠକ




ଭୁବନେଶ୍ୱର: ଅଲ୍ ଇଣ୍ଡିଆ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ ଅଫିସର୍ସ ଆସୋସିଏସନ୍ , ଓଡିଶା ଚାପ୍ଟର, ଭୁବନେଶ୍ୱର ପକ୍ଷରୁ ନୂତନ ଆଞ୍ଚଳିକ ପ୍ରବନ୍ଧକ ଏ. ଉଦୟ ଭାସ୍କର ରେଡ୍ଡୀ ଏବଂ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟରେ ଯୋଗ ଦେଇଥିବା ଅନ୍ୟାନ୍ୟ ବରିଷ୍ଠ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସ୍ୱାଗତ ଜଣାଇବା ପାଇଁ ଏକ ବୈଠକ ସ୍ଥାନୀୟ ହୋଟେଲ ପ୍ରେସିଡେନ୍ସି ଠାରେ ଅନୁଷ୍ଠିତ ହୋଇଯାଇଛି। ସର୍କଲର ସଭାପତି ଅରବିନ୍ଦ ଶତପଥୀ ଏଥିରେ ସ୍ୱାଗତ ଭାଷଣ ଦେଇଥିଲେ। କେନ୍ଦ୍ରୀୟ କମିଟିର ସହାୟକ ସାଧାରଣ ସମ୍ପାଦକ ତଥା ସର୍କଲ ସଚିବ ବୈଲଚୋନ ସାହୁ ଭୁବନେଶ୍ୱର ଜୋନ୍‌ରେ ଆସୋସିଏସନ୍ କାର୍ଯ୍ୟର ସୂକ୍ଷ୍ମ ବିବରଣୀ ପ୍ରଦାନ କରିଥିଲେ। ଜୋନ୍ ଛାଡି ଯାଇଥିବା ସମସ୍ତ ବରିଷ୍ଠ ଅଧିକାରୀମାନଙ୍କୁ ଆସୋସିଏସନ୍ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା ଏବଂ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଇଥିଲା। ବ୍ୟାଙ୍କରୁ ଅବସର ଗ୍ରହଣ କରିଥିବା ସମସ୍ତ ଅଧିକାରୀମାନଙ୍କୁ ବ୍ୟାଙ୍କ ପ୍ରତି ଥିବା ସେମାନଙ୍କର ଅବଦାନ ପାଇଁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା। ଆସୋସିଏସନ୍ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ବ୍ୟାଙ୍କର କାର୍ଯ୍ୟକାରୀ ନିର୍ଦ୍ଦେଶାବଳୀ ଉପରେ ପର୍ଯ୍ୟବେସିତ ଏକ ବୁକ୍‌ଲେଟ୍‌କୁ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଶ୍ରୀ ରେଡ୍ଡୀ ଉନ୍ମୋଚନ କରିଥିଲେ। ଅଞ୍ଚଳ ପ୍ରଶାସନିକ କାର୍ଯ୍ୟାଳୟର ମହାପ୍ରବନ୍ଧକ ମୁକ୍ତିକାନ୍ତ ରାୟଙ୍କ ସମେତ ଜୋନାଲ ଅଡିଟ୍ କାର୍ଯ୍ୟାଳୟର ଉପ-ମହାପ୍ରବନ୍ଧକ ଲକ୍ଷ୍ମୀକାନ୍ତ ମିଶ୍ର, ଭୁବନେଶ୍ୱର ସର୍କଲର ସର୍କଲ ମୁଖ୍ୟ ଚିତ୍ତରଞ୍ଜନ ପୃଷ୍ଟି, କଟକ ସର୍କଲର ସର୍କଲ ମୁଖ୍ୟ ଜିତେନ୍ଦ୍ର ସ୍ୱାଇଁ, ଭୁବନେଶ୍ୱର ଅଞ୍ଚଳର ଉପ-ଆଞ୍ଚଳିକ ପ୍ରବନ୍ଧକ ଜନ୍ମେଜୟ ଦିକ୍ଷୀତ, ଭୁବନେଶ୍ୱର ସର୍କଲର ଉପ-ସର୍କଲ ମୁଖ୍ୟ ବିଜୟ ମିଶ୍ର ଏବଂ ଉମାକାନ୍ତ ଦାସ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏଆଇପିଏନ୍‌ବିଓଏର କାର୍ଯ୍ୟରତ ସଭାପତି ବିକାଶ ରଞ୍ଜନ ସାମନ୍ତରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ସଂଘର ବୈଠକ




ଭୁବନେଶ୍ୱର : ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏସନ ଓଡ଼ିଶା ୟୁନିଟ୍‌ର ୪୧ତମ ବାର୍ଷିକ ବୈଠକ ସ୍ଥାନୀୟ କିଟ୍ ଅଡିଟୋରିୟମ ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି । ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏସନ ଓଡିଶା ୟୁନିଟ୍‌ର ସଭାପତି ସ୍ମୃତିରଞ୍ଜନ ସାହୁ, ୟୁନିଟ୍‌ର ସାଧାରଣ ସମ୍ପାଦକ କମଲଜିତ୍ ମହାପାତ୍ରଙ୍କ ଉପସ୍ଥିତିରେ ଏହି ବୈଠକର ଅଧ୍ୟକ୍ଷତା କରିଥିଲେ। ଫେଡେରେସନ୍ ଅଫ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏସନର ଲିଡର ସାଧାରଣ ସମ୍ପାଦକ ସୁନିଲ କୁମାର ମୁଖ୍ୟ ଅତିଥି ରୂପେ ଏବଂ ଫେଡେରେସନ୍ ଅଫ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଅଫିସର୍ସ ଆସୋସିଏସନର ସଭାପତି ସଞ୍ଜୟ ଦାସ ସମ୍ମାନୀତ ଅତିଥି ରୂପେ ଏହି ବୈଠକରେ ଅଂଶଗ୍ରହଣ କରିଥିଲେ। ଯଦି ସରକାର ପବ୍ଲିକ ସେକ୍ଟର ବ୍ୟାଙ୍କ ଗୁଡିକୁ ଘରୋଇକରଣ କରନ୍ତି, ସମଗ୍ର ବ୍ୟାଙ୍କିଙ୍ଗ୍ ଶିଳ୍ପଗୁଡିକ ସମ୍ମୁଖୀନ ହେବାକୁ ଯାଉଥିବା ଅସୁବିଧା ଏବଂ ସରକାରଙ୍କ ଏପରି ନିଷ୍ପତ୍ତି କିପରି ସାଧାରଣ ଜନତାଙ୍କ ଉପରେ ବିଶେଷ ପ୍ରଭାବ ପକାଇବ ସେ' ସମ୍ପର୍କରେ ଫେଡେରେସନ୍‌ର ଉଭୟ ଲିଡର ଆଲୋଚନା କରିଥିଲେ। ସରକାରଙ୍କ ଏହି ନିଷ୍ପତ୍ତି ବିରୁଦ୍ଧରେ ସେମାନେ ଜନସାଧାରଣଙ୍କ ଅର୍ଥ ଏବଂ ରାଷ୍ଟ୍ରର ସ୍ୱାର୍ଥ ରକ୍ଷା ପାଇଁ ଟ୍ରେଡ୍ ୟୁନିୟନ୍‌ର ରୋଡ୍ ମ୍ୟାପ୍ ଉପରେ ଆଲୋକପାତ କରିଥିଲେ। ଏଆଇବିଓସିର ରାଜ୍ୟ ସଚିବ ଦୁର୍ଗା ପ୍ରସାଦ ମହାପାତ୍ର ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।ରାଜ୍ୟର ୪ଟି ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକମାନେ ଯଥା, ଭୁବନେଶ୍ୱର ଅଞ୍ଚଳର ଉଭୟ ଆଞ୍ଚଳିକ ପ୍ରବନ୍ଧକ ପ୍ରିୟବ୍ରତ ପଟ୍ଟନାୟକ ଏବଂ ମଳୟ ଦାସ, କେନ୍ଦୁଝର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ୟୁ.କେ ରଥ, ସମ୍ବଲପୁର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଅରବିନ୍ଦ ମିଶ୍ର ଓ ବାରିପଦା ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ଆର୍.ସି. ଦାସ ଏହି ବୈଠକରେ ଉପସ୍ଥିତ ଥିଲେ। ସେମାନେ ବିଓଆଇର ଧ୍ୱଜାକୁ ଉଚ୍ଚରେ ରଖିବାକୁ ଏବଂ ବ୍ୟାଙ୍କିଙ୍ଗ୍ ଇଣ୍ଡଷ୍ଟ୍ରି ଓ ବିଶେଷ ଭାବେ ବ୍ୟାଙ୍କ ଅଫ୍ ଇଣ୍ଡିଆର ବାଲାନ୍ସସିଟ୍‌ରେ ଗୁଣାତ୍ମକ ବ୍ୟବସାୟିକ ଅଭିବୃଦ୍ଧି ଆଣିବାରେ ସହଯୋଗ କରିବାକୁ ବ୍ୟାଙ୍କ ଅଧିକାରୀମାନଙ୍କୁ ଉତ୍ସାହିତ କରିଥିଲେ। ଅତିଥିମାନଙ୍କ ସମେତ ବିଓଆଇଓଏର ପୂର୍ବତନ ଲିଡର, ବ୍ୟାଙ୍କ ଅଫ୍ ଇଣ୍ଡିଆ କର୍ମଚାରୀ ସଂଘର ଲିଡର ଏବଂ ରାଜ୍ୟର ବିଭିନ୍ନ ବ୍ୟାଙ୍କର ସଂଘର ଲିଡର ମାନେ ଏଥିରେ ଯୋଗ ଦେଇଥିଲେ। ଏହି ବିଶିଷ୍ଟ ଦିବସରେ ବିଓଆଇଓଏ, ଓଡିଶା ୟୁନିଟ୍ ପକ୍ଷରୁ ଯୁବ ପର୍ବତାରୋହୀ ଲିପିକା ସେଟ୍‌ଙ୍କୁ ତାଙ୍କର ଆସନ୍ତା ପ୍ରକଳ୍ପ ପାଇଁ ୫୧,୦୦୦ଟଙ୍କା ପ୍ରଦାନ କରାଯାଇଥିଲା। ରାଜ୍ୟରେ କାର୍ଯ୍ୟରତ ଥିବା ୮୫୦ରୁ ଉର୍ଦ୍ଧ୍ୱ ବ୍ୟାଙ୍କ ଅଧିକାରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# 'ୱିମେନ୍ ଅଫ୍ ସବ୍‌ଷ୍ଟାନ୍ସ' ଟାଇଟଲ୍ ହାସଲ କଲେ ସୋଆ ଫ୍ୟାକଲ୍ଟି



ମୁମ୍ବାଇ: ମୁମ୍ବାଇ ଠାରେ ନିକଟରେ ଅନୁଷ୍ଠିତ 'ଇଂଟରନ୍ୟାସ୍‌ନାଲ୍ ଗ୍ଲାମ୍ ଆଇକନ୍ ୨୦୨୨' ପ୍ରତିଯୋଗିତାରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଫ୍ୟାକଲ୍ଟି ଶ୍ରୀମତି ମନୀଷା ପ୍ରହରାଜ 'ୱିମେନ୍ ଅଫ୍ ସବ୍‌ଷ୍ଟାନ୍ସ' କ୍ରାଉନ୍‌ରେ ଭୂଷିତ ହୋଇଛନ୍ତି। ସମ୍ ନର୍ସିଂ କଲେଜର ଆସିଷ୍ଟାଂଟ ପ୍ରଫେସର ଶ୍ରୀମତି ପ୍ରହରାଜ ମୁମ୍ବାଇ ଠାରେ ଆୟୋଜିତ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଫାଇନାଲ୍ ରାଉଣ୍ଡ ପୂର୍ବରୁ ଟାଲେଂଟ ରାଉଣ୍ଡ, ଫଟୋସୁଟ୍ ଏବଂ ଗ୍ରୁମିଂ ସେସନ୍ ପ୍ରତିଯୋଗିତା କରାଯାଇଥିଲା। ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟ ସମେତ ଅନ୍ୟ ଦେଶରୁ ପ୍ରାୟ ୫୨ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ।

# ବୈଶାଖୀ ବାଣିଜ୍ୟମେଳାରେ ରୁଚି ଗ୍ରାହକ ଜିତିଲେ ଉପହାର



କଟକ : ବୈଶାଖୀ ବାଣିଜ୍ୟମେଳାରେ ରୁଚି ଗ୍ରାହକଙ୍କୁ ପୁରସ୍କୃତ କରାଯାଇଛି। ରୁଚି ମେଗା ଉପହାର ଯୋଜନାରେ ସୁଜାତା ସ୍ୱାଇଁ ପ୍ରଥମ ପୁରସ୍କାର ଭାବେ ଆକ୍ଟିଭା ଜିତିଥିବାବେଳେ, ହାବିଲଦାର ଦୁଲାଲ ହାଁସଦା ରେଫ୍ରିଜେରେଟର, ଯୁବ ଉଦ୍ୟୋଗୀ ପ୍ରେମ ନାରାୟଣ ମହାନ୍ତି ୱାସିଙ୍ଗ ମେସିନ୍ ଜିତିଛନ୍ତି। ସେହିଭଳି ବିକ୍ରମ ବାରିକ, ହାତିମ୍ ଖାଁ, ପ୍ରିୟଦର୍ଶିନୀ ବାରିକ, ସୋନାଲି ବାରିକ, ଅମୀର ଗୌଡ଼, ଲାବା ବକ୍ସି, ପି ପ୍ରିୟଦର୍ଶିନୀ ରାଓ ସ୍ମାର୍ଟ ୱାଚ ଓ ଡିନର ସେଟ୍ ପୁରସ୍କାର ଜିତିଛନ୍ତି। ଉଦ୍‌ଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶିଷ୍ଟ ଗାୟିକା ପଦ୍ମଶ୍ରୀ ଡକ୍ଟର ଶ୍ୟାମାମଣି ଦେବୀ, ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ କୁମାର ପରିଜା, ଅଭିନେତ୍ରୀ ଶୁଭଶ୍ରୀ ନାୟକ ଓ ରୁଚି ପରିଚାଳନା ନିର୍ଦ୍ଦେଶକ ଡ. ଶରତ କୁମାର ସାହୁ ଲକି ଡ୍ର ଜରିଆରେ ଏହି ପୁରସ୍କାର ଉଠାଣ କରିଥିଲେ। ଦଶଦିନର କାର୍ଯ୍ୟକ୍ରମ ଭିତରେ ମୋଟ ୧୦୦ଜଣଙ୍କୁ ବିଭିନ୍ନ ଦିବସରେ ସାନ୍ତ୍ୱନାମୂଳକ ପୁରସ୍କାର ଭାବେ ଉପହାର ପ୍ରଦାନ କରାଯାଇଥିଲା। କମ୍ବୋ ଅଫର ଯୋଜନାରେ ୧୫ଜଣ ଗ୍ରାହକଙ୍କୁ ସ୍ୱର୍ଣ୍ଣମୁଦ୍ରା, ସ୍ମାର୍ଟ ଘଣ୍ଟା ଓ ବିଶେଷ ବେତାର ଯନ୍ତ୍ର ପ୍ରଦାନ କରାଯାଇଥିଲା ।

# ରାଷ୍ଟ୍ରାୟତ୍ତ ବ୍ୟାଙ୍କରେ ୫୧% କମିଛି ଠକେଇ

ନୂଆଦିଲ୍ଲୀ: ଦେଶରେ ରହିଥିବା ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଗୁଡିକରେ ଠକେଇ ପ୍ରାୟ ୫୧ ପ୍ରତିଶତ ହ୍ରାସ ପାଇଛି। ଚଳିତ ମାର୍ଚ୍ଚ ୨୦୨୨ ସୁଦ୍ଧା ଆର୍‌ବିଆଇ ପକ୍ଷରୁ ଏହି ତଥ୍ୟ ପ୍ରଦାନ କରାଯାଇଛି। ୧୨ଟି ଯାକ ରାଷ୍ଟ୍ରାୟତ ବ୍ୟାଙ୍କରେ ଏହି ଠକେଇ ହୋଇଥିବା ବେଳେ ଏହା ୪୦୨୯୫.୨୫ କୋଟି ଟଙ୍କା ରହିଛି । ୨୦୨୦-୨୧ ଆର୍ଥିକ ବର୍ଷରେ ଏହା ମାତ୍ର ୮୧୯୨୧.୫୪ କୋଟି ଟଙ୍କା ରହିଥିଲା। ମଧ୍ୟପ୍ରଦେଶର ସୂଚନାଧିକାର କର୍ମୀ ଚନ୍ଦ୍ରଶେଖର ଗୌରଙ୍କ ଦ୍ୱାରା ଆଗତ ଆର୍‌ଟିଆଇ ଆଧାରରେ ଏହି ସୂଚନା ମିଳିଛି। ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ଏହି ସମୟରେ ସର୍ବାଧିକ ୯୫୨୮.୯୫ କୋଟି ଟଙ୍କାର ଠକେଇ ହୋଇଥିବା ଜଣାପଡିଛି । ୪୩୧ଟି ମାମଲାରେ ଏହି ଠକେଇ ହୋଇଛି। ଅନ୍ୟପକ୍ଷରେ ଏସବିଆଇରେ ୪୧୯୨ଟି ଠକେଇ ମାମଲା ସାମ୍ନାକୁ ଆସିଥିବା ବେଳେ ସମୁଦାୟ ୬୯୩୨.୩୭ କୋଟି ଟଙ୍କାର ଠକେଇ ହୋଇଥିବା ଜଣାପଡ଼ିଛି। ବ୍ୟାଙ୍କ ଅଫ ବରୋଦାରେ ୨୦୯ଟି ମାମଲା ଆସିଥିବା ବେଳେ ଏହା ୫୯୨୩.୯୯ କୋଟି ଟଙ୍କା ହରାଇଛି। ବ୍ୟାଙ୍କ ଅଫ ବରୋଦାରେ ୨୮୦ଟି ମାମଲା ଆସିଥିବା ବେଳେ ୩୯୮୯.୩୬ କୋଟି ଟଙ୍କାର ଠକେଇ ହୋଇଛି। କାନାରା ବ୍ୟାଙ୍କରେ ମାମଲାରେ ୩୨୩୦.୧୮ ଟଙ୍କାର ଠକେଇ ହୋଇଛି । ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆରେ ଏହି ସମୟରେ ୩୯୩୯ କୋଟି (୬୨୭ ମାମଲା) ସାମ୍ନାକୁ ଆସିଛି । ଅନ୍ୟ ବ୍ୟାଙ୍କଗୁଡିକ ମଧ୍ୟରେ ଇଣ୍ଡିଆନ୍ ବ୍ୟାଙ୍କରେ ୨୦୩୮.୨୮ କୋଟି ଟଙ୍କାର ଠକେଇ ହୋଇଥିବା ବେଳେ ୟୁକୋ ବ୍ୟାଙ୍କରେ ୬୧୧.୫୪ କୋଟି ଟଙ୍କାର ଦୁର୍ନୀତି ହୋଇଛି।


# ଷ୍ଟକ୍‌ବଜାରରେ ତାଲିକାଭୁକ୍ତ ହେଲା ଏଲ୍‌ଆଇସି

ମୁମ୍ବାଇ : ଷ୍ଟକ ବଜାରରେ ତାଲିକାଭୁକ୍ତ ହୋଇଛି ଭାରତୀୟ ଜୀବନ ବୀମା ନିଗମ ବା ଏଲଆଇସି। ତେବେ ବଜାରରେ ଅସ୍ଥିରତା ଯୋଗୁଁ ନିଜର ଆଇପିଓ ଇସ୍ୟୁ ମୂଲ୍ୟଠାରେ ପ୍ରାୟ ୯ ପ୍ରତିଶତ କମ ମୂଲ୍ୟରେ ଏହା ଷ୍ଟକ ବଜାରରେ ତାଲିକାଭୁକ୍ତ ହୋଇଛି । ଆଇପିଓରେ ଏହାର ଇସ୍ୟୁ ମୂଲ୍ୟ ସେୟାର ପିଛା ୯୪୯ ଟଙ୍କା ଥିବାବେଳେ ଷ୍ଟକ ବଜାରରେ ଏଲଆଇସି ସେୟାର ୮୯୨ ଟଙ୍କାରେ ଟ୍ରେଡିଂ ହେଉଛି। ରିହାତି ମୂଲ୍ୟରେ ତାଲିକାଭୁକ୍ତ ହେବାରୁ ଏଲଆଇସିର ବଜାର ପୁଞ୍ଜି ୫.୬୫ ଲକ୍ଷ କୋଟିକୁ ହ୍ରାସ ପାଇଛି । ଆଇପିଓ ପାଇଁ ଏଲଆଇସି ବଜାର ପୁଞ୍ଜି ୬ ଲକ୍ଷ କୋଟି ଟଙ୍କା ଆକଳନ କରାଯାଇଥିଲା। ଅର୍ଥାତ ଏଲଆଇସିର ବଜାର ପୁଞ୍ଜି ୩୫ ହଜାର କୋଟି ହ୍ରାସ ପାଇଛି । ଏହା ସତ୍ତ୍ୱେ କମ୍ପାନି ଦେଶର ୫ମ ବୃହତ୍ତମ କମ୍ପାନିରେ ପରିଣତ ହୋଇଛି। ଏମ-କ୍ୟାପ ବା ବଜାର ପୁଞ୍ଜି ଦୃଷ୍ଟିରୁ ଦେଶର ବୃହତ୍ତମ କମ୍ପାନି ହେଉଛି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ । ଏହାର ମୋଟ ବଜାର ପୁଞ୍ଜି ହେଉଛି ୧୬.୯୫ ଲକ୍ଷ କୋଟି। ୨ୟ ସ୍ଥାନରେ ରହିଛି ଟିସିଏସ, ଏହାର ମୋଟ ବଜାର ପୁଞ୍ଜି ହେଉଛି ୧୨.୪୯ ଲକ୍ଷ କୋଟି।





# ବାରବାଟୀ ଆସିବେନି କୋହଲି ଓ ରୋହିତ ଶର୍ମା



କଟକ: ଜୁନ୍ ୧୨ ତାରିଖରେ ଖେଳାଯିବାକୁ ଥିବା ଭାରତ-ଦକ୍ଷିଣ ଆଫ୍ରିକା ଟ୍ୱେଣ୍ଟି-୨୦ରେ ଓଡିଶା ଦର୍ଶକ ହିଟ୍ ମ୍ୟାନ୍ ରୋହିତଙ୍କ ଛକାମାଡ ସହ ବିରାଟ କୋହଲିଙ୍କ ବ୍ୟାଟିଂ କମାଲ ଦେଖି ପାରିବେ ନାହିଁ। ସେହିଭଳି ମହମ୍ମଦ ସାମି କିମ୍ବା ଯଶପ୍ରୀତ ବୁମ୍ରାଙ୍କ ଶାଣିତ ବୋଲିଂ ଦେଖିବାରୁ ବି ବଞ୍ଚିତ ହେବେ। କାରଣ ଏହି ଶୃଙ୍ଖଳା ଲାଗି ଘୋଷଣା କରାଯାଇଥିବା ଭାରତୀୟ ଦଳରେ ଏମାନେ ସ୍ଥାନ ପାଇ ନାହାନ୍ତି। ସମସ୍ତଙ୍କୁ ଲମ୍ବା ଆଇପିଏଲ୍ ଋତୁ ପରେ ବିଶ୍ରାମ ଦିଆଯାଇଛି। ପାଞ୍ଚବର୍ଷର ବ୍ୟବଧାନ ପରେ ବାରବାଟୀରେ କୌଣସି ଅନ୍ତର୍ଜାତୀୟ ଟ୍ୱେଣ୍ଟି-୨୦ ଖେଳାଯିବାର ଥିଲା ବେଳେ ଏମାନଙ୍କ ଅନୁପସ୍ଥିତି ଘରୋଇ ପ୍ରଶଂସକଙ୍କୁ ନିଶ୍ଚିତ ଭାବେ ନିରାଶ କରିବ। ଜୁନ୍ ୯ରୁ ୧୯ ତାରିଖ ମଧ୍ୟରେ ଖେଳାଯିବାକୁ ଥିବା ବହୁ ପ୍ରତୀକ୍ଷିତ ଭାରତ-ଦକ୍ଷିଣ ଆଫ୍ରିକା ପାଞ୍ଚ ଟିକିଆ ଟ୍ୱେଣ୍ଟି-୨୦ ଶୃଙ୍ଖଳା ଲାଗି ଆଜି ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଇଂଲଣ୍ଡ ଗସ୍ତକୁ ଆଖି ଆଗରେ ରଖି ଏହି ଶୃଙ୍ଖଳାରୁ ଆଶାଜନକ ଭାବେ ନିୟମିତ ଅଧିନାୟକ ରୋହିତ ଶର୍ମା, ପୂର୍ବତନ ଅଧିନାୟକ ବିରାଟ କୋହଲି ଏବଂ ଦୁଇ ଦ୍ରୁତ ବୋଲର ମହମ୍ମଦ ସାମି ଓ ଯଶପ୍ରୀତ ବୁମ୍ରାଙ୍କୁ ବିଶ୍ରାମ ଦିଆଯାଇଛି। ଆଇପିଏଲ୍ ପ୍ରଦର୍ଶନ ଆଧାରରେ ଜମ୍ମୁ କାଶ୍ମୀର ତଥା ସନ୍‌ରାଇଜର୍ସ ହାଇଦ୍ରାବାଦର ଦୁର୍ଦ୍ଧର୍ଷ ଯୁବ ଦ୍ରୁତ ବୋଲର ଉମ୍ରାନ ମଲ୍ଲିକ ଏବଂ ପଞ୍ଜାବ କିଙ୍ଗ୍ସର ପ୍ରତିଭାବାନ ଦ୍ରୁତ ବୋଲର ଅର୍ଶଦୀପ ସିଂହ ପ୍ରଥମ ଥର ଲାଗି ଭାରତୀୟ ସୀମିତ ଓଭର ଦଳକୁ ଡାକରା ପାଇଛନ୍ତି। ଚଳିତ ଆଇପିଏଲ୍‌ରେ ନିୟମିତ ଭାବେ ଘଣ୍ଟାପ୍ରତି ୧୫୦ କିଲୋମିଟରରୁ ଅଧିକ ବେଗରେ ବଲ୍ ପକାଇ ଚର୍ଚ୍ଚାକୁ ଆସିଥିବା ଉମ୍ରାନ୍ ୧୪ ମ୍ୟାଚ୍ ଖେଳି ୨୨ ୱିକେଟ୍ ଦଖଲ କରିଛନ୍ତି। ସେହିଭଳି ଅର୍ଶଦୀପ ଜଣେ ଶ୍ରେଷ୍ଠ ଶେଷ ଓଭର ବୋଲର ଭାବେ ନିଜକୁ ସ୍ଥାପିତ କରି ଚୟନକର୍ତ୍ତାଙ୍କ ଧ୍ୟାନ ଆକର୍ଷଣ କରିପାରିଛନ୍ତି। ବହୁ ବରିଷ୍ଠ ଖେଳାଳିଙ୍କୁ ବିଶ୍ରାମ ଦିଆଯାଇଥିବାରୁ କେଏଲ୍ ରାହୁଲଙ୍କୁ ଅଧିନାୟକ ଏବଂ ଋଷଭ ପନ୍ତଙ୍କୁ ଉପଅଧିନାୟକ ନିଯୁକ୍ତ କରାଯାଇଛି। ଗୁଜରାଟ ଟାଇଟନ୍ସର ଅଧିନାୟକ ଓ ତାରକା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଏବଂ ରୟାଲ ଚାଲେଞ୍ଜର୍ସ ବାଙ୍ଗାଲୋରର ୱିକେଟ୍ ରକ୍ଷକ ଦୀନେଶ କାର୍ତ୍ତିକ ଫେରିଛନ୍ତି। ଉଭୟ ଚଳିତ ଆଇପିଏଲ୍‌ରେ ପ୍ରଭାବୀ ପ୍ରଦର୍ଶନ କରି ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅଭିଜ୍ଞ ଓପନର ଶିଖର ଧାୱନଙ୍କୁ କିନ୍ତୁ ଚୟନକର୍ତ୍ତା ବିଚାରକୁ ନେଇ ନାହାନ୍ତି। ଦୀପକ ଚହର, ରବୀନ୍ଦ୍ର ଜାଦେଜା, ସୂର୍ଯ୍ୟକୁମାର ଯାଦବ ସଂପୂର୍ଣ୍ଣ ଫିଟ୍ ନଥିବାରୁ ଦଳରେ ସୁଯୋଗ ପାଇ ନାହାନ୍ତି।

# ସିଓଏ ହାତରେ ହକି ଇଣ୍ଡିଆ, ବିଶ୍ୱକପ୍ ପ୍ରଭାବିତ ହେବା ଆଶଙ୍କା




ନୂଆଦିଲ୍ଲୀ: ହକି ଇଣ୍ଡିଆର ପୂର୍ବତନ ସଭାପତି ଏବଂ ଭାରତୀୟ ଅଲିମ୍ପିକ୍ସ ସଂଘ (ଆଇଓଏ)ର ପୂର୍ବତନ ଅଧ୍ୟକ୍ଷ ତଥା ଅନ୍ତର୍ଜାତୀୟ ହକି ମହାସଂଘ (ଏଫ୍‌ଆଇଏଚ୍)ର ବର୍ତ୍ତମାନର ସଭାପତି ନରିନ୍ଦର ବାତ୍ରା ସିବିଆଇ ଜାଲରେ ଛନ୍ଦି ହେବା ପରେ ଏହାର ପ୍ରଭାବ ଓଡିଶାରେ ପଡିବାର ଆଶଙ୍କା ବଢ଼ିଯାଇଛି। ବିଗତ କିଛି ବର୍ଷ ହେବ ବାତ୍ରା ଭାରତୀୟ ହକିର ସର୍ବେସର୍ବା ପାଲଟିଥିଲା ବେଳେ ଓଡିଶାରେ ବିଶ୍ୱକପ୍‌ଠାରୁ ଆରମ୍ଭ କରି ଏଫ୍‌ଆଇଏଚ୍ ହକି ଲିଗ୍ ପର୍ଯ୍ୟନ୍ତ ଅସଂଖ୍ୟ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନରେ ପ୍ରମୁଖ ଭୂମିକା ତୁଲାଇ ଆସୁଥିଲେ ସେ। ତେବେ ବାତ୍ରାଙ୍କ ପ୍ରଚ୍ଛନ୍ନ ହାତ ଥାଇ ହକି ଇଣ୍ଡିଆର ପରିଚାଳନାରେ ବ୍ୟାପକ ଅନିୟମିତତା ହୋଇଥିବା ଏବଂ ବିଭିନ୍ନ ନୂଆ ପଦବି ସୃଷ୍ଟି କରି ଏଥିରେ ବେଆଇନ ଭାବେ ନିଜ ସମର୍ଥକଙ୍କୁ ନିଯୁକ୍ତି ଦେବା ଦିଲ୍ଲୀ ଉଚ୍ଚନ୍ୟାୟାଳୟ ହୃଦୟଙ୍ଗମ କରିଛନ୍ତି। ତା' ସହ ହକି ଇଣ୍ଡିଆର ପରିଚାଳନାଭାର ଏବେ ତିନି ଜଣିଆ ପ୍ରଶାସକ ସମିତି (ସିଓଏ)କୁ ହସ୍ତାନ୍ତର କରିଛନ୍ତି। ହକି ଇଣ୍ଡିଆର ବିପୁଳ ପାଣ୍ଠି ବାତ୍ରା ନିଜ ବ୍ୟକ୍ତିଗତ କାର୍ଯ୍ୟରେ ଉପଯୋଗ କରିଥିବା ମଧ୍ୟ ଜଣାପଡିଛି। ଏଭଳି ପରିସ୍ଥିତିରେ ଓଡିଶା ସରକାର ଭାରତୀୟ ହକିର ପ୍ରାୟୋଜକ ଭାବେ ଦେଉଥିବା କୋଟି କୋଟି ଟଙ୍କାର କିଛି ଅଂଶ ବାଟମାରଣା ହୋଇଥିବାର ଆଶଙ୍କା ବି ଦେଖାଦେଇଛି। ଏଥିରେ କିଛି ପ୍ରଶାସକଙ୍କ ହାତ ଥିବା ବି ଚର୍ଚ୍ଚା ହେଉଛି। ସେହିଭଳି ବାତ୍ରାଙ୍କ ଡାହାଣହାତ କୁହାଯାଉଥିବା ତଥା ହକି ଇଣ୍ଡିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଏଲିନା ନର୍ମାନଙ୍କୁ ହକି ଇଣ୍ଡିଆ ପରିଚାଳନା ସମିତିରେ ନିଯୁକ୍ତି ଦେବାକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ମଧ୍ୟ ଅବୈଧ ଘୋଷଣା କରିଛନ୍ତି। ହକି ଇଣ୍ଡିଆ ଖୋଲାଖୋଲି ଭାବେ ଜାତୀୟ କ୍ରୀଡା ସଂହିତା ଉଲ୍ଲଘନ କରୁଥିବା ବି ଉଚ୍ଚ ନ୍ୟାୟାଳୟ ତାଙ୍କ ରାୟରେ କହିଛନ୍ତି। ଏଭଳି ଏକ ଗୋଳମାଳିଆ ପରିସ୍ଥିତି ଭିତରେ ଆସନ୍ତାବର୍ଷ ପ୍ରାରମ୍ଭରେ ଭୁବନେଶ୍ୱର ଏବଂ ରାଉରକେଲାରେ ହେବାକୁ ଥିବା ହକି ବିଶ୍ୱକପ୍ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡିବାର ଯଥେଷ୍ଟ ସମ୍ଭାବନା ରହିଛି। ତା ଛଡା ସିବିଆଇ ରାଡାରରେ ବାତ୍ରାଙ୍କ କିଛି ବରିଷ୍ଠ ପ୍ରଶାସକ ମଧ୍ୟ ଥିବା ଚର୍ଚ୍ଚା ହେଉଛି। ସେହିଭଳି ନିକଟରେ ହକି ଇଣ୍ଡିଆର ସ୍ଥାୟୀ ସଦସ୍ୟତା ପାଇଥିବା ହକି ଆସୋସିଏସନ୍ ଅଫ୍ ଓଡିଶା ସହ ଅନ୍ୟ ୪ ରାଜ୍ୟ ସଂଘକୁ ଭାରତୀୟ ଅଲିମ୍ପିକ୍ସ ସଂଘ ଏପର୍ଯ୍ୟନ୍ତ ସ୍ୱୀକୃତି ଦେଇ ନଥିବାର ବି ଜଣାପଡିଛି। ଫଳରେ ହକି ଇଣ୍ଡିଆର ସ୍ୱଚ୍ଛତା ନେଇ ବି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ହକି ଇଣ୍ଡିଆର ଦୈନନ୍ଦିନ ପରିଚାଳନାଭାର ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ଏଆର ଦଭେ, ପୂର୍ବତନ ନିର୍ବାଚନ କମିସନର ଏସ୍‌ୱାଇ କୁରେସି ଏବଂ ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ଜାଫର ଇକବାଲଙ୍କୁ ନେଇ ଗଠିତ ସିଓଏ ହାତକୁ ଯିବା ପରେ ଆଗକୁ ଆହୁରି ଅନେକ ଗୁମର ଖୋଲିବାର ସମ୍ଭାବନା ବଢ଼ିଯାଇଛି। ଅବଶ୍ୟ ସିଓଏ ଦାୟିତ୍ୱ ନେବା ପରେ ହକି ଇଣ୍ଡିଆ, ଓଡିଶା ସରକାର ଏବଂ ଏଫ୍‌ଆଇଏଚ୍ ମଧ୍ୟରେ ସମନ୍ୱୟରେ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ବି ରହିଛି। ଜଷ୍ଟିସ୍ ନଜମି ୱାଜିରୀ ଏବଂ ସ୍ୱର୍ଣ୍ଣକାନ୍ତ ଶର୍ମା ଜାତୀୟ କ୍ରୀଡା ସଂହିତା ଅନୁସରଣ କରୁନଥିବା କ୍ରୀଡା ସଂଗଠନକୁ ଜାତୀୟ କ୍ରୀଡା ମହାସଂଘ (ଏନ୍‌ଏସ୍‌ଏଫ୍)ର ମାନ୍ୟତା ଦିଆଯାଇପାରିବ ନାହିଁ ବୋଲି ନିଜ ରାୟରେ ସ୍ପଷ୍ଟ କରି ଦେଇଛନ୍ତି। ସେହିଭଳି ଆଜୀବନ ସଦସ୍ୟ, ଆଜୀବନ ସଭାପତି ଭଳି ପଦ ସଂପୂର୍ଣ୍ଣ ବେଆଇନ ବୋଲି କହିଛନ୍ତି। ଫଳରେ ଭାରତୀୟ ହକିରୁ ବାତ୍ରାଙ୍କ ରାଜୁତି ଶେଷ ହେବା ଏକ ପ୍ରକାର ନିଶ୍ଚିତ ହୋଇଯାଇଛି। ବାତ୍ରା ଭାରତୀୟ ଅଲିମ୍ପିକ୍ସ ସଂଘର ସଭାପତି ପଦରୁ ଇସ୍ତଫା ଦେଇସାରିଥିଲା ବେଳେ ଅନ୍ତର୍ଜାତୀୟ ଅଲିମ୍ପିକ୍ସ ପରିଷଦରୁ ତାଙ୍କ ସଦସ୍ୟତା ମଧ୍ୟ କଟିଛି। ବାତ୍ରା ନିଜେ ନିଜକୁ ହକି ଇଣ୍ଡିଆର ଆଜୀବନ ସଦସ୍ୟ କରିଥିବାରୁ ଉଚ୍ଚ ନ୍ୟାୟାଳୟ ତାଙ୍କୁ କଡା ଶବ୍ଦରେ ଭର୍ତ୍ସନା କରିଛନ୍ତି। ବାତ୍ରା ନେଇଥିବା ଆର୍ଥିକ ଫାଇଦା କଡା ଗଣ୍ଡାରେ ଅସୁଲ କରିବାକୁଇ୍ ନ୍ୟାୟଳୟ ନିର୍ଦ୍ଦେଶ ଦେବା ପରେ ତାଙ୍କ ସହ ଆହୁରି କିଛି ହକି ସଂଗଠକ, ଅଧିକାରୀ ଏବଂ କର୍ମକର୍ତ୍ତା ହରଡଘଣାରେ ପଡିବାର ଯଥେଷ୍ଟ ସମ୍ଭାବନା ରହିଛି।

# ଇଣ୍ଡିଆନ୍ ଗ୍ରାଁ ପ୍ରି-୪ : ଅମିୟ-ଆର୍ଯ୍ୟନ୍ ୧-୨, ଶ୍ରାବଣୀ ପୁଣି ପ୍ରଥମ

ଭୁବନେଶ୍ୱର: କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ଇଣ୍ଡିଆନ୍ ଗ୍ରାଁ ପ୍ରି-୪ରେ ତିନି ଓଡିଆ ତାରକା ଅମିୟ ମଲ୍ଲିକ୍, ଶ୍ରାବଣୀ ନନ୍ଦ ଓ ଆର୍ଯ୍ୟନ୍ ଏକ୍କା ଆଶାଜନକ ଭାବେ ଭଲ ପ୍ରଦର୍ଶନ କରିଛନ୍ତି। ସମ୍ମାନଜନକ ପୁରୁଷ ୧୦୦ ମିଟର ଦୌଡରେ ଅମିୟ ଏବଂ ଆର୍ଯ୍ୟନ୍ ୱାନ୍-ଟୁ ଫିନିସ୍ ପାଇ ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଯାହା ରାଜ୍ୟ ଦୌଡକୁଦ ପାଇଁ ଏକ ବହୁତ ବଡ ଖୁସି ଖବର ଥିଲା। ଏଠାରେ ଆୟୋଜିତ ଇଣ୍ଡିଆନ୍ ଗ୍ରାଁ ପ୍ରି-୩ରେ ଅମିୟଙ୍କୁ ଆର୍ଯ୍ୟନ୍ ପଛରେ ପକାଇ ନୂଆ ନାୟକ ଭାବେ ଉଭା ହୋଇଥିଲେ। ମଙ୍ଗଳବାର କିନ୍ତୁ ଜାତୀୟ କୀର୍ତ୍ତିମାନଧାରୀ ଅମିୟ ନିଜ ପ୍ରଦର୍ଶନର ସ୍ତର ବଢ଼ାଇ ପ୍ରଥମ ସ୍ଥାନ ଅଧିକାର କରିନେଇଥିଲେ। ତାଙ୍କ ଟାଇମିଂ ଥିଲା ୧୦.୭୪ ସେକେଣ୍ଡ୍। ଆର୍ଯ୍ୟନ୍ ୧୦.୮୬ ସେକେଣ୍ଡ ଟାଇମିଂ ସହ ଦ୍ୱିତୀୟ ସ୍ଥାନରେ ରହିଥିଲା ବେଳେ ମହାରାଷ୍ଟ୍ରର ବିବେକ ହେଗିସ୍ତେ (୧୦.୯୫ ସେକେଣ୍ଡ) ତୃତୀୟ ସ୍ଥାନରେ ରହିଥିଲେ। ପୁରୁଷ ୧୦୦ ମିଟରର ଚାରିଟି ଯାକ ଦୌଡକୁ ମିଶାଇ ଶ୍ରେଷ୍ଠ ଟାଇମିଂ ଅନୁସାରେ ଅମିୟ, ଆର୍ଯ୍ୟନ୍ ଓ ବିବେକ ପ୍ରଥମ ତିନି ସ୍ଥାନରେ ରହିଥିଲେ।



# କେଜିଏଫ ୩ରେ ହ୍ରିତିକ ରୋଶନଙ୍କ ଏଣ୍ଟ୍ରି !



ସାଉଥ ସୁପରଷ୍ଟାର ଯଶଙ୍କ କେଜିଏଫ ୨ ବକ୍ସ ଅଫିସରେ ରେକର୍ଡ ପରେ ରେକର୍ଡ କରିଛି। ଫିଲ୍ମକୁ ଦର୍ଶକଙ୍କ ଖୁବ୍ ଭଲ ପାଇବା ମିଳିଛି। ସିନେ ସମୀକ୍ଷକ ଫିଲ୍ମର ଖୁବ୍ ପ୍ରଶଂସା କରିଛନ୍ତି। ରିଲିଜ୍ ହେବା ପରଠୁ ଫିଲ୍ମ ସିନେ ଜଗତରେ ଚହଳ ପକାଇଛି। କେଜିଏଫ ଚାପ୍ଟର ୨ରେ ସଞ୍ଜୟ ଦତ୍ତ ଏବଂ ରବିନା ଟଣ୍ଡନ ମଧ୍ୟ ଅଭିନୟ କରିଛନ୍ତି। ଏବେ ଏହି ଚର୍ଚ୍ଚା ଆରମ୍ଭ ହୋଇଛି ଯେକ କେଜିଏଫ ଚାପ୍ଟର ୩ରେ ଆଉ ଜଣେ ବଲିଉଡ ଅଭିନେତାଙ୍କ ଏଣ୍ଟ୍ରି ହୋଇପାରେ। ଖବର ଏହା ଯେ, କେଜିଏଫ ଚାପ୍ଟର ୩ରେ ବଲିଉଡ ସୁପରଷ୍ଟାର ରତିକ ରୋଶନ ନଜର ଆସିବେ। ହେଲେ ଏ ପର୍ଯ୍ୟନ୍ତ ଏହି ଖବରକୁ ନେଇ କୌଣସି ଆନୁଷ୍ଠାନିକ ଘୋଷଣା ହୋଇ ନାହିଁ। ମାତ୍ର କୁହାଯାଉଛି ଯେ, ଫିଲ୍ମ ଉପରେ କାମ ଆରମ୍ଭ ହୋଇ ଯାଇଛି। ଏହାକୁ ନେଇ ରତିକ ରୋଶନଙ୍କ ସହ ନିର୍ମାତା ଆଲୋଚନା କରିଛନ୍ତି। ଯଦି ସବୁ କିଛି ଠିକ୍ ରହେ ତେବେ ରତିକ ରୋଶନଙ୍କୁ ଫିଲ୍ମରେ ଦେଖିବାକୁ ମିଳିବ। ସଂପ୍ରତି ଫିଲ୍ମ ନିର୍ଦ୍ଦେଶକ ପ୍ରଶାନ୍ତ ନିଲ୍ ନିଜର ଦ୍ୱିତୀୟ ପ୍ରୋଜେକ୍ଟ 'ସାଲାର'ରେ ବ୍ୟସ୍ତ ଅଛନ୍ତି। ମିଡିଆ ରିପୋର୍ଟ୍ସ ଅନୁଯାୟୀ, ଫିଲ୍ମର କାଷ୍ଟିଂ ଉପରେ କାମ ଆରମ୍ଭ ହୋଇ ଯାଇଛି। ଏଥର ନିର୍ମାତା ଯଶଙ୍କ ସହିତ ରତିକ ରୋଶନଙ୍କୁ ନେବା ଉପରେ ଯୋଜନା କରୁଛନ୍ତି। ଏହା ଉପରେ ରତିକ ରୋଶନ କଣ ଜବାବ ଦେଉଛନ୍ତି ତାହା ଦେଖିବା ବାକି ରହିଲା। କାରଣ ଏହା ପୂର୍ବରୁ ରତିକ ରୋଶନଙ୍କୁ କିଛି ସାଉଥ ଫିଲ୍ମ ଅଫର ମିଳି ସାରିଛି। ହେଲେ ଅଭିନେତା ଅଫର ଗ୍ରହଣ କରିନଥିଲେ। ଏଥିରେ ଏସଏସ ରାଜାମୌଲୀଙ୍କ ବ୍ଲକ ବଷ୍ଟର ଫିଲ୍ମ ବାହୁବଳୀ ମଧ୍ୟ ସାମିଲ୍। ପ୍ରଭାସଙ୍କୁ ପୂର୍ବରୁ ବାହୁବଳୀ ପାଇଁ ଏସଏସ ରାଜାମୌଲୀ ରତିକ ରୋଶନଙ୍କୁ ଅଫର ଦେଇଥିଲେ। ଏହି ଫିଲ୍ମରେ କାମ କରିବାକୁ ରତିକ ମନା କରି ଦେଇଥିଲେ। ଏହା ପରେ ଫିଲ୍ମ ପ୍ରଭାସଙ୍କ ନିକଟକୁ ଆସିଥିଲା। ଏହି ଫିଲ୍ମ ପ୍ରଭାସଙ୍କ ଭାଗ୍ୟ ବଦଳାଇ ଦେଇଥିଲା। ଫିଲ୍ମଟି କେବଳ ସାଉଥ ନୁହେଁ ସମଗ୍ର ଦେଶରେ ଚହଳ ପକାଇଥିଲା। ଏବେ ଦେଖିବା ବାକି ରହିଲା କେଜିଏଫ ଚାପ୍ଟର ୩କୁ ନେଇ କଣ ଜବାବ ଦେଉଛନ୍ତି ରତିକ ରୋଶନ।

# ବିଫଳ ଛାତ୍ରୀ, ସଫଳ ଅଭିନେତ୍ରୀ

ବେଳେ ବେଳେ ଗୋଟିଏ କ୍ଷେତ୍ରର ବିଫଳତା ଜଣଙ୍କ ପାଇଁ ଅନ୍ୟ କ୍ଷେତ୍ରର ଚରମ ସଫଳତା ଭାବେ ଉଭା ହୋଇଥାଏ। ଅଭିନେତ୍ରୀ ଶିଳ୍ପା ସିନ୍ଦେଙ୍କ କ୍ଷେତ୍ରରେ ସେପରି କିଛି ଘଟିଛି। ଶିକ୍ଷାକ୍ଷେତ୍ରରେ ଶ୍ରେଷ୍ଠତ୍ୱ ହାସଲ ପାଇଁ ନିଜ ପିତାଙ୍କ ସ୍ୱପ୍ନ ପୂରଣ କରିବାରେ ସଂପୂର୍ଣ୍ଣ ବିଫଳ ହୋଇଥିବା ଶିଳ୍ପା କିନ୍ତୁ ଅଭିନୟରେ ନିଜସ୍ୱ ପରିଚୟ ସୃଷ୍ଟି କରିପାରିଛନ୍ତି। ମୁମ୍ବାଇରେ ଏକ ରକ୍ଷଣଶୀଳ ମରାଠୀ ପରିବାରରେ ୧୯୭୭ ଅଗଷ୍ଟ ୨୮ ତାରିଖରେ ଜନ୍ମିତ ଶିଳ୍ପାଙ୍କ ପିତା ହାଇକୋର୍ଟର ଜଣେ ବିଚାରପତି ଥିଲେ। ପ୍ରଥମେ ମନସ୍ତତ୍ତ୍ୱ ବିଜ୍ଞାନରେ ସ୍ନାତକ ଡିଗ୍ରି ହାସଲ କରିବାରେ ଅକୃତକାର୍ଯ୍ୟ ହେବା ପରେ ଶିଳ୍ପାଙ୍କୁ ଆଇନ ଶାସ୍ତ୍ରରେ ଜୀବନ ଗଢ଼ିବା ପାଇଁ ତାଙ୍କ ପିତା ଇଚ୍ଛା କରିଥିଲେ। ମାତ୍ର ଶିଳ୍ପା ତାହା ମଧ୍ୟ କରିବାରେ ବିଫଳ ହୋଇଥିଲେ। ତେବେ ଅଭିନୟ ପ୍ରତି ଆଣି ଦୁର୍ବଳତା ନଥିବା ଶିଳ୍ପା ଶେଷରେ ଅନନ୍ୟୋପାୟ ହୋଇ ନିଜ ସୁଠାମ ଚେହେରାକୁ ପୁଞ୍ଜି କରି ଗ୍ଲାମର ଜଗତ୍‌ରେ ପାଦ ଦେବା ପାଇଁ ମନ ବଳାଇଥିଲେ। ୧୯୯୯ରେ ସେ ଟିଭି ଅଭିନୟରେ ପ୍ରଥମ ପଦାର୍ପଣ କରିଥିଲେ ହେଁ ୨୦୦୨ର ଧାରାବାହିକ 'ଭାବୀ' ପାଇଁ ଲୋକଲୋଚନକୁ ଆସିଥିଲେ। ଅବଶ୍ୟ ୨୦୦୧ରେ ତାଙ୍କ ଅଭିନୀତ 'କଭି ଆୟେ ନା ଜୁଦାୟି' ଓ ୨୦୦୨ର 'ସଞ୍ଜୀବନୀ' ଧାରାବାହିକ କିଛିମାତ୍ରାରେ ଦର୍ଶକୀୟ ସ୍ୱୀକୃତି ଅଜାଡ଼ି ତାଙ୍କୁ ଉତ୍ସାହିତ କରିଥିଲା। ସେହିପରି ୨୦୦୨ରେ 'ଆମ୍ରପଲି'ରେ ତାଙ୍କ ଅଭିନୀତ ମୁଖ୍ୟ ଚରିତ୍ର ତାଙ୍କୁ ଆଶାତୀତ ଭାବେ ଲୋକପ୍ରିୟ କରାଇଥିଲା। ଏହି ଅବସରରେ 'ଛିନା' ଓ 'ଶିବାନି' ପରି ଦୁଇ ଦୁଇଟି ତେଲୁଗୁ ଫିଲ୍ମରେ କାମ କରିବାର ସୁଯୋଗ ପାଇଥିଲେ ହେଁ ତାଙ୍କୁ ସେଭଳି ସଫଳତା ମିଳିନଥିଲା। ତେଣୁ ସେ ସିନେମା କଥା ଭୁଲିଯାଇ ଟିଭି ଧାରାବାହିକକୁ ହିଁ ଜାବୁଡ଼ି ଧରିଲେ ଯାହା ତାଙ୍କୁ ଉଭୟ ସ୍ୱୀକୃତି ଓ ଖ୍ୟାତି ଯୋଗାଇଥିଲା। ପଛକୁ ପଛ 'ତୁମ୍ ବିନ୍ ଯାଉଁ କହାଁ', 'ଆନ୍ଧି', 'ଆବାଜ-ଦିଲ୍ ସେ ଦିଲ୍ ତକ', 'ହାତିମ୍' ଓ 'ମିସ୍ ଇଣ୍ଡିଆ' ଆଦି ଧାରାବାହିକରେ ତାଙ୍କର ବହୁମୁଖୀ ଭୂମିକା ଦର୍ଶକ ମହଲରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଥିଲା। ଯଦିଓ ନିଜର ଅଭିନୟ ଦକ୍ଷତା ପାଇଁ ସେ ସେଭଳି କୌଣସି ଜାତୀୟ ସ୍ତରୀୟ ସମ୍ମାନ ହାସଲ କରିପାରିନାହାନ୍ତି, ତେବେ 'ଚିଡ଼ିୟା ଘର', 'ସାବଧାନ ଇଣ୍ଡିଆ', ଓ 'ଦୋ ଦିଲ ଏକ ଜାନ' ଆଦି ଧାରାବାହିକ ତାଙ୍କୁ ତିଷ୍ଠି ରହିବା ପାଇଁ ଖୋରାକ ଯୋଗାଇବା ସହ ହାସ୍ୟରସାତ୍ମକ ଧାରାବାହିକ 'ଭାବୀ ଜୀ ଘର ପର ହୈ'ରେ ତାଙ୍କର ପୋଖତ ଅଭିନୟ ଦର୍ଶକଙ୍କୁ ଦୁଇ ବର୍ଷ ଧରି ମତୁଆଲା କରିଦେଇଥିଲା।



# ପରସ୍ପରକୁ ସୋସିଆଲ ମିଡିଆରେ ଆକ୍ଷେପ ନକରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ



ବର୍ଷା ଅନୁଭବ ପାରିବାରିକ ବିବାଦ ପ୍ରସଙ୍ଗ । ପରସ୍ପରକୁ ସୋସିଆଲ ମିଡିଆରେ ଆକ୍ଷେପ ନକରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ । ବର୍ଷାଙ୍କ ଆବେଦନର ଶୁଣାଣି କରି ଏହି ଅନ୍ତରୀଣ ନିର୍ଦ୍ଦେଶ ଦେଲେ କୋର୍ଟ । ସୋସିଆଲ ମିଡିଆରେ ତାଙ୍କ ସମ୍ମାନ ହାନୀ ହେଉଥିବା ନେଇ ଆପତ୍ତି ଉଠାଇଥିଲେ ବର୍ଷା । ଏହାର ଶୁଣାଣି କରି ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ଜୁଲାଇ ୪ ରେ ହେବ ପରବର୍ତ୍ତୀ ଶୁଣାଣୀ ।

ସୂଚନା ଥାଉକି, ସୋସିଆଲ ମିଡିଆରେ ସମ୍ମାନ ହାନୀ ହେଉଥିବା ନେଇ ଆପତ୍ତି ଉଠାଇଥିଲେ ବର୍ଷା । ଆପତ୍ତିଜନକ ପୋଷ୍ଟ ଉପରେ ଅଙ୍କୁଶ ଲଗାଇବାକୁ ଆବେଦନ କରିଥିଲେ ବର୍ଷା । ଗତ କିଛି ଦିନ ତଳେ ପୁରିଘାଟ ଥାନାରେ ବର୍ଷା ପ୍ରିୟଦର୍ଶିନୀଙ୍କ ଲିଖିତ ଅଭିଯୋଗ କରିଥିଲେ । ଏତଲାରେ ବର୍ଷା ଅଭିଯୋଗ କରି ଲେଖିଥିଲେ, ଅନୁଭବ ମନଗଢ଼ା ଭିଡିଓ କରି ସୋସିଆଲ ମିଡିଆରେ ପୋଷ୍ଟ କରୁଛନ୍ତି । ଯେଉଁଥିରେ ତାଙ୍କୁ ଆକ୍ଷେପ କରି ଅନେକ କିଛି କହିଛନ୍ତି । ତାଙ୍କ ନାରୀତ୍ୱକୁ ଅପମାନ କରିଛନ୍ତି । ମିଡିଆ ମାଧ୍ୟମରେ ଚରିତ୍ର ସଂହାର କରି ତାଙ୍କ ବିରୋଧରେ ଷଡଯନ୍ତ୍ର କରୁଛନ୍ତି । ଭିତ୍ତିହୀନ କାହାଣୀ ସଜେଇ ସମାଜରେ ମର୍ଯ୍ୟାଦାର ସହିତ ବଞ୍ଚିବାର ଅଧିକାରୀ ଛଡାଇ ନେଉଛନ୍ତି ବୋଲି ଦାବି କରିଥିଲେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀ ।

Printed, Published and Owned by Badri Narayan Mohanty, Published From: Sector -1/163 HIG Duplex , Niladri Vihar, Po- Sailashree Vihar, Bhubaneswar- 751021
Printed at Gayatri Industries, TS 3/193, Mancheswar Ind. Estate, Bhubaneswar- 751010.
Mob: +91- 9437073823, E-mail: odishasanket@gmail.com
ସଂପାଦକ - ବଦ୍ରିନାରାୟଣ ମହାନ୍ତି
Editor - Badri Narayan Mohanty